# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 43 •ISSUE-1 •BHUBANESWAR •WEDNESDAY •25 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧ •ଭୁବନେଶ୍ୱର •ବୁଧବାର •୨୫ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




## ଡକେଟ୍‌ଙ୍କ ଶତକ


▶ପୃଷ୍ଠା ୧୨ ଦେଖନ୍ତୁ...





# ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

**ଫୁଟିଲା ଗୁଳି, ବୁଲିଲା ଖଣ୍ଡା**

## ପୁଅ ମୃତ, ମା' ସମେତ ୩ ଦରମରା

**ଅଶାନ୍ତ ମୟୂରଭଞ୍ଜ**

ବାରିପଦା, ୨୪।୬ (ସମିସ): ଅଶାନ୍ତ ମୟୂରଭଞ୍ଜ। ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିନକୁ ଦିନ ଅପରାଧର ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଗତକାଲି ଏକ ମଦ ଦୋକାନର ସେଲ୍ସ ମ୍ୟାନେଜର୍‌ଙ୍କୁ ଗୁଳିମାଡ଼ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଆଜି ଦୁଇ ଦୁଇଟି ଆପରାଧିକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷକୁ କେନ୍ଦ୍ର କରି ଆଜି ବାରିପଦା ସହରରେ ଗୁଳି ଫୁଟିବା ଓ ଖଣ୍ଡା ବୁଲିବା ସହ ଜଣଙ୍କର ମୁଣ୍ଡ ଗଡ଼ିଛି। ସେହିପରି ଜିଲ୍ଲାର କୁଳିଅଣା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମ୍ୟ ବ୍ୟାଙ୍କରୁ ସ୍ପଷ୍ଟ ଦିବାଲୋକରେ ଡକାୟତମାନେ ବନ୍ଧୁକ ମୁନରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି।

ସୂଚନାନୁଯାୟୀ, ବାରିପଦା ଟାଉନ୍ ଥାନା ଅଧୀନ କାଳିକାପୁରରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଳିମାଡ଼ ଓ ଖଣ୍ଡାଚୋଟରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମା' ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, କାଳିକାପୁର ୱାର୍ଡ ନଂ୨୪ର ରାଜୁ ଘଡ଼େଇ(୩୫)। ଆହତମାନେ ହେଲେ, ମୃତ ରାଜୁର ମାଆ ସାବିତ୍ରୀ ଘଡ଼େଇ ଓ ଆକାଶ ମୁଖୀ ଓ କୁନ୍ଦନ ମୁଖୀ। ସେମାନଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଜଣେ ଆହତ ଶିଳ୍ପା ମୁଖୀ ବାରିପଦାରେ ଚିକିତ୍ସାଧୀନ ଅଛନ୍ତି। ଛେଳି ଚୋରିକୁ ନେଇ ଆଜି ଅପରାହ୍ଣ ପ୍ରାୟ ୩ଟାରେ ରାଜୁ ଓ ଆକାଶଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜୁ ଏବଂ ତାଙ୍କ ମା' ସାବିତ୍ରୀ ଅସ୍ତ୍ରଶସ୍ତ୍ର ଧରି ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଆକାଶ ପାଖରେ ରଖିଥିବା ଏକ ବନ୍ଧୁକରୁ ଗୁଳି ଚଳାଇବାରୁ ରାଜୁ ଗୁରୁତର ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଖଣ୍ଡା ଓ ଭୁଜାଲିରେ ହଣାକଟା ହେବାରୁ ୫ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ରାଜୁର ମୃତ୍ୟୁ ଘଟିଥିଲା।

ଏହି ଖବର ପ୍ରଚାରିତ ହେବା ପରେ ଉଭୟ ପରିବାର ପକ୍ଷରୁ ଶତାଧିକ ମହିଳା ପୁରୁଷ ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏପରିକି, ଘଟଣାସ୍ଥଳକୁ ଆସିଥିବା ପୁଲିସ୍‌କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ଫଳରେ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌କୁ ବି ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଡାକ୍ତରଖାନା ପରିସରରେ ଅଧିକ ପୁଲିସ୍ ମୁତୟନ କରାଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଛି।

# ଗ୍ରାମ୍ୟ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

ବାରିପଦା/କୁଳିଅଣା, ୨୪।୬ (ସମିସ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର କୁଚେଇ ଛକରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଆଜି ଏକ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଅପରାହ୍ଣରେ ଦୁଇଟି ବାଇକ୍‌ରେ ୬ଜଣ ଡକାୟତ ବ୍ୟାଙ୍କ୍ ଭିତରକୁ ଧସେଇ ପଶିବା ସହ କର୍ମଚାରୀ ଓ ଲୋକଙ୍କୁ ଖଣ୍ଡା, ଭୁଜାଲି ଦେଖାଇ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୯ ଗ୍ରାମ୍ ସୁନା, ମୋବାଇଲ୍ ଲୁଟି ନେଇଛନ୍ତି। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ବ୍ୟାଙ୍କରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କକୁ ବି ନେଇ ଯାଇଛନ୍ତି। ଏପରିକି, ଗଲାବେଳେ ସେମାନେ ସମସ୍ତଙ୍କୁ ବାହାରୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ କୁଳିଅଣା ପୁଲିସ୍ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ବାଲେଶ୍ୱର ଡିଆଇଜି ସତ୍ୟଜିତ ନାୟକ, ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଡପାଲ୍ଲି, ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଖବର ଲେଖାହେବା ସୁଦ୍ଧା ଏହି ଘଟଣାରେ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଏହି ଖବର ଆଜି ଜିଲ୍ଲାରେ ଭୟର ବାତାବରଣ ସୃଷ୍ଟି କରିଛି। ସୂଚନାନୁଯାୟୀ, ଡକାୟତମାନେ ଉପରମହଲାରେ ଥିବା ବ୍ୟାଙ୍କ ପ୍ରକୋଷ୍ଠରେ ବନ୍ଧୁକ ଓ ଭୁଜାଲି ଧରି ପଶିଥିଲେ। ସେତେବେଳେ ବ୍ୟାଙ୍କ ଭିତରେ ବ୍ୟାଙ୍କ ମ୍ୟାନେଜର୍ ରଞ୍ଜିତା ସୋରେନ, କ୍ୟାସିୟର ସୂର୍ଯ୍ୟପ୍ରଭା ମଲ୍ଲିକଙ୍କ ସହ ୩ ମହିଳା କର୍ମଚାରୀ ଏବଂ ୮ରୁ ୧୦ଜଣ ଗ୍ରାହକ ଉପସ୍ଥିତ ଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ୫ଜଣ ଗ୍ରାହକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଗୋଟିଏ ପଟକୁ ନେଇଯିବା ପରେ ମ୍ୟାନେଜର୍‌ଙ୍କୁ ଡରାଇ ଧମକାଇ ତାଙ୍କ ପାଖରୁ ଷ୍ଟ୍ରଙ୍ଗରୁମ୍‌ର ଚାବି ଛଡ଼ାଇ ନେଇଥିଲେ। ପରେ ସେମାନେ ଷ୍ଟ୍ରଙ୍ଗରୁମ୍‌ର ତାଲା ଖୋଲି ୮ ଲକ୍ଷରୁ ଅଧିକ ଟଙ୍କା ଓ ୯ ଗ୍ରାମ୍ ସୁନା ନେଇ ପଳାଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀ ଓ ବଙ୍ଗଳା ଭାଷାରେ କଥା ହେଉଥିଲେ। ଯିବାବେଳେ ବ୍ୟାଙ୍କର ବାହାର ପଟୁ ଚାବି ପକାଇଦେଇ ପଳାଇଥିଲେ। ପରେ ମୋବାଇଲ ଗୁଡ଼ିକୁ ତଳେ ପକାଇ ୨ଟି ବାଇକରେ ଖସି ପଳାଇଥିଲେ।

# ନିବେଶ ନାଁରେ ୭କୋଟି ଠକେଇ

## 'ଏମ୍‌ବିଏ ଠକ' ସହ ୩ ଗିରଫ







କଟକ, ୨୪।୬(ସମିସ): ଦୁଇଟି ପୃଥକ୍ ଘଟଣାରେ ଅନଲାଇନ୍ ନିବେଶ ନାଁରେ ଲୋଭ ଦେଖାଇ ଠକିଥିବା ମୋଟ ୩ ସାଇବର୍ ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଏମବିଏ ଡିଗ୍ରୀଧାରୀ ରହିଥିବା ଜଣାପଡ଼ିଛି। ଆଇପିଓ ଓ ଓଟିସି ଟ୍ରେଡିଂରେ ଟଙ୍କା ନିବେଶ କରି ଅଧିକ ଅର୍ଥ ପାଇବାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧କୋଟି ୩ଲକ୍ଷ ୫୦ ହଜାର ଟଙ୍କା ଠକିନେବା ଅଭିଯୋଗରେ ଜଣେ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେ ହେଲା, ବେଙ୍ଗାଲୁରୁ ବିସିସି ଲେଆଉଟ୍ ନିବାସୀ ତଥା ଡିସିଏକ୍ସ ଟେକ୍ନୋଲୋଜିର ଫାଇନାନ୍ସ ମ୍ୟାନେଜର ଗଣେଶ କେ.ସେଟ୍ଟୀ(୪୮)। ଅଭିଯୁକ୍ତକୁ କଟକ ଜେଏମଏଫସି ଅଦାଲତରେ ହାଜର କରାଯାଇଛି। ସେହିଭଳି ଆଉ ଜଣେ ବ୍ୟକ୍ତିଙ୍କଠାରୁ ୬କୋଟି ୪ଲକ୍ଷ୫୩ହଜାର ଟଙ୍କା ଠକେଇ ଘଟଣାରେ ମହାରାଷ୍ଟ୍ର ଓ ପୁଣେରୁ ଦୁଇ ଠକ ଗିରଫ ହୋଇଛନ୍ତି। ସେମାନେ ହେଲେ, ଏମ୍‌ବିଏ ଡିଗ୍ରୀ ଧାରୀ ସ୍ୱପ୍ନିଲ ଗୋରଖା ଢୋକାଲେ ଓ ସ୍ନାତକ ଡିଗ୍ରୀଧାରୀ ଆଜାଜ ସାଫିକ। ତଦନ୍ତକାରୀ ଟିମ୍ ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି।

**■ ମହାକାଳପଡ଼ାର 'କ୍ରୋକୋଡାଇଲ୍ ମ୍ୟାନ୍'**

# କୁମ୍ଭୀର ସହ ଲଢ଼ି ଜୀବନ ବଞ୍ଚାଇଲେ

ମହାକାଳପଡ଼ା,୨୪।୬(ସମିସ): ମଝି ନଦୀରେ କୁମ୍ଭୀର ସହ ଲଢ଼ି ଜଣେ ୬୦ବର୍ଷୀୟ ବୃଦ୍ଧ ନିଜ ଜୀବନ ବଞ୍ଚାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା



ମହାକାଳପଡ଼ା ବ୍ଲକ୍ ବଉଳକଣି ପଞ୍ଚାୟତର ଅରୁଣନଗର ଗାଁରେ ଘଟିଥିବା ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧଜଣଙ୍କ ହେଲେ, ଗାଁର ପ୍ରଭାତ ମଣ୍ଡଳ।

ପ୍ରଭାତ ରାମଚଣ୍ଡୀ ଗଳିଆ ନଦୀ ପାର୍ଶ୍ୱରେ ଥିବା ନିଜ ଚାଷ ଜମିରେ ତଳି ପକାଇବା ପାଇଁ ଯାଇଥିଲେ। ଏହା ପୂର୍ବରୁ ସେ ଶୌଚ ହେବାକୁ ନଦୀକୂଳକୁ ଯାଇଥିବା ବେଳେ ସେଠାରେ ଏକ ଗଛ ମୂଳେ ଛକି ରହିଥିବା ବିଶାଳକାୟ କୁମ୍ଭୀର ତାଙ୍କୁ ଆକ୍ରମଣ କରି ନଦୀ ମଝିକୁ ଟାଣିନେଇଥିଲା। କିନ୍ତୁ ନଦୀର ପ୍ରଖର ସୁଅ ମଧ୍ୟରେ ପ୍ରଭାତ କୁମ୍ଭୀର ସହ ପାଖାପାଖି ୧୦ ମିନିଟ୍ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଥିଲେ। କୁମ୍ଭୀର ଆଖିରେ ଆଙ୍ଗୁଠି ଗେଞ୍ଜି ସେ ଚତୁରତାର ସହ ଉପରକୁ ଉଠି ଆସିଥିଲେ। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପ୍ରଭାତଙ୍କୁ ଉଦ୍ଧାର କରି ସ୍ଥାନୀୟ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରଭାତଙ୍କ ଡାହାଣ ହାତରେ ୧୦ଟି ଷ୍ଟିଚ୍ ପଡ଼ିଥିବା ବେଳେ ଜଙ୍ଘରେ ୪ଟି ଷ୍ଟିଚ୍ ପଡ଼ିଛି। ବର୍ତ୍ତମାନ କୁମ୍ଭୀର ପ୍ରଜନନ ଋତୁ ଚାଲିଥିବାରୁ ଏହି ସମୟରେ ସେମାନେ ଅଧିକ ହିଂସ୍ର ହୋଇଥା'ନ୍ତି। ତେବେ ପ୍ରଭାତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

**ବିଧାୟକଙ୍କୁ ବିରୋଧରୁ ହିଂସା**

# ବିଜେପି କର୍ମୀଙ୍କ ଢେଲାମାଡ଼ରେ ପୁଲିସ୍ ଘାଇଲା

ଆଠଗଡ଼, ୨୪।୬ (ସମିସ): ଆଠଗଡ଼ ପଞ୍ଚାୟତ ସମିତିର ୧୦ମ ବୈଠକ ହେବା ପୂର୍ବରୁ ଆଜି ପଞ୍ଚାୟତ ସମିତି କାର୍ଯ୍ୟାଳୟ ରଣକ୍ଷେତ୍ର ପାଲଟିଛି। ସମିତିର ୧୦ମ ବୈଠକରେ ସ୍ଥାନୀୟ ବିଧାୟକ ଯୋଗଦେବାକୁ ସହ୍ୟ କରି ନପାରି ବିଜେପି କର୍ମୀମାନେ ରକ୍ତମୁଖା ହୋଇପଡ଼ିଥିଲେ। ବିଧାୟକ ଆସିବା ପୂର୍ବରୁ ବିଜେପି କର୍ମୀମାନଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଥିଲା।

**■ ଢେଲାମାଡ଼ରେ ଏସ୍‌ଡିପିଓଙ୍କ ଆଖିପତା ଫାଟିଲା**
**■ ପୁଲିସର ଲାଠିଚାର୍ଜ, ୧୬୩ ଧାରା ଲାଗୁ**

ସେମାନେ ପୁଲିସ୍ ଉପରକୁ ଢେଲା, ପଥର, ଚପଲ, ପାଣିବୋତଲ ଓ ଅଣ୍ଡାମାଡ଼ କରିଥିଲେ। ଏଥିରେ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତିଙ୍କ ସମେତ ବହୁ ପୁଲିସ୍ ଲହୁଲୁହାଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଘଟଣାସ୍ଥଳରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ଆଠଗଡ଼ ପୁଲିସ୍ ମୃଦୁ ଲାଠିଚାଳନା କରିବାକୁ ବାଧ୍ୟ ହୋଇଥିଲା।

ସୂଚନା ମୁତାବକ, ଆଠଗଡ଼ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବହୁ ବିଜେପି କର୍ମୀ ସମବେତ ହୋଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଆଗମନ ବା ପଞ୍ଚାୟତ ସମିତି ବୈଠକରେ ଯୋଗଦାନକୁ ବିରୋଧ କରିଥିଲେ।







ବିଜେପି କର୍ମୀଙ୍କ ବିରୋଧକୁ ଖାତିର ନ କରି ବିଧାୟକ ଶ୍ରୀ ସ୍ୱାଇଁ ଦିନ ପ୍ରାୟ ୧୧ଟାରେ ବୈଠକ ଗୃହକୁ ଯାଇଥିଲେ। ତେବେ ବିଜେପି କର୍ମୀମାନେ ହୋ-ହଲ୍ଲା କରିବାରୁ ପୁଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ସେମାନେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଡ଼କୁ ପଳାଇ ଯାଇ ପୁଲିସ୍ ଉପରକୁ ଅଣ୍ଡା ଓ ଢ଼େଲା ପଥର ମାଡ଼ କରିଥିଲେ। ତେବେ ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ୍ ଘଟଣାସ୍ଥଳରେ ବିଏନ୍‌ଏସ୍ ଧାରା ୧୬୩ ଲାଗୁ କରିଥିଲା। ଏହାକୁ ଖାତିର୍ ନକରି କର୍ମୀମାନେ ଆଖିବୁଜା ପଥର ମାଡ଼ କରିଥିଲେ। ଏଥିରେ ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତିଙ୍କ ଆଖିରେ ଢ଼େଲାମାଡ଼ ହୋଇ ଗୁରୁତର କ୍ଷତ ହୋଇଥିଲା। ସେହିଭଳି ଟିଗିରିଆ ଥାନା ସବଇନ୍ସପେକ୍ଟର୍ ବିଶ୍ୱଜିତ ଜେନାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏତଦ୍‌ବ୍ୟତୀତ ଅନ୍ୟ ପୁଲିସ କର୍ମଚାରୀମାନେ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ପ୍ରଥମେ ଆଠଗଡ଼ ଓ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ବିଜେପି କର୍ମୀଙ୍କ ଆକ୍ରମଣରେ ପୁଲିସ ପ୍ରତିକ୍ରିୟାଶୀଳ ହୋଇ ଲାଠିଚାର୍ଜ କରିଥିଲା। ଦିନତମାମ ଆଠଗଡ଼ ଏନ୍‌ଏସି ଅଫିସ୍‌ଠାରୁ ଅଦାଲତ ସମ୍ମୁଖ ପର୍ଯ୍ୟନ୍ତ ପୁଲିସ ଛାଉଣୀ ଓ କାର୍ଯ୍ୟାନୁଷ୍ଠାନ ଭୟର ବାତାବରଣ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ଆଠଗଡ଼ ସହରରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ଅପରପକ୍ଷେ, ବିଜେପି କର୍ମୀଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଇଛି। କଟକ ଜିଲ୍ଲା (ଗ୍ରାମାଞ୍ଚଳ) ବିଜେପି ସଭାପତି ରାମନାରାୟଣ ମହାନ୍ତି ଏ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ବିଜେପି ଦଳ ଗୋଟିଏ ଶୃଙ୍ଖଳିତ ଦଳ ଓ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ, ବୈଠକ ସରିବା ପରେ ବିଧାୟକ ଶ୍ରୀ ସ୍ୱାଇଁ ଆଠଗଡ ସରକାରୀ ଡାକ୍ତରଖାନାକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି। ଆହତ ପୁଲିସ କର୍ମଚାରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

**ରଥଯାତ୍ରା ସମୀକ୍ଷା କଲେ ପୁଲିସ ଡିଜି**

# ପ୍ରଥମଥର ମୁତୟନ ହେବେ ଏନ୍‌ଏସ୍‌ଜି ସ୍ନାଇପର

ପୁରୀ,୨୪।୬(ସମିସ): ଚଳିତବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ଟାଉନ୍ ହଲ୍ ପରିସରରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଟ୍ରାଫିକ୍ ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସମସ୍ତେ ଯେପରି ଶ୍ରୀକ୍ଷେତ୍ର ମାଟିରୁ ଭଲ ଅନୁଭୂତି ନେଇ ଫେରିବେ ସେ ନେଇ ପରାମର୍ଶ ଦେଇଛନ୍ତି ପୁଲିସ ଡିଜି ୱାଇ.ବି. ଖୁରାନିଆ। ଅପରପକ୍ଷରେ ଚଳିତବର୍ଷ ପ୍ରଥମଥର ପାଇଁ ରଥଯାତ୍ରାରେ ଏନ୍‌ଏସ୍‌ଜି ସ୍ନାଇପର ମୁତୟନ ହେବେ ବୋଲି ଡିଜି କହିଛନ୍ତି।




ଡିଜିପି କହିଛନ୍ତି, ରଥଯାତ୍ରା କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତାହା ଉପରେ ପୁଲିସ ଗୁରୁତ୍ୱ ଦେଇଛି। ପୁଲିସ ଶ୍ରଦ୍ଧାଳୁଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦିଆଯାଇଛି। ଗତବର୍ଷ ତୁଳନାରେ ଏବର୍ଷ ଅଧିକ ପୁଲିସ ବ୍ୟବସ୍ଥା କରାଯିବ। ବିଭାଗ ତରଫରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରାଯାଇଛି। ଟ୍ରାଫିକ୍, ମନ୍ଦିର ଭିତର, ମନ୍ଦିର ବାହାର, ଭିତର କର୍ଡନ୍, ଗହଳି ନିୟନ୍ତ୍ରଣ ଆଦିକୁ ନେଇ ହୋଇଛି ବ୍ୟବସ୍ଥା। ନୂଆକରି ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ୨୭୫ଟି ଏଆଇ କ୍ୟାମେରା ନଜରରେ ରହିଛି ଶ୍ରୀକ୍ଷେତ୍ର। ଉତ୍ତରାରୁ ପୁରୀ, ପୁରୀରୁ କୋଣାର୍କ ସିସିଟିଭି ଆଚ୍ଛାଦିତ ରହିବ। ଲାଇଭ୍ ଫିଡ୍‌କୁ ଦେଖି କଣ୍ଟ୍ରୋଲ ହେବ। ଟ୍ରାଫିକ୍ ମୋମେଣ୍ଟ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ରହିବ। ଆଣ୍ଟି ଡ୍ରୋନ୍ ସିଷ୍ଟମ୍, ଆଣ୍ଟି ସାବୁଟେଜ୍, ଡଗ୍ ସ୍କ୍ୱାଡ୍ ମୁତୟନ ହେବେ। ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆର୍‌ଏଏଫ୍‌କୁ ମିଶାଇ ୮ କମ୍ପାନୀ ଫୋର୍ସ ରହିବେ। ତଟ ସୁରକ୍ଷା ପାଇଁ ମେରାଇନ୍, କୋଷ୍ଟଗାର୍ଡ, ନ୍ୟାଭି ମିଳିତ ପାଟ୍ରୋଲିଂ କରିବେ। ଏରିୟଲ ସର୍ଭେ ହେବା ସହ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯିବ। ରୁଟ୍ ମ୍ୟାପ୍ ଏବଂ କେଉଁଠି ସଠିକ୍ ଭାବେ ପାର୍କିଂ କରିହେବ ସେଥିଲାଗି ଚାଟ୍‌ବୋଟ୍ ଆପ୍ ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ ତରଫରୁ ହୋଇଛି ବ୍ୟାପକ ବ୍ୟବସ୍ଥା। ୧୦ ହଜାର ପୁଲିସ, ସିଏପିଏଫ୍, ହୋମ୍‌ଗାର୍ଡ ମୁତୟନ ରହିବେ।

# ଚାକିରି ବୟସ ୪୨, ପଢ଼ିବା ପାଇଁ ୩୦!

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟରେ ବିଭିନ୍ନ ଚାକିରି ପାଇଁ ଆବେଦନ ବୟସ ସୀମା ବଢ଼ାଯାଇଛି। ଶାରୀରିକ ଦକ୍ଷତା ପରୀକ୍ଷା ରହୁଥିବା ପଦ ବ୍ୟତୀତ ଅନ୍ୟ ପଦ ପାଇଁ ବୟସ ସୀମା ୩୨ରୁ ୪୨ ବର୍ଷ ହଇଛି। ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୪୨ ବର୍ଷ ଓ ଅନ୍ୟବର୍ଗର ପ୍ରାର୍ଥୀମାନଙ୍କ ବୟସ ଏହା ଉପରେ ଅଧିକ କୋହଳ କରାଯାଇଛି। ଏକ ପକ୍ଷରେ ଚାକିରି ବୟସ ୪୨ ବର୍ଷ କରାଯାଇଥିବାବେଳେ ସିଟି ବା ଡିଇଏଲ୍‌ଇଡି ପଢ଼ିବା ପାଇଁ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ସର୍ବୋଚ୍ଚ ବୟସ ୩୦ ବର୍ଷ ରଖାଯାଇଛି। ସେହିପରି ଅନୁସୂଚୀତ ଜାତି, ଜନଜାତି ଓ ସାମାଜିକ ଆର୍ଥୀକ ପଛୁଆ ବର୍ଗ (ଏସ୍‌ଇବିସି) ବର୍ଗ ପ୍ରାର୍ଥୀଙ୍କ ପାଇଁ ୩୫ ଓ ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ୪୦ ବର୍ଷ ରହିଛି। ଯଦି ୪୨ ବର୍ଷ ପର୍ଯ୍ୟନ୍ତ ଜଣେ ନିଯୁକ୍ତି ପରୀକ୍ଷା ଦେଇ ପାରିବ, ତାହେଲେ ଅଧିକ ବୟସ ପର୍ଯ୍ୟନ୍ତ ଜଣେ କାହିଁକି ପାଠ ପଢ଼ି ପାରିବ ନାହିଁ ବୋଲି ପ୍ରଶ୍ନ ଉଠିଛି। ଚଳିତ ଶିକ୍ଷାବର୍ଷ ସିଟି ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁଲାଇ ୯ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରପାରିବେ। ହେଲେ ଆବେଦନ ପୂର୍ବରୁ ପ୍ରକାଶିତ ସୂଚନା ପୁସ୍ତିକାରେ ଆବେଦନକାରୀଙ୍କ ବୟସସୀମା ନିର୍ଦ୍ଧାରଣ କରାଯାଇଛି। ଫଳରେ ବୟସ ଅତିକ୍ରମ କରିଥିବା ବହୁ ଆଶାୟୀ ଆବେଦନରୁ ବଞ୍ଚିତ ହୋଇଛନ୍ତି। ନିଯୁକ୍ତି ପାଇଁ ବୟସ ବଢ଼ାଯାଇଥିବାବେଳେ ପାଠ ପଢ଼ିବାକୁ କାହିଁକି ଅଙ୍କୁଶ ଲଗାଯାଇଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଶିକ୍ଷକତା ପରି ଶାରୀରିକ ପରୀକ୍ଷା ନ ଥିବା ଚାକିରି ପାଇଁ ଯଦି ସେମାନଙ୍କୁ ସୁଯୋଗ ଦିଆ ନ ଯିବ, ତାହେଲେ ବର୍ଦ୍ଧିତ ବୟସ ସୀମା କାହା ପାଇଁ ରଖାଯାଇଛି ବୋଲି ଆଶାୟୀ ପ୍ରଶ୍ନ କରିଛନ୍ତି।

# ବ୍ୟାଙ୍କ ବ୍ୟାନ୍: ତିନି ଦିନରେ ୟୁ-ଟର୍ଣ୍ଣ

## ୩ ଘରୋଇ ବ୍ୟାଙ୍କ ସହ ଜାରି ରହିବ ନିର୍ଦ୍ଦିଷ୍ଟ ଅର୍ଥ କାରବାର

ଭୁବନେଶ୍ୱର,୨୪।୬(ସମିସ): ଗତ ୨୧ତାରିଖରେ ଦେଶର ସବୁଠାରୁ ବଡ଼ ଘରୋଇ ବ୍ୟାଙ୍କ ତାଲିକାର ପ୍ରଥମରେ ଥିବା ଏଚ୍‌ଡ଼ିଏଫ୍‌ସି, ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କ ସହ ସବୁ କାରବାର ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଲେ। ଏପରିକି ସରକାରୀ ଅନୁବନ୍ଧିତ ସୂଚୀରୁ ଏହି ତିନିଟି ବ୍ୟାଙ୍କକୁ ବାଦ ଦେଲେ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଅସହଯୋଗ ଯୋଗୁଁ ଏହି ବ୍ୟାଙ୍କଗୁଡ଼ିକୁ ଅନୁବନ୍ଧିତ ସୂଚୀରୁ ବାଦ ଦିଆଗଲା ବୋଲି ସେତେବେଳେ କୁହାଗଲା। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ସେତେବେଳେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ଓ ଏହା ପଛରେ ଅନେକ ରହସ୍ୟ ଥିବା ଚର୍ଚ୍ଚା ହେଲା।

ମାତ୍ର ତିନି ଦିନ ନ ଯାଉଣୁ ପୁଣି ଅକସ୍ମାତ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି। ଆଶ୍ଚର୍ଯ୍ୟଜନକ ଭାବରେ ଅର୍ଥ ବିଭାଗ ଏ ସଂପର୍କରେ ଏକ ସ୍ପଷ୍ଟୀକରଣ ଜାରିକରି ଏହି ବ୍ୟାଙ୍କ ସହ ସମ୍ପର୍କ ସମ୍ପୂର୍ଣ୍ଣ ଛିନ୍ନ ନ କରି ନିର୍ଦ୍ଦିଷ୍ଟ କାରବାର ଜାରି ରହିବ ବୋଲି କୁହାଯାଇଛି। ମାତ୍ର ତିନିଦିନ ମଧ୍ୟରେ ଅର୍ଥ ବିଭାଗର ନିଷ୍ପତ୍ତି ପରିବର୍ତ୍ତନ ପରେ ପୂର୍ବରୁ ସନ୍ଦେହ କରାଯାଉଥିବା ରହସ୍ୟକୁ ଦୃଢ଼ୀଭୂତ କରିଛି। ଯାହାକୁ ନେଇ ଏବେ କ୍ଷମତା ଅଳିନ୍ଦରେ ବେଶ୍ ଚର୍ଚ୍ଚା। ଅଧିକାଂଶ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରୀ ଯୋଜନାର ଉପଭୋକ୍ତାମାନେ ଦୁର୍ବ୍ୟବହାର ଶିକାର ହେଉଥିବା, ଉପଯୁକ୍ତ ସେବା ପାଉ ନ ଥିବା ଅଭିଯୋଗ କରିବା ସହ ଘରୋଇ ବ୍ୟାଙ୍କଗୁଡ଼ିକରେ ଜମାଖାତା ଖୋଲୁଛନ୍ତି। ଦେଶର ତିନି ଶୀର୍ଷ ଘରୋଇ ବ୍ୟାଙ୍କ କୁହାଯାଉଥିବା ଏଚ୍‌ଡ଼ିଏଫ୍‌ସି, ଆଇସିଆଇସିଆଇ ଓ ଏକ୍ସିସ ବ୍ୟାଙ୍କ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେବା ଯୋଗାଇ ଦେଉଛନ୍ତି। ମାତ୍ର ଏହି ବ୍ୟାଙ୍କ ସହ କାରବାର ବନ୍ଦ କରିବାକୁ ରାଜ୍ୟ ସରକାର କାହିଁକି ନିଷ୍ପତ୍ତି ନେଇଥିଲେ ଓ କେଉଁ ବାଧ୍ୟବାଧକତାରୁ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କଲେ ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ଚିଠି ଅନୁଯାୟୀ ଉପରୋକ୍ତ ୩ ଘରୋଇ ବ୍ୟାଙ୍କ ସହ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ କାରବାର ଜାରି ରଖିବେ। ରାଜ୍ୟ ସରକାରଙ୍କ ସଂସ୍ଥାର ଏସଏନଏ (ସିଙ୍ଗଲ ନୋଡାଲ ଏଜେନ୍ସି) ବ୍ୟାଙ୍କ ଆକାଉଣ୍ଟ, ପେମେଣ୍ଟ ଏଗ୍ରିଗେଟ୍ ଅବା ପେମେଣ୍ଟ ଗେଟୱେ ବ୍ୟାଙ୍କ ଆକାଉଣ୍ଟ, ଏଜେନ୍ସି ବ୍ୟାଙ୍କ ଆକାଉଣ୍ଟ(ସରକାରୀ ରାଜସ୍ୱ ସଂଗ୍ରହ ହେଉଥିବା ଆକାଉଣ୍ଟ) ଏବଂ ଏନପିଏସ/ପେନସନ୍ ଟ୍ରଷ୍ଟ ବ୍ୟାଙ୍କ ଆକାଉଣ୍ଟ ଜାରି ରହିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୧ ତାରିଖରେ ଏହି ୩ଟି ଘରୋଇ ବ୍ୟାଙ୍କକୁ ରାଜ୍ୟ ସରକାର ନିଜର ତାଲିକାଭୁକ୍ତ ବ୍ୟାଙ୍କ ତାଲିକାରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିବା ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ସଚିବଙ୍କୁ ଅବଗତ କରାଯାଇଥିଲା। ଏହି ୩ଟି ବ୍ୟାଙ୍କରେ ଥିବା ଫିକ୍ସଡ୍ ଡିପୋଜିଟ୍ ଓ ଟର୍ମ ଡିପୋଜିଟକୁ ବାଦ୍ ଦେଇ ଅନ୍ୟ ସମସ୍ତ କାରବାର ବନ୍ଦ କରିବା ଓ ଅର୍ଥ ଅନ୍ୟ ତାଲିକାଭୁକ୍ତ ବ୍ୟାଙ୍କକୁ ସ୍ଥାନାନ୍ତର ପାଇଁ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ।


# ଗୁଟ୍‌ଖା ଖାଇଦେଲା ପାନ ବେଉସା

## ଆୟକୁ ବଳି ଗଲାଣି ବ୍ୟୟ, ଦୁର୍ଦ୍ଦିନରେ ଚାଷୀ

ଭୁବନେଶ୍ୱର, ୨୪।୬(ସମିସ): ରାଜ୍ୟର ଲକ୍ଷାଧିକ ସଂଖ୍ୟାରେ ପାନ ଚାଷୀ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପାନ ବରଜ ପାଇଁ ଯେତିକି ମୂଳ ଧନ ଖର୍ଚ୍ଚ କରୁଛନ୍ତି, ସେତିକି ବି ଆଦାୟ କରିପାରୁନାହାନ୍ତି। ଫଳରେ ବାପା, ଅଜା ଅମଳରୁ ପାନ ଚାଷ କରି ଗୁଜୁରାଣ ମେଣ୍ଟାଇ ଆସୁଥିବା ହଜାର ହଜାର ଚାଷୀ ଏବେ ବୃତ୍ତି ବଦଳାଇବାକୁ ବାଧ୍ୟ ହେଉଛନ୍ତି। ଯେତିକି ବି ଚାଷୀ ଚାଷ କରୁଛନ୍ତି, ଅଧିକାଂଶ କ୍ଷତି ସହୁଛନ୍ତି। ଗୁଟ୍‌ଖାର ବହୁଳ ପ୍ରଚାର ଓ ବିକ୍ରି ଭିତରେ ପାରମ୍ପରିକ ପାନକୁ ଲୋକେ ଆଉ ପସନ୍ଦ କରୁନାହାନ୍ତି। ପୂର୍ବରୁ

**■ ଧାର୍ଯ୍ୟ ହେଉନାହିଁ ସର୍ବନିମ୍ନ ସହାୟକ ମୂଲ୍ୟ**
**■ କରୋନା ପରଠୁ ବିଦେଶକୁ ରପ୍ତାନୀ ବନ୍ଦ**

ରାଜ୍ୟ ତଥା ଦେଶ ବାହାରକୁ ଓଡ଼ିଶା ପାନ ରପ୍ତାନୀ ହେଉଥିଲା। ମାତ୍ର କରୋନା ପରଠୁ ଏହି ରପ୍ତାନୀ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ଏବେ ଯେତିକି ଚାଷ ହେଉଛି, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିକ୍ରିବଟା ହେଉଛି। ଏଥିରେ ଚାଷୀ ଯେତିକି ଟଙ୍କା ପାଉଛି, ତା' ତୁଳନାରେ ମଧ୍ୟସ୍ଥି ଅଧିକ ଲାଭ ଉଠାଇ ନେଉଛି। ତେଣୁ ଧାନ ଭଳି ପାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଉ ବୋଲି ଚାଷୀମାନେ ଦାବି କରୁଛନ୍ତି। ସର୍ବଭାରତୀୟସ୍ତରରେ ପାନ ଚାଷରେ ଓଡ଼ିଶାର ସ୍ଥାନ ତୃତୀୟ ସ୍ଥାନ। ପଶ୍ଚିମବଙ୍ଗରେ ୨୦ ହଜାର ହେକ୍ଟର ଜମିରେ ପାନ ଚାଷ ହେଉଥିବାବେଳେ କର୍ଣ୍ଣାଟକରେ ପ୍ରାୟ ୬ହଜାର ହେକ୍ଟର ଓ ଓଡ଼ିଶାରେ ୩ହଜାର ହେକ୍ଟର ଜମିରେ ପାନ ଚାଷ ହୋଇଥାଏ। ପୂର୍ବରୁ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରଚୁର ପରିମାଣରେ ପାନ ଚାଷ କରାଯାଉଥିଲା। ବାଲେଶ୍ୱର, ଜଗତସିଂହପୁର, କଟକ, ପୁରୀ ଆଦି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ଲୋକମାନେ



ପାନ ବରଜ କରୁଥିଲେ। ଧାନ ଭଳି ପାନ ଚାଷକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ମୁମ୍ବାଇ, ସୁରଟ ଆଦି ସହରରେ ଓଡ଼ିଶା ପାନର ବେଶ୍ ଚାହିଦା ବି ଥିଲା। ଆମର ଏଠି ଉଭୟ ପାଟିଲା ଓ କଞ୍ଚାପାନ ବାହାରକୁ ରପ୍ତାନୀ ହେଉଥିଲା। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ପାଟିଲା ପାନର ବେଶ୍ ଚାହିଦା ଦେଶ ବିଦେଶରେ ମଧ୍ୟ ଥିଲା। ଏଠାରୁ ଉତ୍ପାଦିତ ପାନକୁ ଭାଟିରେ ପଚାଯାଉଥିଲା। ପାନ ପାଚିବା ପରେ ହଳଦିଆ ରଙ୍ଗରେ ପରିଣତ ହେଉଥିଲା ଏବଂ ତାହାକୁ ବାହାରକୁ ପଠାଯାଉଥିଲା। କୁଜଙ୍ଗ ଅଞ୍ଚଳରେ ପାନ ପଚାଇବା କାର୍ଯ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଅନେକ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ମହାବାତ୍ୟା ଓ ପରେ ପୋସ୍କୋ ବିବାଦ ପରଠାରୁ ସେଠାରେ ଏହି ବେଉସା ଏକପ୍ରକାର ବନ୍ଦ ହୋଇଯାଇଛି।

ଓଡ଼ିଶା ପାନ ଚାଷୀ ମହାସଂଘର ସହ ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି ଯେ ପାନ ବରଜ ପାଇଁ ବାଉଁଶ ଫାଳିଆ ଯୋଗାଡ଼ କରିବାରେ ବହୁ ସମସ୍ୟା ହେଉଛି। ଗାଁ ଗହଳିରୁ ଧୀରେ ଧୀରେ ବାଉଁଶ ବୁଦା ଲୋପ ପାଇବାରେ ଲାଗିଛି। ଲୋକମାନେ ବାଡ଼ି ବଗିଚାରେ ଆଉ ବାଉଁଶ ରଖୁନାହାନ୍ତି। ତେଣୁ ବାଉଁଶ ଫଳିଆ ଦାମ୍ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ ଛୋଟ ବାଉଁଶ ଫାଳିଆ ୧୦୦ଟାକୁ ୨୫୦୦ଟଙ୍କା ଥିଲା ତାହା ଏବେ ୫ହଜାର ଟଙ୍କାରେ ବିକ୍ରି ହେଉଛି। ବଡ଼ ଫାଳିଆ ୧୦୦ଟାକୁ ୫ହଜାର ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ୮ହଜାର ଟଙ୍କାରେ ବିକ୍ରି ହେଉଛି। ପାନ ବରଜ ଭିଡ଼ିବାକୁ ପୂର୍ବରୁ ଯେଉଁମାନେ ହଜାରେ ଟଙ୍କା ମଜୁରି ନେଉଥିଲେ ସେ ଏବେ ୧୫୦୦ଟଙ୍କା ଦାବି କରୁଛନ୍ତି। ଲକ୍ଷେ ଟଙ୍କା ଖର୍ଚ୍ଚ କରି ବରଜଟିଏ କଲେ, ୭୦ରୁ ୮୦ ହଜାର ଆଦାୟ ହେଉଛି। ସବୁବେଳେ ପ୍ରାୟ ୨୦-୩୦ ହଜାର କ୍ଷତି ହେଉଛି। ପାନ କଡ଼ାକୁ ଅତି ବେଶୀରେ ବେପାରୀ ୩୫ରୁ ୫୦ ଟଙ୍କାରେ କିଣି ନେଉଛି। ସେମାନେ ଦୋକାନୀଙ୍କୁ ୭୦ରୁ ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଚାଷୀ ଅଧିକାଂଶ ସମୟରେ କ୍ଷତି ସହୁଛି। ତେଣୁ ସରକାରୀ ସହାୟତା ଯୋଗାଇଦେଲେ ପାନ ଚାଷ ବଞ୍ଚିରହିବ ବୋଲି ସେ କହିଛନ୍ତି।

সকাল
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-1 ♦BHUBANESWAR ♦WEDNESDAY ♦25 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧ ♦ଭୁବନେଶ୍ୱର ♦ବୁଧବାର ♦୨୫ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ଜୁଲାଇ ପହିଲାରୁ ମହଙ୍ଗା ହେବ ରେଳ ଯାତ୍ରା

■ **ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି):** ଆସନ୍ତା ମାସରୁ ରେଳଯାତ୍ରୀଙ୍କୁ ବଡ଼ ଝଟକା ଲାଗିବାକୁ ଯାଉଛି । କୋଭିଡ୍-୧୯ ମହାମାରୀ ପରେ ପ୍ରଥମ ଥର ପାଇଁ ଜୁଲାଇ ପହିଲାରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବ । ଏଥିରେ ଲୋକାଲଠାରୁ ଆରମ୍ଭ କରି ମେଲ୍ ଏକ୍ସପ୍ରେସ୍‌ର ଭଡ଼ା ବୃଦ୍ଧି ହେବାକୁ ଯାଉଛି । ଏହାସହିତ, ତତ୍କାଳ ଟିକଟ୍ ବୁକିଂର ନିୟମ ମଧ୍ୟ ପରିବର୍ତ୍ତନ ହେଉଛି ।

ସାଧାରଣ ମେଲ୍ / ଏକ୍ସପ୍ରେସ୍ ଟ୍ରେନ (ନନ୍-ଏସି) ଭଡା କିଲୋମିଟର ପିଛା ୧ ପଇସା ବୃଦ୍ଧି ପାଇବ । ଏସି ଶ୍ରେଣୀରେ ଯାତ୍ରୀଭଡା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇବ । ସେହିପରି ୫୦୦ କିମି ଯାତ୍ରା ପାଇଁ ସହର ତଳି ଟିକଟ୍ ଓ ଦ୍ୱିତୀୟ ଶ୍ରେଣୀ ଯାତ୍ରା ଭଡ଼ାରେ କୌଣସି ବୃଦ୍ଧି ହେବ ନାହିଁ । ୫୦୦ କିମିରୁ ଅଧିକ ଦୂରତା ପାଇଁ ବୃଦ୍ଧି ଅଧ ପଇସା ପ୍ରତି କିଲୋମିଟର ହେବ । ମାସିକ ସିଜନ ଟିକଟ୍‌ରେ କୌଣସି ବୃଦ୍ଧି ହେବନାହିଁ । ଏହାବ୍ୟତୀତ, ଅନ୍‌ଲାଇନ୍ ତତ୍କାଳ ଟିକେଟ୍ ସିଷ୍ଟମରେ ଦୀର୍ଘ ଦିନଧରି ଚାଲିଥିବା ହେରଫେରକୁ ଦେଖି ନିକଟରେ ରେଳବାଇ ତତ୍କାଳ ଟିକଟ୍‌ର ବୁକିଂ ପ୍ରକ୍ରିୟାରେ ପରିବର୍ତ୍ତନ କରିଛି । ଜୁଲାଇ ପହିଲାରୁ ତତ୍କାଳ ଟିକଟ ବୁକ୍ କରିବା ପାଇଁ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ । ଜୁନ୍ ୧୦ରେ ରେଳ ମନ୍ତ୍ରଣାଳୟ ସମସ୍ତ ରେଳ ଜୋନ୍‌କୁ ଏନେଇ ନୋଟିସ୍ ଦେଇଛି । ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ ମାନିଲେନି ଇରାନ-ଇସ୍ରାଏଲ୍

## ଯୁଦ୍ଧବିରତି ଘୋଷଣାର ଅଢ଼େଇ ଘଣ୍ଟାରେ ପୁଣି କ୍ଷେପଣାସ୍ତ୍ର/ବୋମା ମାଡ଼

■ **ତେହରାନ/ୱାସିଂଟନ, ୨୪।୬ (ଏଜେନ୍ସି):** ୧୨ ଦିନର ଘମାଘୋଟ ଲଢ଼େଇ ପରେ ଶାନ୍ତ ପଡ଼ିଛି ମଧ୍ୟପ୍ରାଚ୍ୟ । ପରସ୍ପର ଉପରେ ଆକ୍ରମଣ ଚଳାଇଥିବା ଇରାନ ଏବଂ ଇସ୍ରାଏଲ ଯୁଦ୍ଧବିରତି ଲାଗି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଛନ୍ତି । ତେବେ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣାର ଅଢ଼େଇ ଘଣ୍ଟା ଭିତରେ ଉଭୟ ଦେଶ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା । କିନ୍ତୁ ଟ୍ରମ୍ପଙ୍କ ଉଦ୍‌ବେଗ ପରେ ଉଭୟ ଦେଶ ଆକ୍ରମଣରୁ ବିରତ ରହିଛନ୍ତି । ତାଙ୍କର ଅନୁରୋଧ ସତ୍ତ୍ୱେ ଇସ୍ରାଏଲ ଇରାନ ଉପରେ ବୋମାମାଡ଼ କରିଥିବାରୁ ଟ୍ରମ୍ପ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଆଜି ସକାଳେ ରାଷ୍ଟ୍ରପତି ଟ୍ରମ୍ପ ଅସ୍ତ୍ରବିରତି କଥା ଘୋଷଣା କରିଥିଲେ । ସେ କହିଥିଲେ ଯେ ଆକ୍ରମଣ ବନ୍ଦ କରିବା ଲାଗି ଉଭୟ ଦେଶ

### କ୍ଷୁବ୍ଧ ଟ୍ରମ୍ପଙ୍କ ମୁହଁରୁ ବାହାରିଲା ଅଶ୍ଳୀଳ ଶବ୍ଦ

ରାଜି ହୋଇଛନ୍ତି । ଏଥିପାଇଁ ଉଭୟ ଇରାନ ଓ ଇସ୍ରାଏଲକୁ ସେ ଧନ୍ୟବାଦ ଦେଇଥିଲେ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଥିଲେ ଯେ ଯୁଦ୍ଧବିରତି ହୋଇନଥିଲେ ଏହି ଲଢ଼େଇ ଦୀର୍ଘ



ବର୍ଷ ଧରି ଚାଲିଥାଆନ୍ତା ଏବଂ ଏଥିରେ ମଧ୍ୟପ୍ରାଚ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇ ଥାଆନ୍ତା । କିନ୍ତୁ ଏହା ହେବାକୁ ଦିଆଯିବ ନାହିଁ ।

ସୂଚନା ଅନୁଯାୟୀ ଏହି ଯୁଦ୍ଧବିରତି ଲାଗି ଗତକାଲି ଠାରୁ କୂଟନୈତିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା । କତାରରେ ଥିବା ଆମେରିକାର ସାମରିକ ଘାଟି ଉପରେ ଇରାନର ଆକ୍ରମଣ ସତ୍ତ୍ୱେ ଆମେରିକା ପାଲଟା ଆକ୍ରମଣ ନକରିବା ଘଟଣାରୁ ଯୁଦ୍ଧବିରତିର ସୂଚନା ମିଳିଥିଲା । କାରଣ ଟ୍ରମ୍ପ ଘୋଷଣା କରିଥିଲେ ଯେ ଇରାନ ଆକ୍ରମଣରେ ଆମେରିକାର କୌଣସି କ୍ଷତି ହୋଇନାହିଁ । ତେଣୁ ତାଙ୍କ ▶ପୃଷ୍ଠା-୭

# ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ; ବିଜେପି ନେତା ଗିରଫ




### ସହାୟତା କରିଥିଲେ ସହଯୋଗୀ ଓ ଅଙ୍ଗନବାଡ଼ି କର୍ମୀ
### ନକଲି ଡାକ୍ତରୀ ପ୍ରମାଣପତ୍ରରେ ଚଳାଉଥିଲେ କ୍ଲିନିକ୍
### କ୍ଲିନିକ ସିଲ୍; ସହଯୋଗୀ ଓ ଅଙ୍ଗନବାଡ଼ି କର୍ମୀ ଗିରଫ

■ **ବ୍ରହ୍ମପୁର, ୨୪।୬ (ସମିସ):** ପ୍ରଥମେ ମାର୍କଣ୍ଡି ଆଉ ତା'ପରେ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ । ଏହି ଦୁଇ ଘଟଣା ସାରା ବିଶ୍ୱରେ ଓଡ଼ିଶାକୁ ଲଜ୍ଜିତ କରିଥିବା ବେଳେ ବ୍ରହ୍ମପୁର ।।ରେ ପୁଣି ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଅନେକ ବରିଷ୍ଠ ବିଜେପି ନେତାଙ୍କ ଘନିଷ୍ଠ କୁହାଯାଉଥିବା ଓ ବିଜେପିର ଆଗଧାଡ଼ିର ନେତା ପରିଚୟ ଦେଉଥିବା ନକଲି ଡାକ୍ତର ଭବାନୀଶଙ୍କର ଦାସଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି ପୁଲିସ । ଦୁଷ୍କର୍ମରେ ତାଙ୍କୁ ସହାୟତା କରିଥିବା ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଗତ ୨୩ ତାରିଖ ରାତି ପ୍ରାୟ ୧୧ଟା ସମୟରେ ଜଣେ ୪୫ବର୍ଷୀୟ ମହିଳା ନିଜର ନାବାଳିକା ଝିଅାରୀକୁ ଦୁଷ୍କର୍ମ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବାଜପେୟୀ ଆରୋଗ୍ୟଧାମ ନାମକ ଏକ ଘରୋଇ କ୍ଲିନିକ ଚଳାଉଥିବା ଡାକ୍ତର ଭବାନୀ ଶଙ୍କର ଦାସ ନାବାଳିକାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ । ତଦନ୍ତ ସମୟରେ ଜଣାପଡ଼ିଲା ଯେ ପୀଡ଼ିତା ନାବାଳିକା ଜଣକ ଅଭିଯୋଗକାରିଣୀଙ୍କ ଭଉଣୀଙ୍କ ଝିଅ । ନିଜ ଗ୍ରାମର ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ପୀଡ଼ିତାଙ୍କ ମାଆ ଭବାନୀଙ୍କ ▶ପୃଷ୍ଠା-୭

### ଶ୍ରୀମନ୍ଦିର ଇତିହାସରେ ପ୍ରଥମ; ମହାପ୍ରଭୁଙ୍କ ମୋଦକ ଚୋରି

# ଠାକୁରଙ୍କୁ ଲାଗିହେଲା ମାରା ମୋଦକ



- ଲାଗି ହେବାକୁଥିବା ୭୦ ମୋଦକ ଉଭାନ
- ଘଟଣାକୁ ଢାଙ୍କିବାକୁ ସରକାରଙ୍କ ଉଦ୍ୟମ
- ବଡ଼ଠାକୁରଙ୍କ ପଡ଼ିବାକୁ ପୂରିଯିବ ବର୍ଷେ
- ହେଲାନି କାର୍ଯ୍ୟାନୁଷ୍ଠାନ, ଆସିଲାନି ରିପୋର୍ଟ

■ **ପୁରୀ, ୨୪।୬ (ସମିସ):** ଶ୍ରୀମନ୍ଦିର ଇତିହାସରେ ଯାହା କେବେ ଘଟି ନ ଥିଲା, ତାହା ଏବେ ଘଟିଛି । ଅଣସରରେ ଚିକିତ୍ସାଧୀନ ମହାପ୍ରଭୁଙ୍କୁ ସୁସ୍ଥ କରିବା ନିମନ୍ତେ ବୈଦ୍ୟ ସେବକ ଯୋଗାଇ ଦେଇଥିବା ଦଶମୂଳ ମୋଦକ ଚୋରି ହୋଇ ଯାଇଛି । ସବୁଠାରୁ ସଙ୍ଗୀନ କଥା ହେଉଛି ଯେ ଦାରୁ ବିଗ୍ରହଙ୍କୁ ମାରା ମୋଦକ ଲାଗୁ କରାଯାଇଛି । ଏହି ଅଭିଯୋଗ ଅନ୍ୟ କେହି ନୁହେଁ; ଖୋଦ୍ ବଡ଼ଦିଅଁ ମହାପ୍ରଭୁଙ୍କ ଅଙ୍ଗଲାଗି ସେବକ ତଥା ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଆଣିଛନ୍ତି । ଏହି ଘଟଣାର ତଦନ୍ତ ଶେଷ ହୋଇ ନ ଥିବାବେଳେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏପରି ଅଭିଯୋଗକୁ ଅସ୍ୱୀକାର କରି ମୋଦକ ଚୋରି ଅଭିଯୋଗ ମିଛ ବୋଲି କହିଛନ୍ତି । ମାତ୍ର ତଦନ୍ତ ଶେଷ ହୋଇ ନ ଥିବାବେଳେ ପ୍ରଶାସନ ଓ ସରକାର କାହାକୁ ଘଣ୍ଟ ଘୋଡ଼ଇବାକୁ ଆଗୁଆ ସଫେଇ ଦେଉଛନ୍ତି ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଉ ଦୁଇଦିନ ପରେ ରଥଯାତ୍ରା । ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କିପରି ଅନୁପାଳନ କରାଯିବ ସେ ଦିଗରେ ଅଧିକାରୀମାନେ ଲାଗି ପଡ଼ିଛନ୍ତି, ହେଲେ ଘରେ ନ ପଶୁଣୁ ଚାଳ ବାଜିବା ଭଳି ରଥଯାତ୍ରା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ । ଅଣସରରେ ସେବା ପାଉଥିବା ତିନି ଠାକୁରଙ୍କ ନିକଟରେ ଲାଗି ହେବାକୁ ବୈଦ୍ୟ ସେବକ ଯୋଗାଇଥିବା ମୋଦକ ଚୋରି ହୋଇ ଯାଇଛି । ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର ଏ ସଂକ୍ରାନ୍ତରେ ଚିଠି ଲେଖି ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହଳଧର ଲେଖିଥିବା ପତ୍ରରେ କହିଛନ୍ତି ଯେ ଅନବସର ଏକାଦଶୀ ଦିନ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ୭ ଜଣ କବିରାଜ ସେବକ ସମୁଦାୟ ୩୧୩ ମୋଦକ ଗାରଦରେ ଜମା ଦେଇଥିଲେ । ସେମାନଙ୍କ ମଧ୍ୟରେ ରୁଦ୍ରନନ୍ଦନ ମିଶ୍ର ୯୯ ମୂର୍ତ୍ତି, ନନ୍ଦନନ୍ଦନ ମିଶ୍ର ୬୩ ମୂର୍ତ୍ତି, ବିନାୟକ ମିଶ୍ରଙ୍କ ନାତି ସୁଧାଂଶୁ ମିଶ୍ର ୪୯ ମୂର୍ତ୍ତି, ଦୁର୍ଗାପ୍ରସାଦ ମିଶ୍ର ୨୭ ମୂର୍ତ୍ତି, ସର୍ବେଶ୍ୱର ମିଶ୍ର ୨୫ ମୂର୍ତ୍ତି, ସତ୍ୟବ୍ରତ ମିଶ୍ର ଓ ଦେବବ୍ରତ ମିଶ୍ର ୨୫ ମୂର୍ତ୍ତି ଓ କ୍ଷୀରୋଦ ଚନ୍ଦ୍ର ମିଶ୍ର ୨୫ ମୂର୍ତ୍ତି ମୋଦକ ପ୍ରଦାନ କରିଥିଲେ । ହେଲେ ମହାପ୍ରଭୁଙ୍କୁ ଲାଗି ନିମନ୍ତେ ମୋଦକ ମଣତି ନେବା ସମୟରେ ମୋଟ ୩୧୩ ମୂର୍ତ୍ତି ଅମୁଣିଆ ମୋଦକରୁ ୭୦ କମ୍ ଥିବା ଦେଖା ଯାଇଛି । ମୋଦକ ଚୋରି ପରେ ସ୍ୱାଭାବିକ ଭାବରେ ଏହା ▶ପୃଷ୍ଠା-୭



### ସାତକୋଶିଆରେ ପୁଣି ଏକ ହାତୀର ମୃତ୍ୟୁ

# ସୁରକ୍ଷା ନେଇ ବନଖଣ୍ଡ ଉପରେ ପ୍ରଶ୍ନବାଚୀ

ଅନୁଗୋଳ, ୨୪।୬ (ସମିସ)



ସାତକୋଶିଆ ଅଭୟାରଣ୍ୟର ପାମ୍ପାସର୍ ରେଞ୍ଜ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର କୁଲାଙ୍ଗି ଗ୍ରାମ ନିକଟରେ ଏକ ଯୁବ ଦନ୍ତା ହାତୀର ପ୍ରାଣହାନି ଘଟିଛି। ବିଦ୍ୟୁତ୍ ତାର ଦ୍ୱାରା ଆଘାତପ୍ରାପ୍ତ ହୋଇ ହାତୀଟିର ମୃତ୍ୟୁ ହୋଇଛି। ହାତୀ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ କରାଯାଉଥିବା ବେଳେ ବାରମ୍ବାର ହାତୀମୃତ୍ୟୁ ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପଇଛି। ବନ ବିଭାଗ ଉପରେ ଏନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୦-୧୨ ତଳେ ଟିକରପଡ଼ା ରେଞ୍ଜ ଅନ୍ତର୍ଗତ ମଝିପଡା-ବେହେରାସାହି ରାସ୍ତାର ଅନତି ଦୂରରେ ଏକ ଯୁବ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ସେତେବେଳେ ବନବିଭାଗର କୌଣସି କର୍ମଚାରୀଙ୍କ ନଜରକୁ ତାହା ଆସିପାରି ନଥିଲା। ହାତୀଟିର ଶବ ପଚି ଶଢ଼ି ଦୁର୍ଗନ୍ଧ ହେବାରୁ ଗାଁଲୋକ ଯାଇ ଦେଖିବାରୁ ବନ ବିଭାଗ ଖବର ପାଇଥିଲା। ପ୍ରଶ୍ନ ହେଉଛି ସାତକୋଶିଆ ଅଭୟାରଣ୍ୟର ବନବିଭାଗ କରୁଛି କ'ଣ? ବନଖଣ୍ଡ ଅଧିକାରୀ ଯେ କେବଳ ଗାଁ ଉଠାଇବାରେ ବ୍ୟସ୍ତ। ବନଖଣ୍ଡ ଅଧିକାରୀଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ସବୁ ରହିଛି, ଯେମିତିକି ଅଭୟାରଣ୍ୟ ଭିତରୁ ଗ୍ରାମ ଉଚ୍ଛେଦ ପ୍ରକ୍ରିୟାରୁ ମୋଟା ଆକାରରେ ଉପୁରି ଅର୍ଥ ରୋଜଗାର କରି ବିଭାଗର ଉପର ସ୍ତର ପର୍ଯ୍ୟନ୍ତ ବାଣ୍ଟିଥାନ୍ତି, ତେଣୁ ବାବୁଙ୍କର ବଦଳି ବି ହେଉନାହିଁ। ଆଜିର ହାତୀ ମୃତ୍ୟୁ ଘଟଣା ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନାରୁ ବନ ବିଭାଗର ଆଉ ଏକ ରୋଚକ ଏବଂ ସାଙ୍ଘାତିକ ଘଟଣା ପଦାକୁ ଆସିଛି। ବନ ବିଭାଗର କିଛି ତଳ ସ୍ତରର କର୍ମଚାରୀ, ଜଙ୍ଗଲ ଜଗିବା ପାଇଁ ନିୟୋଜିତ ହୋଇଥିବା ସ୍ଥାନୀୟ ଲୋକ (ଜଙ୍ଗଲ ଜଗୁଆଳି)ଙ୍କୁ ବନ ବିଭାଗ ଦ୍ୱାରା ଶ୍ରମିକ ହିସାବରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯାଉଛି ଏବଂ ସେହି ନିର୍ମାଣ ଶ୍ରମିକଙ୍କ ମଜୁରୀକୁ ବିଭାଗର କର୍ମଚାରୀମାନେ ଆତ୍ମସାତ କରୁଥିବାର ଅଭିଯୋଗ ହୋଇଛି। ଏତେ ସବୁ ଅଭିଯୋଗ ସତ୍ତ୍ୱେ ବିଭାଗ ନିରବଦ୍ରଷ୍ଟା ସାଜି ସାତକୋଶିଆକୁ ସମ୍ପୂର୍ଣ ରୂପେ ନଷ୍ଟ କରିଦେବାକୁ ଚକ୍ରାନ୍ତ ହୋଇଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାର ଯଥାଶୀଘ୍ର ସାତକୋଶିଆ ଅଭୟାରଣ୍ୟକୁ ରକ୍ଷା କରିବକୁ ସ୍ଥାନୀୟ ବାସିନ୍ଦା ଆକୁଳ ନିବେଦନ କରିଛନ୍ତି। ଜଙ୍ଗଲରେ ହାତୀଙ୍କ ଖାଦ୍ୟ ପାଇଁ ଓ ବିଜୁଳି ଘଡଘଡିରୁ ରକ୍ଷା ପାଇବା ପାଇଁ ତାଳ ଗଛ ବୃଦ୍ଧି ସକାଶେ ସରକାର ବିଭିନ୍ନ ଉପାୟରେ ତାଳ ଗଛ ଲଗାଇବା ସକାଶେ ତାଳ ମଞ୍ଜି (ଟାକୁଆ) ସବୁକୁ ସଂଗ୍ରହ କରି କ୍ରୟ କରି ଚାରା ପ୍ରସ୍ତୁତ କରୁଛନ୍ତି। ଜଙ୍ଗଲ ଜଗୁଆଳିଙ୍କ ଦ୍ୱାରା ମାଗଣାରେ ତାଳ ଟାକୁଆ ସଂଗ୍ରହ କରି ତାକୁ ସରକାରୀ ଅର୍ଥ ବିନିଯୋଗ କରି କ୍ରୟ କରାଯାଇ କୋଟି କୋଟି ଟଙ୍କା ଆତ୍ମସାତ ହୋଇଥିବାର ଅଭିଯୋଗ ହେଉଛି।

## ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ବିକ୍ଷୋଭ




କଣିହାଁ, ୨୪।୬ (ସମିସ): ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା, ନାରୀର ନିରାପତ୍ତା ପାଇଁ ମାଦକ ଦ୍ରବ୍ୟ ତଥା ଅଶ୍ଳୀଳତାର ପ୍ରସାରଣ ବନ୍ଦ କରିବା, ମହିଳା ଓ ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ପୁଲିସ-ପ୍ରଶାସନର ବିଫଳତା ଦୂର କରିବା ଦାବିରେ ଅଲଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଣିହାଁ ବ୍ଲକ କମିଟି ପକ୍ଷରୁ ଏନଟିପିସି ବାଇପାସ ଛକଠାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅନୁଗୋଳ ଜିଲ୍ଲା ସଂପାଦିକା ମାନସୀ ସ୍ୱାଇଁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ବ୍ଲକ ସଂପାଦିକା ମିନତୀ ସାମଲ, ପଙ୍କଜିନୀ ସିଂ, କାବେରୀ ଜେନା, ସୁଷମା ନାଏକ ଉପସ୍ଥିତ ଥିଲେ।

## ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ




ଅନୁଗୋଳ ୨୪।୬ (ସମିସ): ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଗୋଳ ସଭାଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମହମ୍ମଦ ଅଖତର, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଆଇଏଏସ ପ୍ରୋବେସନର କସ୍ତୁରୀ ସି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗୌରୀଶଙ୍କର ବଳ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ ବହୁମୂଲ୍ୟ ସେବା କରିଥିବା ୪ ଜଣ ଆଶାକର୍ମୀ, ୮ଟି ଗାଁ କଲ୍ୟାଣ ସମିତି, ୮ଟି ଜନ ଆରୋଗ୍ୟ ସମିତି, ୩୯ଟି ସହରାଞ୍ଚଳର ମହିଳା ଆରୋଗ୍ୟ ସମିତି ସହ ଆର୍ଥିକ ଅନୁଦାନକୁ ସୁବିନିଯୋଗ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମୂହ ଓ ଗୁଣବତ୍ତା ମାନଙ୍କ ଆକଳନରେ କୃତିତ୍ୱ ପାଇଥିବା ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ କୁଇଜ କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟଶିକ୍ଷା ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଆଶାକର୍ମୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଜିଲ୍ଲା ଆଶା ପରିଚାଳିକା ବିକାଶିନୀ ପରିଡା କାର୍ଯ୍ୟକ୍ରମର ସଂଚାଳନାକରିଥିବାବେଳେ ଜନସଂଚାର ଅଧିକାରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଅଧିକାରୀ ପରିବାର କଲ୍ୟାଣ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧନଞ୍ଜୟ ବେହେରା, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡ. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସୌମ୍ୟାରାଣୀ ଗୌଡ଼, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା, ବିଭିନ୍ନ ସିଏଚ୍‌ସିର ମେଡିକାଲ୍ ଅଫିସର, ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପୁଣ୍ୟ ପ୍ରକଟ ତିଥି



ତାଳଚେର ୨୪।୬(ସମିସ): ତାଳଚେର ଦେଉଳବେଡାଠାରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କର ପ୍ରକଟ ତିଥି ପାଳିତ ହୋଇଯାଇଛି। ଶଙ୍କରାଚାର୍ଯ୍ୟଙ୍କର ସେବା ସଚିବ ବରୁଣ କୁମାର ସାହୁଙ୍କର ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ। ଶ୍ରୀ ଶଙ୍କରାଚାର୍ଯ୍ୟ କମିଟି ସଂଯୋଜକ ତଥା ଆଦିତ୍ୟ ବାହିନୀ କାର୍ଯ୍ୟକର୍ତ୍ତା ପର୍ଶୁରାମ ବାରିକଙ୍କ ସହ ଆଦିତ୍ୟ ବାହିନୀ ସଭାପତି ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ଜଗଦିଶ ମିଶ୍ର, ସୁନୀଲ ପଟ୍ଟନାୟକ, ଜଗଦୀଶ ସିଂହ, ନରେଶଚନ୍ଦ୍ର ପ୍ରଧାନ, ଅଜୟ ସାହୁ, ଖଇରା ପ୍ରଧାନ, ପୂର୍ଣଚନ୍ଦ୍ର ବେହେରା, ବିନ୍ଦା ସିଂହ, ପଦ୍ମନ ଜେନା, ଜିତେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଘଣ୍ଟପଡ଼ାର ମାଳତୀ ସାହୁ ସମ୍ବର୍ଦ୍ଧିତ

ତାଳଚେର, ୨୪।୬(ସମିସ): ସେଣ୍ଟ ଜନ ଆମ୍ବୁଲାନ୍ସ ଓଡ଼ିଶାର ତାଳଚେର ଏମସିଏଲ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ୨୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ରିତାରାଣୀ ଦାସ ଯୋଗଦେଇ ଘଣ୍ଟପଡା ଗ୍ରାମର ଗୃହିଣୀ ମାଳତୀ ସାହୁଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ମାଳତୀ ସାହୁ ରାଜ୍ୟ ସରକାରଙ୍କଠାରୁ ପାଉଥିବା ମାସିକ ପେନସନ ଟଙ୍କାରୁ



୩୦ଭାଗ ଅର୍ଥ ରାଶିରୁ ସାମାଜିକ କାର୍ଯ୍ୟରେ ବ୍ୟବହାର ପାଇଁ ପୁତ୍ର ସମାଜସେବୀ କ୍ଷୀରୋଦ ସାହୁଙ୍କୁ ସହଯୋଗର ହାତ ବଢେଇଥାନ୍ତି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଓସିପିର ଆଇଏନଟିୟୁସି ସମ୍ପାଦକ ରଞ୍ଜନ କୁମାର ପ୍ରଧାନ ଅନୁଷ୍ଠାନର ଡିଭିଜନ କମାଣ୍ଡର ତଥା ସେଣ୍ଟଜୋନ ଆମ୍ବୁଲାନ୍ସର ଅନୁଗୋଳ ଜିଲ୍ଲା ଅବୈତନିକ ଯୁଗ୍ମ ସମ୍ପାଦକ ଦିନବନ୍ଧୁ ପ୍ରଧାନ, ଡିଭିଜନର କୋଷାଧକ୍ଷ ଟିକନ ସାହୁ, ସମାଜସେବୀ କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ। ଘଣ୍ଟପଡ଼ାର ସ୍ୱର୍ଗତ ଦୁର୍ଯ୍ୟୋଧନ ସାହୁଙ୍କ ଧର୍ମପତ୍ନୀ ହେଉଛନ୍ତି ମାଳତୀ ସାହୁ। ଶ୍ରୀମତୀ ସାହୁ ବୃକ୍ଷ ରୋପଣ କରିବା ସହିତ ଗୃହପାଳିତ ପଶୁ ପକ୍ଷୀ ମାନଙ୍କୁ ମଧ୍ୟ ସେବା ଯତ୍ନ କରି ନିଜକୁ ଧନ୍ୟ ମନେ କରିଛନ୍ତି ବୋଲି ପ୍ରକାଶ କରିଥଲେ। ୨୦୧୬ରେ ଆଦର୍ଶ ମାତା ଭାବେ ଗ୍ରାମରେ ସମ୍ବର୍ଦ୍ଧିତ ହୋଇଥିଲେ।

## ଲୋକାର୍ପିତ ହେଲା ପୁସ୍ତକ 'ଆମ ଗାଁ ଇତିହାସ ବଡତ୍ରିବିଡା'

ତାଳଚେର, ୨୪।୬(ସମିସ): ତାଳଚେର ବ୍ଲକ ବଡତ୍ରିବିଡା ଗ୍ରାମର ପ୍ରାଚୀନ ଇତିହାସ, ପରମ୍ପରା, ଲୋକ ସଂସ୍କୃତି ଓ ସମଗ୍ର ଜନସଂଖ୍ୟାର ତାତ୍ତ୍ୱିକ ବିଶ୍ଳେଷଣକୁ ନେଇ ରଚିତ ପୁସ୍ତକ 'ଆମ ଗାଁ ଇତିହାସ ବଡତ୍ରିବିଡା' ଲୋକାର୍ପିତ ହୋଇଯାଇଛି। ପବିତ୍ର ରଜ ପର୍ବ ପାଳନ ଅବସରରେ ବଡତ୍ରିବିଡା ନୋଡାଲ ୟୁ.ପି. ସ୍କୁଲ ପରିସରରେ ଆମ ଗାଁ ପରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଛବିନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟଚନ୍ଦ୍ର ପ୍ରଧାନ, ବଡତ୍ରିବିଡା ସରପଞ୍ଚ ଶାନ୍ତନୁ ପ୍ରଧାନ, ଶିକ୍ଷାବିତ୍ ନାକଫୋଡି ବେହେରା, ଶିକ୍ଷକ ବିଜୟବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପୁସ୍ତକର ରଚୟିତା ନାକଫୋଡି ବେହେରା ଏଭଳି ଏକ ପୁସ୍ତକ ରଚନା କରିବାର ଆବଶ୍ୟକତା ସଂପର୍କରେ ମତବ୍ୟକ୍ତ କରିଥିଲେ। ଗ୍ରାମର ବରିଷ୍ଠ ନାଗରିକ ଓ କଳାକାରମାନଙ୍କୁ ଅତିଥିମାନେ ଉତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବଡତ୍ରିବିଡା ଗ୍ରାମର ବହୁ ଜନସାଧାରଣ ଯୋଗ ଦେଇଥିଲେ। ପିଙ୍କୁ ପ୍ରଧାନ, ବେଣୁଧର ଦାସ, ଶିକ୍ଷକ ଇନ୍ଦ୍ରମଣି ବେହେରା, କମାର ଡାକୁଆ, ଧନେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପୁଲିସ କର୍ମଚାରୀଙ୍କୁ ଆକ୍ରମଣ

ବଇଣ୍ଡା, ୨୪।୬(ସମିସ): ଠାକୁରଗଡ ଥାନାର ଜଣେ ପୁଲିସ କର୍ମଚାରୀଙ୍କୁ ଜଣେ ଯୁବକ ମଙ୍ଗଳବାର ମାଡ଼ ମାରିଥିବା ଜଣାପଡ଼ିଛି। ଏନେଇ ଠାକୁରଗଡ ଥାନାରେ କୌଣସି ଅଭିଯୋଗ ହୋଇନ ଥିବା ବେଳେ ଉକ୍ତ ଯୁବକ ନିଜ ଦୋକାନ ରେ ବସିଥିବା ବେଳେ ସମ୍ପୃକ୍ତ କର୍ମଚାରୀଙ୍କ ସହ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏନେଇ ଠାକୁରଗଡ ଥାନା ଆଇଆଇସି ଶଶିଭୂଷଣ ବେହେରା କୁହନ୍ତି ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଛି। ସେଭଳି କୌଣସି ମାଡ଼ ହୋଇ ନଥିବା କହିଛନ୍ତି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

କୁଇଓ, ୨୪।୬ (ସମିସ): କୁକୁଡ଼ାଙ୍ଗ ମଣ୍ଡଳ ବିଜେପି ପକ୍ଷରୁ ଅନୀଲ ସେଠୀଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟାଳୟଠାରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ଏନେଇ ଆୟୋଜିତ ସଭାରେ ଚିତ୍ତରଞ୍ଜନ ସାମନ୍ତ, ଭୂପେନ୍ ବେହେରା, ଅକ୍ଷୟ ଗଡନାୟକ, ଟିଭୁ ପରିଡା, ଜଗନ୍ନାଥ ବେହେରା, ଲକ୍ଷ୍ମଣ ପରିଡା, ମାଗୁଣି ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ମେଡିକାଲ ଆଇପିଡି କୋଠା ସ୍ଲାବ୍ ଖସିଲା



ଅନୁଗୋଳ, ୨୪।୬(ସମିସ): ମଙ୍ଗଳବାର ଅପରାହ୍ନରେ ଅନୁଗୋଳ ମେଡିକାଲ ପାଞ୍ଚ ମହଲା ବିଶିଷ୍ଟ ଆଇପିଡି କୋଠାର ପଛ ପଟ ଛାତରୁ ବଡ଼ ବଡ଼ ଦୁଇଟି କଂକ୍ରିଟ ସ୍ଲାବ୍ ଖସି ଥିଲା। ସେତେବେଳେ ରୋଗୀଙ୍କ ସମ୍ପର୍କୀୟମାନେ କୋଠା ପଛପଟେ ବାଇକ୍ ପାର୍କିଂ କରୁଥିବା ବେଳେ ସେମାନଙ୍କ ଆଗରେ ପଡିଥିଲା। ତେବେ ଏଥିରେ କେହି ଆହତ ହୋଇ ନଥିବା ଜଣାପଡିଛି।

### ● ବାଜି ରାଉତ ଛାତ୍ରାବାସରେ ନବକୃଷ୍ଣଙ୍କ ପୁଣ୍ୟତିଥି ପାଳିତ

## ପ୍ରକୃତି ମିତ୍ର ସମ୍ମାନ ଫେରାଇଥିବାରୁ ସିଦ୍ଧାର୍ଥଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ, ୨୪।୬ (ସମିସ): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ପଥର ପଥିକ ଥିଲେ ନବକୃଷ୍ଣ। ମୌଳିକ ଶିକ୍ଷା, ନିଶା ନିବାରଣ, ଗରିବଙ୍କ ଉନ୍ନତି, ଗଣତନ୍ତ୍ରକୁ ସାଧାରଣ ଲୋକଙ୍କ ହାତରେ ପହଞ୍ଚାଇବା, ଜମିଦାରୀ ଉଚ୍ଛେଦ, ଗଡ଼ଜାତ ମିଶ୍ରଣ, ମାତୃଭାଷାକୁ ସରକାରୀ ମାନ୍ୟତା, ଜାତିପ୍ରଥା ଉଚ୍ଛେଦ ଭଳି ଦେଶର ମଙ୍ଗଳ ପାଇଁ ମହାତ୍ମା ଗାନ୍ଧୀ ଚିନ୍ତା କରିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ନବକୃଷ୍ଣ ଚୌଧୁରୀ ଜୀବନବ୍ୟାପୀ କାର୍ଯ୍ୟରେ ପରିଣତ କରିବାକୁ ସଂଗ୍ରାମ କରିଥିଲେ। ଇଂରେଜ ଭୟକୁ ଖାତିର ନକରି କଟକରେ ନିଜ ଘର ଉପରେ ସର୍ବ ପ୍ରଥମ ଜାତୀୟ ପତାକା ଉଡ଼ାଇଥିବା ନବକୃଷ୍ଣଙ୍କ ଭଳି ଦେଶପ୍ରେମୀ ଆଉ କିଏ ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ନବକୃଷ୍ଣଙ୍କ କାର୍ଯ୍ୟ ତାଙ୍କ ପରେ ହୋଇଥିବା ସମସ୍ତ ମୁଖ୍ୟମନ୍ତ୍ରୀ ମାନଙ୍କ ପ୍ରତି ଆହ୍ୱାନ ହୋଇ ଛିଡା ହୋଇଛି ବୋଲି ପ୍ରାକ୍ତନ ମନ୍ତ୍ରୀ ତଥା ଗାନ୍ଧୀବାଦୀ ପ୍ରଫୁଲ୍ଲ ମଲ୍ଲିକ ବାଜି ରାଉତ ଛାତ୍ରାବାସ ଓ ଉତ୍କଳ ନବଜୀବନ ମଣ୍ଡଳ ପକ୍ଷରୁ ଶାନ୍ତି ମନ୍ଦିରଠାରେ ଆୟୋଜିତ ୪୧ତମ ପୁଣ୍ୟତିଥି ଅବସରରେ ମୁଖ୍ୟ ଅତିଥି ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ତାଙ୍କ ଜେଜେ ମୂଷା ମଲ୍ଲିକଙ୍କ ସହ ନବମାଳତୀଙ୍କ ସୁସମ୍ପର୍କ ବାବଦରେ ବର୍ଣ୍ଣନା କରିଥିଲେ। ନାଟ୍ୟକାର ଦିନେଶ ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀ ଭାବରେ ନବକୃଷ୍ଣ ଚୌଧୁରୀଙ୍କୁ ଆଜି ବି ରାଜ୍ୟ ମନେ ରଖିଛି। ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷା ଦ୍ରୌପଦୀ ପଟେଲ, ଶିବରାମ ମିଶ୍ର, ଲିପିକା ମହାପାତ୍ର ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଜନ ଆନ୍ଦୋଳନର ନେତ୍ରୀ ମେଧା ପାଟେକରଙ୍କୁ ରାୟଗଡ଼ାଠାରେ ସରକାରଙ୍କ ପକ୍ଷରୁ ଅସମ୍ମାନ ବିରୋଧରେ ପ୍ରକୃତି ମିତ୍ର ସମ୍ମାନ ଫେରାଇଥିବା ସିଦ୍ଧାର୍ଥ ପ୍ରଧାନଙ୍କୁ ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ସମ୍ମାନିତ କରିଥିଲେ। ସକାଳେ ଅନୁଗୁଳ ପୌର ପରିଷଦର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ନବମାଳତୀ ପୀଠରେ ବୃକ୍ଷ ରୋପଣ କରିଥିଲେ। କୈଳାଶଚନ୍ଦ୍ର ସାହୁ, ନାରାୟଣ ମିଶ୍ର, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ସରସ୍ୱତୀ ସ୍ୱାଇଁ, ସୁଜାତା ପ୍ରୀତିନନ୍ଦା, ପ୍ରଦ୍ୟୁମ୍ନ ନାୟକ, ଆଦ୍ୟଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, କର୍ମବୀର କଳ୍ପତରୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ଉତ୍କର୍ଷ ପାଇଁ ଏନ୍‌ଟିପିସି କଣିହାଁ ପୁରସ୍କୃତ



କଣିହାଁ, ୨୪।୬ (ସମିସ): ପରିବେଶ ପରିଚାଳନା ଏବଂ ସ୍ଥାୟିତ୍ୱ ପ୍ରତି ଏହାର ଉଦାହରଣୀୟ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ଏନଟିପିସି କଣିହାଁ ଦୁଇଟି ବିଶିଷ୍ଟ ପୁରସ୍କାର ପାଇଛି। ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ (ଇଇସିସି) ୨୦୨୫ ଉପରେ ୧୦ତମ ଜାତୀୟ ସମ୍ମିଳନୀ (ଇଇସିସି)ରେ ଷ୍ଟେସନକୁ ପାଞ୍ଚ ତାରକା ବର୍ଗ (ସର୍ବୋଚ୍ଚ ମାନ୍ୟତା) କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର- ୨୦୨୪ ପ୍ରାପ୍ତ ହୋଇଛି। ପରିବେଶ ପରିଚାଳନା ଏବଂ ପ୍ରଦୂଷଣ ହ୍ରାସ ପାଇଁ ପ୍ରଶମନ ପଦକ୍ଷେପ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି କାର୍ଯ୍ୟକ୍ରମ ଜୁନ ୨୧ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପୁରସ୍କାର ସମାରୋହ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଡିଶା ସରକାର), ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦ ଏବଂ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଏଣ୍ଟରପ୍ରାଇଜ୍, ହାଇଦ୍ରାବାଦ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସିଂହ ରେଡ୍ଡୀ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଏନଟିପିସି କଣିହାଁକୁ ପ୍ଲାଟିନମ ପୁରସ୍କାର ମିଳିଛି। ଗ୍ରୀନ ଏନଭାଇରୋ ଫାଉଣ୍ଡେସନ୍ ଦ୍ୱାରା "ସ୍ଥାୟିତ୍ୱ' ବର୍ଗରେ ଉଲ୍ଲେଖନୀୟ ସଫଳତା ପାଇଁ ସର୍ବୋଚ୍ଚ ବର୍ଗ - ପ୍ଲାଟିନମ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ମର୍ଯ୍ୟାଦାଜନକ ସ୍ୱୀକୃତି ୧୯ ଜୁନ ୨୦୨୫ରେ ଲୋନାଭୋଲାରେ ଅନୁଷ୍ଠିତ ଗ୍ରୀନ୍ ଏନଭାଇରୋ ପରିବେଶ ପୁରସ୍କାର ଏବଂ ସମ୍ମିଳନୀ ସମୟରେ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ବର୍ତ୍ତମାନ ଆଇସିଏଫଏର ଅଧ୍ୟକ୍ଷ ସୁରେଶ ପ୍ରଭୁ ଯୋଗ ଦେଇଥିଲେ। ଏନଟିପିସି କଣିହାଁ ପକ୍ଷରୁ ଏହି ପୁରସ୍କାର ସିନିୟର ମ୍ୟାନେଜର (ଇଏମଜି) ରବିଶଙ୍କର ବର୍ମା ଏବଂ ସିନିୟର ମ୍ୟାନେଜର (ପାଉଁଶ ପରିଚାଳନା) ଏଏଲ ଅହମ୍ମଦ ଇଦ୍ରିସ କେଏସ ଗ୍ରହଣ କରିଥିଲେ। ଉକ୍ତ ଦୁଇ ସମ୍ମାନଜନକ ପୁରସ୍କାର ପାଇଁ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ. ରେଡ୍ଡୀ ସମଗ୍ର ଏନଟିପିସି କଣିହାଁ ଟିମକୁ ଅଭିନନ୍ଦନ ଜଣାଇବା ସହ ଟିମକୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶରେ ସକାରାତ୍ମକ ଅବଦାନ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି।

## ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି



ଅନୁଗୋଳ, ୨୪।୬ (ସମିସ): ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୪୧ତମ ତିରୋଧାନ ଦିବସ ଉପଲକ୍ଷେ ସଭାଘର ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆମ ପ୍ରତିଭା ଆମ ସ୍ୱାଭିମାନର ଆବାହକ ତଥା ପୂର୍ବତନ ସାଂସଦ ମହେଶ ସାହୁ ନବକୃଷ୍ଣ ଚୌଧୁରୀଙ୍କ ଭଳି ନେତୃତ୍ୱ ପୃଥିବୀ ପୃଷ୍ଠରେ ବିରଳ ବୋଲି ପ୍ରକାଶ କରିଥିଲେ। ଜଣେ ମୁଖ୍ୟମନ୍ତ୍ରୀ ବା ରାଜନେତା ବିଳାସ ବ୍ୟସନର ଜୀବନ ପରିତ୍ୟାଗ କରି ସାଧାରଣ ଲୋକଙ୍କ ଭଳି ରାଜ କାର୍ଯ୍ୟ କରିବା ନବ ବାବୁଙ୍କ ବ୍ୟକ୍ତିତ୍ୱରୁ ଶିଖିବା କଥା। ଏଥିସହ ଦଳିତ ଆଦିବାସୀ ମାନଙ୍କୁ ଶିକ୍ଷା ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ତାଙ୍କର ବଳିଷ୍ଠ ଅବଦାନ ଯାହା ଅନନ୍ୟ ଉଦାହରଣ ଅଟେ ବୋଲି ଆଲୋଚନାର ବିଷୟ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, କାଉନସିଲର ବଳରାମ ଜେନା,ଆମ ପ୍ରତିଭା ଆମ ସ୍ୱାଭିମାନର ସମ୍ପାଦକ ଦିନେଶ ପ୍ରଧାନ, କୋଷାଧକ୍ଷ ପର୍ଶୁରାମ ଦାଶଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ବଇଣ୍ଡା, ୨୪।୬(ସମିସ): କିଶୋର ନଗର ବ୍ଲକ ଅଞ୍ଚଳର ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ସମ୍ବଲପୁର ଅଞ୍ଚଳର କ୍ରିଷ୍ଣା ନାମକ ଜଣେ ଯୁବକ ଅପହରଣ କରିନେଇଥିବା ଉକ୍ତ ଛାତ୍ରୀଙ୍କ ମା' ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ୨୨୧/୨୫ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ଉକ୍ତ ନାବାଳିକା କଲେଜକୁ ପଢିବା ପାଇଁ ଆସିଥିବା ବେଳେ ତାଙ୍କୁ କ୍ରିଷ୍ଣା ଅପହରଣ କରିନେଇଥବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ମରଣଯନ୍ତା ବାଙ୍କଧରା ଛକ ରାସ୍ତାର ତୁରନ୍ତ ମରାମତି ନିର୍ଦ୍ଦେଶ

ଅନୁଗୋଳ, ୨୪।୬ (ସମିସ)




ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ମଙ୍ଗଳବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪ରୁ ୨୦୨୫ ମେ ମାସ ସୁଦ୍ଧା ଦୁର୍ଘଟଣାରେ ୨୪୭ ଜଣଙ୍କ ମୃତ୍ୟୁ ହୋଇଥିବା ପରିବହନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିଲା। ମେ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ, ଗତ ମେ ମାସରେ ଜିଲ୍ଲାରେ ମୋଟ ୨୪ଟି ଦୁର୍ଘଟଣା ଘଟିଥିବାବେଳେ ୧୦ଜଣଙ୍କ ମୃତ୍ୟୁ ଘଟିଛି। ୧୩ ଜଣ ଗୁରୁତର ଆହତ ଓ ସାମାନ୍ୟ ଆହତ ୧ ଜଣ ହୋଇଛନ୍ତି। ଗତ ମାସରେ ୧୪ଟି ଦୁର୍ଘଟଣା ଜାତୀୟରାଜପଥରେ ଘଟିଥିବାବେଳେ ୧୦ଟି ଦୁର୍ଘଟଣା ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁଁ ୮୫୬ ଜଣ, ବିନା ସିଟ୍ ବେଲ୍ଟରେ ୩୩ଜଣ, ଦ୍ରୁତ ଗାଡି ଚାଳନା କରିବା ଯୋଗୁ ୪୯୮ଜଣ, ମଦ୍ୟପାନ କରି ଗାଡିଚାଳନା ନିମନ୍ତେ ୧୭ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୭୩ ଜଣଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ, ୫୭୨ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଥିଲା। ୩୬ଟି ଗାଡ଼ି ଜବତ କରାଯାଇଥିଲା। ଜିଲ୍ଲା ପୁଲିସ ଦ୍ୱାରା ଯାଞ୍ଚ କରିବା ସମୟରେ ଦ୍ରୁତ ଗାଡି ଚାଳନା କରିବା ଯୋଗୁ ୬୭ ଜଣଙ୍କ ଠାରୁ ୨ ଲକ୍ଷ ୫୦ହଜାର ଟଙ୍କା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ଅଭିଯୋଗରେ ୩୯୪ଟି ମାମଲାରେ ୧୯ ଲକ୍ଷ ୭୦ ହଜାରଟଙ୍କା, ବିନା ହେଲମେଟରେ ଗାଡି ଚାଳନା ଯୋଗୁଁ ୨୫୬୩ ଜଣଙ୍କଠାରୁ ୨୫ ଲକ୍ଷ ୬୩ ହଜାର ଟଙ୍କା, ବିନା ସିଟ୍‌ବେଲ୍ଟରେ ୨୨୧୦ ଜଣଙ୍କଠାରୁ ୨୨ ଲକ୍ଷ ୧୦ହଜାର ଟଙ୍କା, ଟ୍ରାଫିକ ନିୟମ ଅବମାନନା ଏବଂ ନୋପାର୍କ ଜୋନରେ ଗାଡି ପାର୍କ କରିବା ଅଭିଯୋଗରେ ୨୧୩୨ଟି ମାମଲାରେ ୨୬ଲକ୍ଷ ୮୬ହଜାର ୫୦୦ ଟଙ୍କା ଜୋରିମନା ଆଦାୟ କରାଯାଇଥିଲା ଏବଂ ମଦ୍ୟପାନ କରି ଗାଡିଚାଳନା ନିମନ୍ତେ ୩୮୪ଟି ମାମଲା ରୁଜୁ କରାଯାଇଛି।

୫୫ ନମ୍ବର ଓ ୧୪୯ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟୁଥିବା ସ୍ଥାନରେ ଦୁର୍ଘଟଣା ନହେବାପାଇଁ ପଦକ୍ଷେପ ନେବାକୁ ଢେଙ୍କାନାଳ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାସହ ୧୪୯ନମ୍ବର ଜାତୀୟ ରାଜପଥର ତାଳଚେର ବାଙ୍କଧରା ଛକଠାରେ ରାସ୍ତାର ଅବସ୍ଥା ବହୁତ ଶୋଚନୀୟ ହୋଇଥିବାରୁ ଦୁର୍ଘଟଣା ଘଟୁଛି। ଏଥିଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହି ଜାଗାରେ ରାସ୍ତାର ମରାମତି ତୁରନ୍ତ କରିବାପାଇଁ ଜିଲ୍ଲାପାଳ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାଜଗୁରୁ, ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଆଇଏସ ପ୍ରୋବେଶନର କସ୍ତୁରୀ ସି, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଏମଭିଆଇ ବିଭୁରଞ୍ଜନ ନାଏକ, ଏଆରଟିଓ ଦିବ୍ୟଜ୍ୟୋତି ମହନ୍ତ, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଦାସ, ଟ୍ରକ ମାଲିକ ସଙ୍ଘ ସଭାପତି ଅମରେଶ ସ୍ୱାଇଁଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଗୋପାଳପୁର ଗଣଦୁଷ୍କର୍ମ ମାମଲା

# ରିମାଣ୍ଡରେ ୬ ଅଭିଯୁକ୍ତ

**ବ୍ରହ୍ମପୁର, ୨୪।୬ (ସମିସ):** ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଛି। କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଓମ୍ ପ୍ରଧାନ ଓ ଦୀପକ ତରାଇକୁ ରିମାଣ୍ଡରେ ନେଇଛି। ଅଭିଯୁକ୍ତମାନଙ୍କର ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସମସ୍ତଙ୍କୁ ଗୋପାଳପୁର ଥାନାକୁ ନିଆଯାଇଥିଲା। ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନିଙ୍କ ସମେତ ୫ ଜଣିଆ

### ୪ ଯୁବକ କରିଛନ୍ତି ଗଣଦୁଷ୍କର୍ମ

ତଦନ୍ତକାରୀ ଟିମ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ସେମାନଙ୍କୁ ଘଟଣା ସଂପର୍କରେ ମାରାଥନ୍ ଜେରା କରିଥିଲେ। ପୀଡ଼ିତା ଛାତ୍ରୀଙ୍କୁ ୩ଜଣ ନୁହେଁ, ବରଂ ୪ଜଣ ଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଥିବା ତଦନ୍ତରୁ ଜଣାପଡ଼ିଛି। ଦୁଷ୍କର୍ମ କରିଥିବା ୪ଜଣଙ୍କ ମଧ୍ୟ ଜଣେ ନାବାଳକ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଜୁଲାଇ ୧୫ ତାରିଖ ସୁଦ୍ଧା ଚାର୍ଜସିଟ୍ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ବିଭିନ୍ନ ରାଜନୈତିକ ଦଳ, ସଂଗଠନ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଓଟିପି ସେୟାରିଂ ମାମଲା

# ଗିରଫ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ


**ଭୁବନେଶ୍ୱର,୨୪।୬(ସମିସ):** ଓଟିପି ସେୟାରିଂ ମାମଲାରେ ପଠାଣିସାମନ୍ତ ସମେତ ୬ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ ବା ଏସ୍‌ଟିଏଫ୍। ୫ଶହ ପୃଷ୍ଠାର ଚାର୍ଜସିଟ୍ ତଦନ୍ତ ଅଧିକାରୀ ଏଡିଜେ-୩ କୋର୍ଟରେ ଦାଖଲ କରିଛନ୍ତି। ଗିରଫ ହୋଇଥିବା ୬ ଅଭିଯୁକ୍ତ ଏବଂ ପାକିସ୍ତାନ ଏଜେଣ୍ଟଙ୍କ ୩୦ଟି ଆକାଉଣ୍ଟକୁ ଏସ୍‌ଟିଏଫ ଫ୍ରିଜ୍ କରିଛି। ଏହି ଆକାଉଣ୍ଟରେ ୭୦ଲକ୍ଷ ଟଙ୍କା ରହିଥିବା ଚାର୍ଜସିଟରେ ଉଲ୍ଲେଖ କରିଛି ଏସ୍‌ଟିଏଫ୍। ଅଭିଯୁକ୍ତ ଗୁଡ୍ଡୁ କୁମାର ଏବଂ ପଠାଣିସାମନ୍ତ ମିଶି ଏକ ସ୍ଲିପରସେଲ୍ ଗଠନ କରିଥିଲେ। ଯେଉଁଥିଲେ ସୋସିଆଲ ମିଡିଆ ମାଧ୍ୟମରେ ଏକାଧିକ ଯୁବକ ଏହି ଆତଙ୍କବାଦୀ ଏଜେଣ୍ଟମାନଙ୍କୁ ସାମିଲ କରାଯାଇଥିଲା। କେହି କାହାକୁ ଦେଖିନଥିବା ବେଳେ ସୋସିଆଲ ମିଡିଆ ଏବଂ ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ କଥା ହେଉଥିଲେ। ଏହି ଆପ୍‌କୁ ଅଭିଜିତ୍ ସଞ୍ଜୟ ପ୍ରସ୍ତୁତ କରିଥିଲା। ଏହି ଆପ୍ ମାଧ୍ୟମରେ ଭାରତରେ ଥିବା

### ■ ୩୦ଟି ଆକାଉଣ୍ଟ ଫ୍ରିଜ୍ କରିଛି ଏସ୍‌ଟିଏଫ୍

ପାକିସ୍ତାନ ଏଜେଣ୍ଟଙ୍କ ସହ କଥା ହେଉଥିଲେ। ପ୍ରତିଦିନ ଯାହା କାମ ଦିଆଯାଉଥିଲା ସେମାନେ ତାହାକରି ଏହି ଆପ୍ ମାଧ୍ୟମରେ ଭିଡିଓ ଏବଂ ଫଟୋ ପାକିସ୍ତାନ ପଠାଉଥିଲେ। ସେମାନଙ୍କୁ ମାସ ଶେଷକୁ ଅଭିଜିତ୍ ସଞ୍ଜୟ ଦରମା ଆକାରରେ ୫୦ ହଜାର ଟଙ୍କା ପଠାଉଥିଲା। ଏସ୍‌ଟିଏଫ ତଦନ୍ତ ବେଳେ ଏହି ଆପ୍ ସମ୍ପର୍କରେ ଜଣାପଡ଼ିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ଅଭିଯୁକ୍ତଙ୍କ ଠାରୁ ଜବତ ମୋବାଇଲ ଫୋନ୍‌ର ଫୋରେନସିକ୍ ଯାଞ୍ଚ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଏହି ରିପୋର୍ଟରେ ୬ ଅଭିଯୁକ୍ତ ଏକ ଆପ୍ ମାଧ୍ୟମରେ କଥା ହେବା ସହ ଯେଉଁଥିରେ ଏକାଧିକ ଭିଡିଓ ଏବଂ ଫଟୋ ପଠାଉଛନ୍ତି। ଦେଶର ବିଭିନ୍ନ ସମ୍ବେଦନଶୀଳ ସ୍ଥାନର ଫଟୋ ଏବଂ ଭିଡିଓ ପାକିସ୍ତାନକୁ ପଠାଉଛନ୍ତି। ତିନି ଅଭିଯୁକ୍ତ ଦୁବାଇ ଯାଇ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଯୋଜନା କରୁଥିଲେ। ଅଭିଯୁକ୍ତ ଗୁଡ୍ଡୁ କୁମାର, ପଠାଣି ସାମନ୍ତ ଏବଂ ଅଭିଜିତ୍ ସଞ୍ଜୟ ଯାଇଥିବାର ବିମାନଯାତ୍ରାର ତଥ୍ୟ କୋର୍ଟରେ ଦାଖଲ ହୋଇଛି। ୧୦ରୁ ଅଧିକ ଥର ଦୁବାଇ ଯାଇଥିବା ଉଲ୍ଲେଖ ରହିଛି।

## ହେଉନାହିଁ ପାଟ୍ରୋଲିଂ, ଲାଗିନାହିଁ ସିସିଟିଭି

# ରାଜ୍ୟର ବେଳାଭୂମି ଅସୁରକ୍ଷିତ



**ଭୁବନେଶ୍ୱର,୨୪।୬(ସମିସ):** ଗୋପାଳପୁର ଗଣଦୁଷ୍କର୍ମ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଗଭୀର ଆଘାତ ପହଞ୍ଚାଇଛି। ରାଜ୍ୟର ବେଳାଭୂମିକୁ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି ସମୟରେ ଆମେରିକା ପ୍ରଶାସନ ଓଡ଼ିଶାକୁ ପରୋକ୍ଷରେ ଦୁଷ୍କର୍ମ ପ୍ରବଣ ରାଜ୍ୟ ଭାବରେ ଉଲ୍ଲେଖ କରି ନିଜ ଦେଶର ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆସିବା ଉପରେ ଅଙ୍କୁଶ ଲଗାଇଛି। ଯାହା ଫଳରେ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିନ୍ଦିତ ହୋଇଛି। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ବେଳାଭୂମିଗୁଡ଼ିକ ମହିଳାଙ୍କ ପାଇଁ ଅସୁରକ୍ଷିତ ସାବ୍ୟସ୍ତ ହୋଇଛି।

ଓଡ଼ିଶାରେ ଗୋପାଳପୁର, ଚାନ୍ଦିପୁର, ରାଜନଗର ପେଣ୍ଠ, ପାରାଦ୍ୱୀପ, ଶିଆଳି, ପାର ଜାହାନିଆ, ପୁରୀ,କୋଣାର୍କ ଆଦି ପ୍ରମୁଖ ବେଳାଭୂମି ରହିଛି। ଏଠାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସିଥାଆନ୍ତି । ବେଳାଭୂମିର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସୁନେଲି ସୂର୍ଯ୍ୟୋଦୟରୁ ରକ୍ତିମ ସୂର୍ଯ୍ୟାସ୍ତ ଯାଏଁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହେ। ସମୁଦ୍ର ସ୍ନାନ ସାଙ୍ଗକୁ ବଣଭୋଜି ଆସର ଜମେ। ମାତ୍ର ଗୋପାଳପୁର,ଚାନ୍ଦିପୁର, ପେଣ୍ଠ, ଶିଆଳି, କୋଣାର୍କ ଏବଂ ପାର ଜାହାନିଆ ଆଦିକୁ ସମ୍ପ୍ରତି ପର୍ଯ୍ୟଟକଙ୍କ ପାଇଁ ସମ୍ବେଦନଶୀଳ ମନେ କରାଯାଉଛି। ଏହି ବେଳାଭୂମିରେ ଆଲୋକ ବ୍ୟବସ୍ଥା ନାହିଁ ଓ ପୁଲିସ ପାଟ୍ରୋଲିଂ ମଧ୍ୟ କରାଯାଉ ନାହିଁ। ସଞ୍ଜ ନଇଁବା ସହ ଏହି ବେଳାଭୂମିଗୁଡ଼ିକ ଅପରାଧୀ ଓ ନିଶାଡ଼ିଙ୍କ ଚରାଭୂଇଁ ପାଲଟିଛି । ଅନେକ ସମୟରେ ପର୍ଯ୍ୟଟକ, ସେମାନଙ୍କ ପରିବାର ଏହି ଅପରାଧୀଙ୍କ ଦ୍ୱାରା ଲୁଣ୍ଠନ ଓ ଅସଦାଚରଣର ଶିକାର ହେଉଛନ୍ତି। ଅନେକ ନିଜ ସମ୍ମାନ ଦୃଷ୍ଟିରୁ ତୁଣ୍ଡ ଖୋଲୁ ନାହାନ୍ତି। ପୂର୍ବରୁ ପେଣ୍ଠ ବେଳାଭୂମିରେ ଅସଦାଚରଣ, ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର ଭଳି ଘଟଣା ସାମ୍ନାକୁ ଆସିଛି।

ପାରାଦ୍ୱୀପ ଏବଂ ପୁରୀ ବେଳାଭୂମିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକ ରହୁଥିବା ଦୃଷ୍ଟିରୁ କିଛିଟା ସୁରକ୍ଷିତ ମନେ କରାଯାଉଛି। ମାତ୍ର ଅନ୍ୟ ବେଳାଭୂମିରେ ଆଲୋକର ଅଭାବ ଓ ପୁଲିସ ପାଟ୍ରୋଲିଂ ନ ଥିବାରୁ ସେଠାରେ ଏବେ ପର୍ଯ୍ୟଟକ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଅପରାଧ ତତ୍ପମାନେ ଏଠାରେ ଆତଙ୍କରାଜ ଚଳାଉଥିବା ଅଭିଯୋଗ ହୋଇଛି। ଗୋପାଳପୁର ଘଟଣା ପରେ ରାତି ୮ଟା ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଉଥିଲେ ହେଁ ତାହା ପର୍ଯ୍ୟଟକମାନଙ୍କୁ ଆଶ୍ୱସ୍ତ କରିପାରି ନାହିଁ। ପୁରୀ ବେଳାଭୂମିରେ ୨୪ ଘଣ୍ଟା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ସେଠାରେ ପର୍ଯ୍ୟଟକଙ୍କ ପାଇଁ ସହାୟତା କେନ୍ଦ୍ର ନାହିଁ। ବାଲେଶ୍ୱର ଚାନ୍ଦିପୁର ବେଳାଭୂମିକୁ ସୁବର୍ଣ୍ଣ ବେଳାଭୂମି କୁହାଯାଇଥାଏ। ଯେଉଁଠି ସମୁଦ୍ର ଅନେକ ଦୂରକୁ ଘୁଞ୍ଚି ଯାଇଥାଏ। ପର୍ଯ୍ୟଟକ ମାନେ ବାଲିରେ ଚାଲିଚାଲି ପାଣି ପାଖକୁ ଯାଇ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ହେଲେ ଚାନ୍ଦିପୁର ବେଳାଭୂମିର ଲାଇଟ ଲାଗିଥିଲେ ମଧ୍ୟ ସବୁ ଖରାପ ହୋଇ ବନ୍ଦ ହୋଇଥିବାରୁ ବେଳାଭୂମି ଅନ୍ଧକାରମୟ ହୋଇଛି। ବ୍ୟବସାୟୀମାନଙ୍କୁ ରାତ୍ର ୧୦ଟା ସୁଦ୍ଧା ବନ୍ଦ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ୧୦ଟା ପରେ ସମୁଦ୍ର ବେଳାଭୂମି ସଂପୂର୍ଣ୍ଣ ଅନ୍ଧାର ଏବଂ ନିଛାଟିଆ ହୋଇଯାଉଛି। ତତ୍ କଥା ହେଲା ଏହି ସବୁ ବେଳେଭୂମି ନିକଟରେ କୌଣସି ସିସିଟିଭି ଲାଗିନାହିଁ ଯାହାର ଫାଇଦା ନେଉଛନ୍ତି ଅପରାଧୀ।

ଜଣେ ପୁଲିସ କର୍ମଚାରୀ କହିଛନ୍ତି ଯେ ବାଲିରେ ପାଟ୍ରୋଲିଂ କରିବା ପାଇଁ ସ୍ୱତନ୍ତ୍ର ଗାଡିର ଅଭାବ ରହିଛି। ତେଣୁ ବେଳାଭୂମି ପାଟ୍ରୋଲିଂ କରିବାକୁ ଏହି ଗାଡି ଯୋଗାଇ ଦେବା ସହ କର୍ମଚାରୀ ସଂଖ୍ୟା ବୃଦ୍ଧିର ଆବଶ୍ୟକତା ରହିଛି। ଆଗରୁ ଚାଲି ଚାଲି ପାଟ୍ରୋଲିଂ କରାଯାଉଥିଲା ଏବେ ଗାଡିରେ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ କର୍ମଚାରୀ ଜଣଙ୍କ କହିଛନ୍ତି।

## ବିପର୍ଯ୍ୟୟରେ 'ଶୂନ୍ୟ ମୃତ୍ୟୁ' ପ୍ରହସନ

# ବନ୍ୟା ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

**ଭୋଗରାଇ/କମର୍ଦ୍ଦା, ୨୪।୬ (ସମିସ):** ସୁବର୍ଣ୍ଣରେଖା ନଦୀ ବନ୍ୟାରେ ପୁଣି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗବଗାଁ ଗ୍ରାମର ଜଣେ ନାବାଳକ ବନ୍ୟାପାଣିରେ ବୁଡ଼ି ଆଜି ପ୍ରାଣ ହରାଇଛି। ସେ ହେଲା, ଦେବବ୍ରତ ଦେଙ୍କ ପୁଅ ରୁଦ୍ର ନାରାୟଣ ଦେ (୧୩)। ସୂଚନାନୁଯାୟୀ, ବନ୍ୟା ଆସିଲେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥାଏ। ନଦୀରେ ଜଳସ୍ତର ହ୍ରାସ ପାଇଲେ ମଧ୍ୟ ଏହି ଗାଁରୁ ପାଣି ଛାଡ଼ିବାକୁ ୧୦/୧୫ଦିନ ଲାଗିଥାଏ। ରୁଦ୍ର ଆଜି ଘରୁ ବାହାରି ରାସ୍ତାକୁ ଆସୁଥିବା ବେଳେ ତା'ର ଗୋଡ଼ ଖସି ଯାଇଥିଲା। ତଳେ ଖାଲୁଆ ସ୍ଥାନରେ ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲା। କିଛି ସମୟ ପରେ ପିଲାଟିକୁ ଖୋଜାଖୋଜି କରି ସ୍ଥାନୀୟ ଲୋକେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନି ଦିନ ତଳେ ଏହି ବ୍ଲକର କୁହ୍ଲା ଗ୍ରାମରେ ଜଣେ ଯୁବକ ବନ୍ୟାପାଣିରେ ଭାସି ପ୍ରାଣ ହରାଇଥିଲେ। ଚଳିତବର୍ଷ ପ୍ରଥମ ବନ୍ୟାରେ ଜିଲ୍ଲାରେ ଦୁଇ ଦୁଇଟି ଜୀବନ ଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପୂର୍ବାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଶକ୍ତି ମନ୍ତ୍ରୀ ସମ୍ମିଳନୀ

# ଅଣଜୀବାଶ୍ମ ଉତ୍ସରୁ ୬୧% ଶକ୍ତି ଉତ୍ପାଦନ ଲକ୍ଷ୍ୟ



**ଭୁବନେଶ୍ୱର,୨୪।୬(ସମିସ):** ଓଡ଼ିଶା ସଫଳତାର ସହ ଏକ ଶକ୍ତି-ପର୍ଯ୍ୟାପ୍ତ ରାଜ୍ୟରୁ ଏକ ଶକ୍ତିସଶକ୍ତ ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ସର୍ବାଧିକ ୬୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦା ପୂରଣ କରାଯାଇଛି। ୨୦୩୬ ସୁଦ୍ଧା ଓଡ଼ିଶା ନିଜର ବିଦ୍ୟୁତ୍ ଚାହିଦା ୬୧ ପ୍ରତିଶତ ବିଦ୍ୟୁତ୍ ଅଣଜୀବାଶ୍ମ ଉତ୍ସରୁ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ୨୦୩୬ ସୁଦ୍ଧା ମୋଟ ୧୧,୨୯୪ ମେଗାୱାଟ୍ ବିଦ୍ୟୁତ୍ ଯୋଡିବାକୁ ଯୋଜନା କରିଛି, ଯେଉଁଥିରେ ସୌର, ପବନ, ଜଳ ଏବଂ ପମ୍ପଡ୍ ଷ୍ଟୋରେଜ୍ ଅନ୍ତର୍ଭୁକ୍ତ ବୋଲି ଶକ୍ତି ବିଭାଗ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି।

ମଙ୍ଗଳବାର ବିହାରର ପାଟନାରେ ପୂର୍ବାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ରାଜ୍ୟ ଶକ୍ତି ମନ୍ତ୍ରୀ ଏବଂ ଶକ୍ତି ସଚିବମାନଙ୍କ ନେଇ ଅନୁଷ୍ଠିତ ସମ୍ମିଳନୀ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଶକ୍ତି କ୍ଷେତ୍ରକୁ ନେଇ ରାଜ୍ୟର ଆଗାମୀ ଦିନର ବ୍ଲୁ-ପ୍ରିଣ୍ଟ ବାବଦରେ ବିଶଦ ଉପସ୍ଥାପନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଗ୍ରୀଡ୍ ବିଫଳତା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆଇଲ୍ୟାଣ୍ଡିଂ ଯୋଜନା ମାଧ୍ୟମରେ ଓଡ଼ିଶା ଗ୍ରୀଡ୍ ସ୍ଥିରତା ହାସଲ କରିଛି। ୨୦୩୦ ସୁଦ୍ଧା ଓଡ଼ିଶାରେ ୨୨୫ଟି ସବଷ୍ଟେସନ୍ ଏବଂ ୨୦,୯୩୯ ସିକେଏମ୍ ଟ୍ରାନ୍ସମିସନ୍ ଲାଇନ୍ ରହିବ ଯାହାର ମୋଟ ପରିବର୍ତ୍ତନ କ୍ଷମତା ୪୫,୩୬୯ ଏମଭିଏ ହେବ। ସେହିପରି ରାଜ୍ୟରେ ନବୀକରଣୀୟ ଶକ୍ତି ନିଷ୍କାସନ କରିଡର ବିକଶିତ କରାଯାଉଛି, ଯେଉଁଥିରେ ହୀରାକୁଦ-କୋଲାବିରା-ଡୁବୁରୀ, ଇନ୍ଦ୍ରାବତୀ-ଥେରୁବାଲି-ଗୋପାଳପୁର, ଥେରୁବାଲି-ଜୟନଗର, ବାଲିମେଳାରୁ କୋଲାବରୁ ଜୟନଗର ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ପୁନଃନିର୍ମିତ ବଣ୍ଟନ କ୍ଷେତ୍ର ଯୋଜନା ଅଧୀନରେ ୬୨୮୪ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଲାଗି ଉପମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାସହ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା, ଏନଏଲସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ ଆବଣ୍ଟନ, ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ, ଓଡ଼ିଶାରେ ଭାସମାନ ସୌର ପ୍ରକଳ୍ପ, ଅଫଶୋର ପବନ ପ୍ରକଳ୍ପ ଏବଂ ଓଡ଼ିଶା ଉପକୂଳରେ ଜୁଆର ସମ୍ଭାବନାର ଅଧ୍ୟୟନ ସହିତ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ପାଇଁ ସାଧନଯୋଗ୍ୟ ଅନ୍ତର ପାଣ୍ଠି ପାଇଁ ଓଡ଼ିଶାରେ ସବୁଜ ଶକ୍ତି ପରିବହନ କରିଡର ପ୍ରକଳ୍ପ ଅଧୀନରେ କେନ୍ଦ୍ରୀୟ ଆର୍ଥିକ ସହାୟତା ମଞ୍ଜୁର ପାଇଁ ସହାୟତା ମାଗିଛନ୍ତି।

## ସରକାରଙ୍କ ଉପରେ ବର୍ଷିଲା ଏଆଇସିସି ତଥ୍ୟ ଅନୁଧ୍ୟାନ କମିଟି

# ଓଡ଼ିଶାରେ ବଳାତ୍କାରୀ ଓ ଭ୍ରଷ୍ଟାଚାରୀଙ୍କ ସରକାର



**ଭୁବନେଶ୍ୱର,୨୪।୬(ସମିସ):** ରାଜ୍ୟ ସରକାରଙ୍କ ଉପରେ ପ୍ରଚଣ୍ଡ ଭାବରେ ବର୍ଷିଛି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଘଟିଥିବା ଗଣଦୁଷ୍କର୍ମ ସମ୍ପର୍କରେ ଏଆଇସିସି ତଥ୍ୟ ଅନୁସନ୍ଧାନକାରୀ କମିଟି। ଏଆଇସିସିର ୫ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି (ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍) ୩ ଦିନ ଧରି ଗୋପାଳପୁର, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାରେ ଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱ, ପୁଲିସ ଓ ଜିଲ୍ଲା ପ୍ରଶାସନ ଆଦିଙ୍କୁ ଭେଟି ଘଟଣାଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଏବେ ଅରାଜକତା ସୃଷ୍ଟି ହୋଇଛି ଏବଂ ବଳାତ୍କାରୀ ଓ ଭ୍ରଷ୍ଟାଚାରୀମାନଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଜାତୀୟ ମହିଳା କମିସନର ପୂର୍ବତନ ଅଧ୍ୟକ୍ଷା ଓ ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷା ଦୀପା ଦାସମୁନ୍‌ସୀ କହିଛନ୍ତି ଯେ ରାଜ୍ୟରେ ନିଖୋଜ, ଅପହରଣ ଓ ଦୁଷ୍କର୍ମ ଏବେ ନିତିଦିନିଆ ଘଟଣା ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ଆମେ ସମୟ ମାଗିଥିଲୁ, ମାତ୍ର ସେ ସମୟ ଦେଲେ ନାହିଁ। ରାଜ୍ୟରୁ ସଂଗ୍ରହ ହୋଇଥିବା ହୃଦୟବିଦାରକ ଘଟଣାଗୁଡ଼ିକର ବିବରଣୀ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ପ୍ରଦାନ କରାଯିବ ଏବଂ ରାଜ୍ୟସଭା ଓ ଲୋକସଭାରେ ଏହି ପ୍ରସଙ୍ଗକୁ କଂଗ୍ରେସ ଜୋରଦାର କରିବ। ଏହାସହିତ ଓଡ଼ିଶାରୁ ରାଷ୍ଟ୍ରପତି ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରି ଓଡ଼ିଶାରେ ଘଟୁଥିବା ଏହି ଘଟଣା ସମ୍ପର୍କରେ ଅବଗତ କରାଯିବ।

କମିଟି ସଦସ୍ୟା ତଥା ସାଂସଦ ରଞ୍ଜିତ୍ ରଞ୍ଜନ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ମଦ ମାଫିଆ ଓ ଶାସକ-ପ୍ରଶାସକଙ୍କ ଅସାଧୁ ମେଣ୍ଟ ହୋଇଛି। ଯେଉଁଥିପାଇଁ ଆସାମୀମାନେ ଦୁଷ୍କର୍ମ ଏପରିକି ଗଣଦୁଷ୍କର୍ମ ଓ ହତ୍ୟା ପରେ ବି ଅବାଧରେ ବିଚରଣ କରୁଛନ୍ତି। ପ୍ରଶାସନର "ବୟଫ୍ରେଣ୍ଡ-ଗାର୍ଲଫ୍ରେଣ୍ଡ କଥା' କହି ଘଟଣାକୁ ହାଲୁକା ଭାବେ ନେଉଛି ବୋଲି କହିଛନ୍ତି। ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା କହିଛନ୍ତି ଯେ ଓଡ଼ିଶାରେ ପ୍ରତି ୫ କିଲୋମିଟରରେ ଜଣେ ଶିଶୁ ନିର୍ଯାତନାର ଶିକାର ହେଉଛି, ପ୍ରତି ୧୦ କିଲୋମିଟରରେ ଜଣେ ଶିଶୁ ନିଖୋଜ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ମଧ୍ୟ ଦୁଷ୍କର୍ମକାରୀ ନିର୍ଭୟରେ ବୁଲିବା ଦ୍ୱାରା ଅପରାଧକୁ ପ୍ରୋତ୍ସାହନ ଦିଆଯାଉଥିବା ସ୍ପଷ୍ଟ। ଗଞ୍ଜାମରେ ବଳାତ୍କାରୀ ମୁଖ୍ୟମନ୍ତ୍ରୀଙ୍କ ସହ ବୁଲୁଛି। ଏ କଥା କଥା ଆମେରିକା ଜାଣିଲାଣି, ଅଥଚ ମୁଖ୍ୟମନ୍ତ୍ରୀଙ୍କ କାନରେ ପଡୁନି! ଓଡ଼ିଶା ପରି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟରେ ଏବେ ଅରାଜକତା, ଭ୍ରଷ୍ଟାଚାର ଓ "ବଳାତ୍କାର' ଛଡ଼ା ଆଉ କିଛି ଶବ୍ଦ ଶୁଭୁନାହିଁ ବୋଲି ଲୋକସଭା ସାଂସଦ ପ୍ରଣିତୀ ସିନ୍ଦେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ନାରୀ ହିଂସା ବଢୁଛି। ବର୍ଷେ ହେଲାଣି, ମହିଳା କମିଶନ ଗଢ଼ା ହେଉନି। ମହିଳାଟେ ଦୁଃଖ କହିବ ତ, କେଉଁଠି କହିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଧରାକୋଟ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

**ଭୁବନେଶ୍ୱର,୨୪।୬(ସମିସ):** ଧରାକୋଟ୍ ଠାରେ ଦୁଇ ଦଳିତ ଯୁବକଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଘଟଣାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର ପ୍ରିୟଙ୍କା ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଏହି ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି। ପ୍ରିୟଙ୍କା ଉଲ୍ଲେଖ କରିଛନ୍ତି ଯେ ଦୁଇ ଦଳିତ ଯୁବକଙ୍କୁ ଘାସ ଖାଇବାକୁ ଏବଂ ଆଣ୍ଠୁରେ ଚାଲିବା ଭଳି ନିଷ୍ଠୁରତା ସମଗ୍ର ମାନବଜାତିକୁ ଲଜ୍ଜିତ କରିଛି। ଏହି ଘଟଣା କେବଳ ଦଳିତ ସମ୍ପ୍ରଦାୟର ଅପମାନ ନୁହେଁ, ବରଂ ବାବା ସାହେବଙ୍କ ସମ୍ବିଧାନ ଏବଂ ସମାନତା, ନ୍ୟାୟ ଏବଂ ମାନବିକତା ମୂଲ୍ୟବୋଧର ମଧ୍ୟ ଅପମାନ। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ବୃଦ୍ଧି ପାଉଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି।





**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣପୁର | 28.06.25 | 0245 | 28.06.25 | 1230 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣପୁର | 06.07.25 | 0245 | 06.07.25 | 1230 |

**05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

**06. ସୁନା ବେଶ ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣପୁର | 07.07.25 | 0245 | 07.07.25 | 1230 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଲାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ୍-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଲାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ୍ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

**09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ବୀରମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | ଜୁନାଗଡ଼ ରୋଡ୍-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ୍ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋନ୍ଦିଆ-ଖୋର୍ଦ୍ଧା ରୋଡ୍ | 26, 28 ଏବଂ 30.06.25 02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ

**10. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ବୀରମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-ଜୁନାଗଡ଼ ରୋଡ୍ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ୍-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ୍-ଗୋନ୍ଦିଆ | 28 ଏବଂ 29.06.25 01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ୍ ଠାରୁ ଛାଡ଼ିବ

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ।
ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP

UTS ON MOBILE

or DOWNLOAD from Play Store

UTS ON MOBILE
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

D-5/25-26

www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

ସକାଳ
THE SAKALA

# ଶାନ୍ତି-ସୌଦାଗର

ସାମ୍ପ୍ରତିକ ଅଣୁଘଟକ(କାଟାଲିଷ୍ଟ)-ଅବଦମିତ ବିଶ୍ୱର ବିଡ଼ମ୍ବନା ହେଲା ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱର ଉତ୍‌ପ୍ରେରକମାନେ ହିଁ ଶାନ୍ତି, ସହାବସ୍ଥାନ ଓ ସ୍ଥିରତାର ନିୟନ୍ତ୍ରକ ଓ ବାର୍ତ୍ତାବହ। ଆଉଟିକେ ସରଳ ଶବ୍ଦରେ ବୁଝାଇ କହିଲେ - ଯେତେବେଳ ପର୍ଯ୍ୟନ୍ତ କଂସେଇମାନେ ମାଂସ କାଟିବା ପାଇଁ ଅନିଚ୍ଛା ପୋଷଣ କରିନାହାନ୍ତି କିମ୍ବା ମଦବିକ୍ରେତାମାନେ ଉତ୍ପାଦନ କିମ୍ବା ବିକ୍ରି ବନ୍ଦ କରିନାହାନ୍ତି କିମ୍ବା ସମରବିଳାସୀମାନେ ଗୁଳିଗୋଳା ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବୀତସ୍ପୃହ ହୋଇନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ହିଂସାମୁକ୍ତ, ନିଶାମୁକ୍ତ, ଯୁଦ୍ଧମୁକ୍ତ ବିଶ୍ୱ ବା ସମାଜ ଗଠନ ପରୀରାଇଜର ସ୍ୱପ୍ନ ସହ ସମାନ। ଆଜିର ବିଶ୍ୱରେ ଯେଉଁ ଅଣୁଘଟକମାନେ ସମସ୍ୟା ସୃଷ୍ଟି କରନ୍ତି, ସେମାନେ ହିଁ ସମାଧାନର ସୂତ୍ର ବତାଇ ଦିଅନ୍ତି। ବସ୍ତୁତଃ ସେମାନେ ସମାଧାନର ସୂତ୍ର ହାତମୁଠାରେ ଲୁଚାଇ ରଖି ସମସ୍ୟା ସୃଷ୍ଟି କରନ୍ତି। ଏହି ପୃଷ୍ଠଭୂମିରେ ଏକ ଆଶ୍ୱସ୍ତିର ବିଷୟ ଏହା ହେବ ଯେ ସେହି ଅଣୁଘଟକମାନେ ସେମାନଙ୍କ ସମାଜ ଓ ସଭ୍ୟତା ବିରୋଧୀ କାର୍ଯ୍ୟକଳାପକୁ ଯେତେ ସଂକୁଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବେ ତାହା ସେତିକି ଅଶାନ୍ତିର ବାତାବରଣ ହ୍ରାସ କରିବ। ନାହିଁ ମାମୁଠାରୁ କଣା ମାମୁ ଭଲ ନ୍ୟାୟରେ ତାହା 'ସ୍ଥିର-ଶାନ୍ତି' ନ ହେଲେ ମଧ୍ୟ ପରୋକ୍ଷରେ ଏକ 'ଛାୟା-ଶାନ୍ତି'ର ବାର୍ତ୍ତା ଦେବ। ଗତକିଛିଦିନ ଧରି ବିଶ୍ୱର ସର୍ବବୃହତ୍ ଗୁଳିଗୋଳା ଓ ଯୁଦ୍ଧାସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ଆମେରିକାର ମତିଗତି ଲକ୍ଷ୍ୟ କଲେ ସେଥିରେ ବିଶ୍ୱ ପାଇଁ ଯେ ଏକ 'ଛାୟା-ଶାନ୍ତି' ପ୍ରତିଷ୍ଠାର ସନ୍ଦେଶ ଅଛି ତାହା ବୁଝାପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଅଦ୍ୟାବଧି ବିଶ୍ୱରେ ଯେତେସବୁ ଯୁଦ୍ଧ ଓ ଦ୍ୱନ୍ଦ୍ୱର ଘନଘଟା ସୃଷ୍ଟି ହୋଇଛି ତା'ପଛରେ ପ୍ରଚ୍ଛନ୍ନ ଭୂମିକା ଯେ ଆମେରିକାର ରହିଛି ତାହା ଆଉ ପ୍ରମାଣ କରିବାକୁ ବାକି ନାହିଁ। ଭିଏତ୍‌ନାମରୁ ଆରମ୍ଭ କରି ଇରାକ୍, ଆଫ୍‌ଗାନିସ୍ତାନ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ ହେଉ କିମ୍ବା ଦକ୍ଷିଣକୋରିଆ-ଉତ୍ତରକୋରିଆ, ଭାରତ-ପାକିସ୍ତାନ, ଚୀନ୍-ଜାପାନ, ଇରାନ୍-ଇରାକ୍, ଇରାକ୍-କୁଏତ, ଚୀନ୍-ତାଇୱାନ୍, ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ପାଲେଷ୍ଟାଇନ୍ ଓ ସମ୍ପ୍ରତି ଇସ୍ରାଏଲ୍-ଇରାନ୍ ବିବାଦରେ ଆମେରିକାର ବଡ଼ଭାଇ ପଣିଆ ପରିସ୍ଥିତିକୁ ଅଧିକ ଜଟିଳ କରିଛି ଏବଂ ବିବାଦର ସ୍ଥାୟୀ ସମାଧାନ ବଦଳରେ ସମସ୍ୟା ଅଧିକ ବିଳମ୍ବିତ ହୋଇଛି। ଅଥଚ ବିଡ଼ମ୍ବନା ହେଉଛି ଆମେରିକାର ସର୍ବାଧିକ ଚାରିଜଣ ରାଷ୍ଟ୍ରମୁଖ୍ୟ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏବେ ସେହି ଦୌଡ଼ରେ ଆଉ ଜଣେ ତଥାକଥିତ ଶାନ୍ତିର ସୌଦାଗର ଭାବେ ଡୋନାଲ୍ଡ ଟ୍ରମ୍ପ ନିଜକୁ ସାମିଲ୍ କରିଛନ୍ତି।

ଆମେରିକାର ପ୍ରଥମ ରାଷ୍ଟ୍ରପତିତ୍ୱ ପାଳିରେ ଟ୍ରମ୍ପ ମହାଶୟ ଅଯାଚିତ ଭାବେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଆଗ୍ରହ ପ୍ରକାଶ କରି ନୋବେଲ୍ ଶାନ୍ତି ପୁରସ୍କାର ଦୌଡ଼ରେ ପ୍ରଥମ ପାଦ ରଖିଥିଲେ। ସେ ଦିଗରେ ସେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟଙ୍କ ସହିତ ହ୍ୱାଇଟ୍ ହାଉସ୍‌ରେ ଆଲୋଚନା ମଧ୍ୟ କରିଥିଲେ। କିନ୍ତୁ ଦୌଡ଼ରେ ଦ୍ୱିତୀୟ ପାଦ ପକାଇବା ପୂର୍ବରୁ ସମୟ ତାଙ୍କଠାରୁ ରାଷ୍ଟ୍ରପତି ପଦ କାଢ଼ି ନେଲା। ନୋବେଲ୍ ଶାନ୍ତି ପୁରସ୍କାରର ଲାଳସା ତାଙ୍କୁ ଏବେ ଏତେ ବ୍ୟଗ୍ର କରିଛି ଯେ ଅଗତ୍ୟା ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ ନିର୍ବାଚିତ ହେବା ପରଠାରୁ ସେ ଉନ୍ମାଦ ପ୍ରାୟ ଗୋଟିଏ ପରେ ଗୋଟିଏ ଅସଫଳ ଉଦ୍ୟମ କରି ଲୋକହସା ହୋଇଆସୁଛନ୍ତି। ପ୍ରଥମେ ରୁଷ-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ନିଜଆଡୁ ମଧ୍ୟସ୍ଥତା କରି ଅପଦସ୍ତ ହେବା ପରେ 'ଅପରେସନ୍ ସିନ୍ଦୂର'ରେ ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାରେ ତାଙ୍କ ଆତୁରତା ବାରି ହେଲା ସିନା ତାଙ୍କୁ ନୋବେଲ୍ ପ୍ରତିଯୋଗିତାରେ ପ୍ରତିସ୍ପର୍ଦ୍ଧାର ଶ୍ରେୟ ଦେଇପାରିଲା ନାହିଁ। ସେଥିରେ କିନ୍ତୁ ଚତୁର ଟ୍ରମ୍ପ ହତୋତ୍ସାହିତ ହୋଇ ନାହାନ୍ତି ବରଂ ଆଉ ଏକ ପରୀକ୍ଷା ପାଇଁ ମଧ୍ୟପ୍ରାଚ୍ୟକୁ ବାଛିଛନ୍ତି।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଆଜିର ନୁହେଁ। କିନ୍ତୁ ହଠାତ୍ ଆନ୍ତର୍ଜାତିକ ଆଣବିକ ସଂସ୍ଥାର ପରିଚାଳନା ବୈଠକ ଅନୁଷ୍ଠିତ ହେବା, ଇରାନ୍ ବିରୋଧରେ କଟକଣା ସଂକଳ୍ପ ପାରିତ ହେବା, ତତ୍କାଳ ଇସ୍ରାଏଲ୍ ଆଗତକୁହା ଭାବେ ଇରାନ୍ ଉପରେ ଆକ୍ରମଣ କରିବା, ଇସ୍ରାଏଲ୍‌ର ସହାୟତା ପାଇଁ ଆମେରିକା ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବା, ପୁଣି ଯୁଦ୍ଧବିରତି ପାଇଁ ଉଭୟ ରାଷ୍ଟ୍ରକୁ ରାଜି କରାଇବା ଏବଂ ଆଶ୍ଚର୍ଯ୍ୟଜନକ ଭାବେ ଇରାନ୍ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ୍ ଉପରେ ଅସନ୍ତୋଷ ପ୍ରକାଶ କରିବା ଆଦି ଘଟଣାକ୍ରମ ଆଦୌ କାକତାଳିକା ହୋଇ ନ ପାରେ। ଏହାପଛରେ ଟ୍ରମ୍ପଙ୍କ ଶାନ୍ତି ଦୂତ ହେବାର ଲାଳସା କେତେ ଉତ୍କଟ ତାହା ସ୍ପଷ୍ଟ ହେଉଛି। କେବଳ ଇରାନ୍ ଯେ ଲୁଚାଛପାରେ ଆଣବିକ କାର୍ଯ୍ୟକଳାପ ଜାରି ରଖିଛି ତା'ନୁହେଁ। ଇସ୍ରାଏଲ୍ ମଧ୍ୟ ସମପଥର ଯାତ୍ରୀ। ଉତ୍ତରକୋରିଆ, ପାକିସ୍ତାନ ଭଳି ବିପଜ୍ଜନକ ସେନାଶାସନ କବଳିତ ରାଷ୍ଟ୍ର ହାତରେ ମଧ୍ୟ ଅଣୁଅସ୍ତ୍ର ରହିଛି। ତେବେ ହଠାତ୍ ସେମାନେ କିପରି ସୁନା ପୁଅ ହୋଇଗଲେ, ଅଥଚ ଇରାନ୍ ପଟୁ ବିଶ୍ୱକୁ ଏତେ ବଡ଼ ବିପଦ ଟ୍ରମ୍ପଙ୍କୁ ଦେଖାଗଲା? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଟ୍ରମ୍ପଙ୍କ ଇରାନ୍ ବିରୋଧୀ ଆଭିମୁଖ୍ୟର ଉଦାହରଣ ସ୍ୱତଃସାମ୍ନାକୁ ଆସେ। ୨୦୧୧ରେ ଇରାନ୍ ସହିତ ଆମେରିକା ସ୍ୱାକ୍ଷର କରିଥିବା ଆଣବିକ ଚୁକ୍ତିକୁ ୨୦୧୮ ମସିହାରେ ଟ୍ରମ୍ପ ବାତିଲ୍ କରିଦେବା ପରେ ଆଗକୁ କ'ଣ ହେବାକୁ ଯାଉଛି ତାହା କିଛିଟା ବୁଝା ପଡୁଥିଲା, ଯାହା ଏବେ ଅଧିକ ସ୍ପଷ୍ଟ ହୋଇଛି।

ସାମ୍ପ୍ରତିକ ଆମେରିକା ଅଧ୍ୟୁଷିତ ଭୂରାଜନୈତିକ ସମୀକରଣ ଅନୁଯାୟୀ ଯୁଦ୍ଧ ପରିସ୍ଥିତି ସୃଷ୍ଟି ନ ହେବା ପର୍ଯ୍ୟନ୍ତ ଶାନ୍ତିର କଥା ଉଠିବ କେମିତି? ତେଣୁ ଯେଉଁଠି ଯୁଦ୍ଧର ସମ୍ଭାବନା ନାହିଁ ସେଠାରେ ତାହାର ସୂତ୍ରପାତ କରି ପୁଣି ସାଧୁ ବେଶରେ ଅବତୀର୍ଣ୍ଣ ହେବାକୁ ପଡ଼ିବ କିମ୍ବା ଯେଉଁଠି ଯୁଦ୍ଧପରିସ୍ଥିତି ସୃଷ୍ଟି ହୋଇସାରିଛି ସେଠାରେ ଶାନ୍ତିର ଧ୍ୱଜା ଧରି ଧସେଇ ପଶିବାକୁ ହେବ। ଏହି ଗଳଦ୍‌ଘର୍ମ ଉଦ୍ୟମ ଟ୍ରମ୍ପ ମହାଶୟ କରିଚାଲିଛନ୍ତି। ଆମେରିକା ଏବେ ବିଶ୍ୱକୁ ଏଭଳି ଏକ ଯୁଦ୍ଧ ବଜାରରେ ପରିଣତ କରିଦେଇଛି, ଯେଉଁଠାରେ ସେ ପ୍ରଭୂତ ଧନ-ଜୀବନ ବଦଳରେ ଶାନ୍ତିର ସଉଦା କରିପାରିବ ଏବଂ ଶାନ୍ତିର ବାର୍ତ୍ତାବହ ଭାବେ ନିଜକୁ ବିଶ୍ୱସ୍ୱୀକୃତି ଦେଇପାରିବ। ବିଶ୍ୱର ଆଉ ଏକ ବିଡ଼ମ୍ବନା ହେଲା ବିଶ୍ୱର ଏହି ସମର ସୌଦାଗରକୁ ଶାନ୍ତିର ଦୂତ ଭାବେ ସ୍ୱୀକୃତି ଦେବା ପାଇଁ ସୁପାରିସ କରିଛି ପାକିସ୍ତାନ ଭଳି ଆତଙ୍କବାଦୀ ଉତ୍ପାଦନ ଓ ରପ୍ତାନୀର କୁଖ୍ୟାତି ଅର୍ଜନ କରିଥିବା ଏକ ଅସ୍ଥିର ଓ ଅସଫଳ ରାଷ୍ଟ୍ର। ଯଦି ପାକିସ୍ତାନର ଏହି ସୁପାରିସ ନୋବେଲ୍ ପୁରସ୍କାର ଚୟନ କମିଟି ଦ୍ୱାରା ଅନୁମୋଦିତ ହୁଏ ତେବେ ବିଶ୍ୱ ଅନ୍ତତଃ ଆଗାମୀ କିଛିବର୍ଷ ପର୍ଯ୍ୟନ୍ତ ଯୁଦ୍ଧର ଘନଘଟା, ଅସ୍ଥିରତା ଓ ଅଶାନ୍ତିରୁ ସାମୟିକ ମୁକ୍ତି ପାଇବ। ଏହା କ'ଣ ଉପରବର୍ଣ୍ଣିତ 'ଛାୟା-ଶାନ୍ତି'ର ପଦଚିହ୍ନ ହେବ ନାହିଁ କି?

# ଅଶରୀରୀ କାହାଣୀର ସାମାଜିକ ଆବେଦନ

**ଡକ୍ଟର ଅବଶ ପରିଡ଼ା**

ଭୂତଗପ ହେଉଛି ଭାରତୀୟ ଲୋକକଥାର ଏକ ପ୍ରମୁଖ ଅଂଶ। ସମାଜବିଜ୍ଞାନର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଗଣିତ ଭୂତଗପ ସହିତ ଆମ ଦେଶରେ ୮୫ ରୁ ଅଧିକ ପ୍ରକାରର ଭୂତ ଅଛନ୍ତି। ଭୂତଙ୍କ ଭୟ ଓ ପ୍ରଭାବ ଅନୁଯାୟୀ ସମାଜ ସେମାନଙ୍କ ପଦାନୁକ୍ରମ ମଧ୍ୟ ସ୍ଥିର କରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନେକ ପ୍ରକାରଭେଦ ଓ ବର୍ଗୀକରଣ ସତ୍ତ୍ୱେ ଦେଶର ବିଭିନ୍ନ ସ୍ଥାନ, ସଂସ୍କୃତି ଏବଂ ସମ୍ପ୍ରଦାୟରେ ଭୂତ ଓ ଭୂତଗପ ମଧ୍ୟରେ ଏକ ଅଦ୍ଭୁତ ସମାନତା ଅଛି। ଦୁଇଟି ଭିନ୍ନ ଚିନ୍ତାଧାରା ଦ୍ୱାରା ପରିଚାଳିତ ଭୂତ ଲୋକକଥା। ପ୍ରଥମ ଚିନ୍ତାଧାରା କୁହେ ଯେ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ସଂସ୍କୃତି ପାଇଁ ଭୂତଗପ ହେଉଛି ଅଜଣା ରହସ୍ୟକୁ ଜାଣିବାର ଏବଂ ଭୟକୁ ସାମ୍ନା କରିବାର ଏକ ଉପାୟ। ଅପରପକ୍ଷେ, ସଂସ୍କୃତି ଓ ପରମ୍ପରା ମଧ୍ୟରେ ଭୂତଗପର ପ୍ରଚଳନ ଏକ ଲୋକପ୍ରିୟ କଳ୍ପନା ବୋଲି ସମାଜବିଜ୍ଞାନୀମାନେ ମତପୋଷଣ କରନ୍ତି।

ପ୍ରାଚୀନକାଳରୁ ଭୂତ, ପ୍ରେତ ଓ ଅଶରୀରୀ ଇତ୍ୟାଦି ଭାରତୀୟ ପୌରାଣିକ କାହାଣୀର ଅଂଶ ହୋଇଆସିଛନ୍ତି, ଯାହାର ଉଲ୍ଲେଖ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟରେ ମଧ୍ୟ ରହିଛି। ସେହିପରି ଋଗବେଦରେ ବିଭିନ୍ନ ପ୍ରକାରର ଆକାର ବର୍ଗୀକରଣ କଥା ଉଲ୍ଲେଖ ଅଛି। ଭୂତର ଅସ୍ତିତ୍ୱକୁ ପ୍ରାୟ ସମସ୍ତ ଭାରତୀୟ ସଂସ୍କୃତିରେ ଗ୍ରହଣ କରାଯାଇଛି। ଏସବୁ ଆମ ଲୋକକଥା ବା 'ଆଇ ମା କାହାଣୀ'ରେ ପ୍ରତିଫଳିତ। ଭୂତଗପ ହେଉଛି ଏକ ଲୋକପ୍ରିୟ ସାଂସ୍କୃତିକ ବିଶ୍ୱାସ। ଏହା ସାମାଜିକ ଅବସ୍ଥା, ପରମ୍ପରା, ଆତ୍ମା ଓ ଅଲୌକିକ ସତ୍ତା ଉପରେ ଥିବା ସାମାଜିକ ମତାମତର ପ୍ରତିଫଳନ। ଚୁମ୍ବକରେ କହିବାକୁ ଗଲେ, ଭୂତକାହାଣୀ ହେଉଛି ସାମାଜିକ ଗତିଶୀଳତା ଏବଂ ପାରସ୍ପରିକ କ୍ରିୟାକୁ ପ୍ରଭାବିତ କରୁଥିବା ଆମ ଲୋକକଥାର ଏକ ଉପଧାରା। ଐତିହାସିକ ଓ ସମସାମୟିକ ପ୍ରସଙ୍ଗରୁ ଏହାର ଉତ୍ପତ୍ତି। ସମାଜବିଜ୍ଞାନର ଏକ ତତ୍ତ୍ୱ ଅନୁଯାୟୀ ଭୂତଗପ ହେଉଛି ସମ୍ପ୍ରଦାୟ ମଧ୍ୟରେ ବ୍ୟକ୍ତିବିଶେଷଙ୍କୁ ସଂଯୋଗ କରିବାର ଏକ ମାଧ୍ୟମ। ସେହିପରି ସମାଜବିଜ୍ଞାନୀମାନଙ୍କର ଅନ୍ୟ ଏକ ମହଲ ଯୁକ୍ତି କରନ୍ତି ଯେ ଏହା ହେଉଛି ବ୍ୟାପକ ସାଂସ୍କୃତିକ ମୂଲ୍ୟବୋଧ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିଛବି। ଅନେକାଂଶରେ ଏହି କାହାଣୀ ସବୁ ସାମାଜିକ ଉତ୍ତେଜନା, ସାମାଜିକ ସମ୍ପର୍କ, ସମ୍ପ୍ରଦାୟ ଚିନ୍ତା ଓ ବ୍ୟକ୍ତିଗତ ଅଭିଜ୍ଞତାକୁ ପରିପ୍ରକାଶ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ ଭାବେ ପରିଗଣିତ ହୁଏ।

ଭୂତ କାହାଣୀ କହିବା ଏକ ସାଧାରଣ ଘଟଣା ଲାଗିପାରେ; କିନ୍ତୁ ଜାଣି ରଖିବାକୁ ହେବ ଯେ ଭୂତଗପ ମଧ୍ୟ ସମୟ ସହିତ ବିକଶିତ ହୋଇଛି। ଏବେ ଅନେକ ଅନଲାଇନ୍ ପ୍ଲାଟଫର୍ମ, ପୋଡ୍‌କାଷ୍ଟ, ୱେବସିରିଜ୍ ଓ ସାକ୍ଷାତକାରରେ ଭୂତ, ପ୍ରେତ ଓ ଆତ୍ମା ବିଷୟରେ ଆଲୋଚନା କରାଯାଉଛି। ଅତି ସତର୍କତା ଓ ଚମତ୍କାର ଶୈଳୀରେ ଡିଜାଇନ୍ କରାଯାଇଥିବା ଏହିସବୁ ଉପାଦାନ ଅନେକଙ୍କୁ ପ୍ରଭାବିତ କରୁଛି। ଭୂତମାନଙ୍କ ପ୍ରତି ସାମୂହିକ ଆକର୍ଷଣ ଦ୍ୱାରା ପରିଚାଳିତ ଏହି ଡିଜିଟାଲ୍ ଅଭିଯାନ ଅଜାଣତରେ ଏକ ସାମାଜିକ ଗତିଶୀଳତାରେ ପରିଣତ ହୋଇସାରିଛି। କୁହାଯାଏ, ଏହାର ଏକ ବିଶାଳ ବଜାର ଅର୍ଥନୀତି ମଧ୍ୟ ଅଛି। 'ଅନ୍ ଦ ବିଲିଫ୍ ଇନ୍ ଭୂତସ୍-ଡେଭିଲ୍ ଆଣ୍ଡ ଘୋଷ୍ଟ ଓରଶିପ୍ ଇନ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ ଚଳଚ୍ଚିତ୍ରଗୁଡ଼ିକରେ ପୁରୁଷପ୍ରଧାନ ଢାଞ୍ଚାକୁ ଆହ୍ୱାନ କରି ଭୂତମାନଙ୍କୁ ଏକ ସଶକ୍ତୀକରଣ ଏବଂ ସାମାଜିକ ପରିବର୍ତ୍ତନର ପ୍ରତିନିଧି ଭାବରେ ଉପସ୍ଥାପନ କରାଯାଉଛି। ସାମାଜିକ ପ୍ରସଙ୍ଗ ଓ ଲୋକକଥାର ଉପାଦାନ ସହିତ ଭୂତ କାହାଣୀକୁ ମିଶାଇ ଆଧୁନିକ ଭାରତୀୟ ଚଳଚ୍ଚିତ୍ର ନିର୍ମାତାମାନେ ଏକ ନୂଆ ପ୍ରକାରର ସାଂସ୍କୃତିକ ଐତିହ୍ୟକୁ ଚିତ୍ରଣ କରୁଛନ୍ତି। ସ୍ତ୍ରୀ, ତୁମ୍ବାଡ଼, ବୁଲବୁଲ, ମୁଞ୍ଜ୍ୟ, କାନ୍ତାରା ଓ ଓଡ଼ିଆ ସିନେମା 'ବୋଉ', 'ବୁଟୁ', 'ଭୂତ' ଭଳି ଚଳଚ୍ଚିତ୍ରଗୁଡ଼ିକ ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ।

ଚିରୁଗୁଣି, ବାବନା ଭୂତ, ବ୍ରହ୍ମରାକ୍ଷସ, ଖବିସ, ମାଦଳ, ଡାହାଣୀ, ପ୍ରେତିନୀ ଓ କବନ୍ଧ ଭଳି ଚରିତ୍ର ଓଡ଼ିଆ ଭୂତ କାହାଣୀର ପ୍ରମୁଖ ଚରିତ୍ର। ଓଡ଼ିଶାରେ ପାଞ୍ଚଟି ଭୂତକାହାଣୀ ବିଶେଷ ଭାବରେ ଲୋକପ୍ରିୟ। ପ୍ରଥମଟି ହେଉଛି ଜଣେ ମହିଳା ତାଙ୍କ ମୃତ ସନ୍ତାନକୁ ସେକିବା ସମୟରେ ନିଜ ଗୋଡ଼କୁ ନିଆଁରେ ପୋଡୁଥିବାର କାହାଣୀ। ଦ୍ୱିତୀୟ କାହାଣୀ ହେଉଛି ଏକ ପ୍ରକାର ଭୂତ, ଯାହା ବିଭିନ୍ନ ପ୍ରାଣୀର ଆକାର ଧାରଣ କରିପାରେ। ଏକ ଭୂତ ରାତିରେ ଡାକିକରି କ୍ଷେତକୁ ପାଣି ଦେବାକୁ ନେଇଯିବାର ତୃତୀୟ କାହାଣୀ ବେଶ ପ୍ରଚଳିତ। ଚତୁର୍ଥ କାହାଣୀରେ ବାଉଁଶ ବୁଦାକୁ ତଳକୁ ନୁଆଇଁ ଦେଉଥିବା ସାଧାରଣ ଭୂତର ବର୍ଣ୍ଣନା। ଲମ୍ବା କେଶ ଥିବା ଏକ ମହିଳା ଭୂତ, ଯିଏ ଗଛରେ ବସିଥାଏ ଏବଂ ଯାହାର ଚୁଟି ମାଟିକୁ ଲାଗିଥାଏ ହେଉଛି ପଞ୍ଚମ ଲୋକପ୍ରିୟ ଗପ। ଏଠି କହି ରଖିବାକୁ ଚାହେଁ ଯେ ଆମ ଓଡ଼ିଆ ଭୂତ କାହାଣୀ ସହିତ ଆଫ୍ରିକୀୟ ଭୂତ କାହାଣୀଗୁଡ଼ିକର ଅନେକ ସାମଞ୍ଜସ୍ୟ ରହିଛି।

ଦୁଇଟି ଉପାଦାନ, ନ୍ୟାୟ ପାଇବା ଏବଂ ପ୍ରତିଶୋଧ ନେବା ହେଉଛି ପ୍ରାୟ ସମସ୍ତ ଭୂତ କାହାଣୀର ପୃଷ୍ଠଭୂମି। ଏକ ସାଧାରଣ ବିଶ୍ୱାସ ଓ ଧାରଣା ଅନୁଯାୟୀ ଜୀବନକାଳରେ ନିର୍ଯାତିତ ହୋଇଥିବା ଅତୃପ୍ତ ଆତ୍ମା ନ୍ୟାୟ ପାଇବା ପାଇଁ ଭୂତ ଭାବରେ ଫେରନ୍ତି। ଏଠାରେ କିଛି ଉଦାହରଣ ନେବା। ଯଥା, ପୂର୍ବ ଓ ଉତ୍ତର ଭାରତର ମାସନ ଓ କାନିପିଶାଚୀ ନାମ୍ନୀ ଭୂତ। ଏହି ଭୂତମାନେ ପ୍ରାୟତଃ ଉପେକ୍ଷିତ ସମ୍ପ୍ରଦାୟର। ଦୁଃଖ ଓ ନିର୍ଯାତନା ବିରୁଦ୍ଧରେ ନ୍ୟାୟ ଓ ପ୍ରତିଶୋଧ ନେବା ଏମାନଙ୍କ ଲକ୍ଷ୍ୟ। ସେହିପରି ଉତ୍ତର ଭାରତରେ ଡାୟାନ ଓ ଚୁଡେଲ ନାମକ ମହିଳା ଭୂତମାନଙ୍କ ପରିଚୟ ନିମ୍ନ ଜାତି ଓ କୃଷ୍ଣବର୍ଣ୍ଣର ମହିଳାମାନଙ୍କ ସହିତ ଜଡ଼ିତ। ବିଶେଷଜ୍ଞଙ୍କ ମତରେ ଏହି ଭୂତମାନେ ପୁରୁଷ ସମାଜ ଓ ଉଚ୍ଚ ବର୍ଣ୍ଣ ଦ୍ୱାରା ସମ୍ମୁଖୀନ ହେଉଥିବା ନିଷ୍ଠୁରତାର ଫଳାଫଳ। ଓଡ଼ିଶାରେ ଚିରୁଗୁଣି ଏବଂ ବଙ୍ଗଳାରେ ଶଙ୍ଖଚୁନି ଭଳି ଭୂତମାନେ ମହିଳାଙ୍କ ନିମ୍ନ ଅବସ୍ଥା, ବହୁବିବାହ, ଖରାପ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ପରିସ୍ଥିତିରୁ ଉତ୍ପନ୍ନ ହୁଅନ୍ତି। ଉଦାହରଣ ସ୍ୱରୂପ, ଚିରୁଗୁଣି ଭୂତ ଗର୍ଭବତୀଙ୍କ ମୃତ୍ୟୁ କିମ୍ବା ପ୍ରସବ ସମୟରେ ମୃତ୍ୟୁବରଣ କରୁଥିବା ମହିଳା କିମ୍ବା ଯୌନ ଆକ୍ରମଣ ଯୋଗୁଁ ମୃତ୍ୟୁବରଣ କରୁଥିବା କାରଣରୁ ଉତ୍ପନ୍ନ ହୁଏ ବୋଲି ବିଶ୍ୱାସ କରାଯାଏ। କେବଳ ବିବାହିତ ମହିଳା ନୁହନ୍ତି, ଅନେକ ଭୂତ କାହାଣୀରେ ମଧ୍ୟ ଉଲ୍ଲେଖ ଅଛି ଯେ ଅବିବାହିତ ମହିଳାମାନେ ପ୍ରେତିନୀ, ମୋହିନୀ କିମ୍ବା ଯକ୍ଷୀ ନାମକ ଭୂତରେ ପରିବର୍ତ୍ତନ ହୁଅନ୍ତି। ଜୀବିତଙ୍କଠାରୁ ଯୌନ ତୃପ୍ତି କୁଆଡ଼େ ଏମାନଙ୍କ ଉଦ୍ଦେଶ୍ୟ।

ସମାଜବିଜ୍ଞାନୀଙ୍କ ମତରେ ଅବିବାହିତଙ୍କ ପ୍ରତି ଏହା ଏକ ସାଧାରଣ ସାମାଜିକ ଚିନ୍ତାଧାରା, ଯାହା ମୃତ୍ୟୁ ପରେ ଏକ ଲୋକକଥାରେ ପରିଣତ ହୁଏ। ଯଦି ଭୂତ କାହାଣୀକୁ ଅନୁସରଣ କରିବା ତେବେ ଜାଣିବା ଯେ ସବୁଠି ପୁରୁଷ ଭୂତଙ୍କ ସଂଖ୍ୟା ଓ ପ୍ରକାର ମହିଳା ଭୂତଙ୍କ ଠାରୁ କମ୍। ଏହା ନିର୍ଯାତିତା ଓ ପୀଡ଼ିତା ମହିଳାଙ୍କ ସ୍ୱରକୁ ପ୍ରତିଫଳିତ କରିବା ଏବଂ ସମାଜରେ ମହିଳାଙ୍କ ପରିସ୍ଥିତିକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ। ଭାରତୀୟ ଭୂତ କାହାଣୀଗୁଡ଼ିକରେ ଜୀବିତ ଓ ମୃତଙ୍କ ମଧ୍ୟରେ ରେଖା ପ୍ରାୟତଃ ଅସ୍ପଷ୍ଟ। ସମ୍ଭବତଃ ସେଥିପାଇଁ ଆମ ସାମାଜିକ ରୀତିନୀତିରେ ଆତ୍ମା ଓ ଭୂତଙ୍କୁ ଗୁରୁତ୍ୱ ଦିଆଯାଏ। ଏହି ବିଶ୍ୱାସ ଆମର ଦୈନନ୍ଦିନ ଜୀବନ, ପରମ୍ପରା ଏବଂ ସାମାଜିକ ଆଚରଣକୁ ଏକ ସକାରାତ୍ମକ ଆକାର ଦେବାକୁ ଚେଷ୍ଟାକରେ। ତେଣୁ ବ୍ୟକ୍ତିର ଅନୁଚିତ ରୀତିନୀତି କିମ୍ବା ଅପୂର୍ଣ୍ଣ ଇଚ୍ଛା ଯୋଗୁଁ ଭୂତକାହାଣୀଗୁଡ଼ିକରେ ପ୍ରେତ ଓ ବେତାଳ ଭଳି ଭୂତମାନଙ୍କ ଆବିଷ୍କାର ହୋଇଛି ବୋଲି ଅନୁମାନ କରାଯାଉଛି।

ଅସ୍କାର ୱାଇଲ୍ଡଙ୍କ 'ଦି କ୍ୟାଣ୍ଟରଭିଲ୍ ଘୋଷ୍ଟ' ପୁସ୍ତକରେ ଲେଖାଯାଇଛି ଯେ ଭୂତକାହାଣୀଗୁଡ଼ିକ ପାଠକଙ୍କୁ ଆକର୍ଷିତ ଓ ମନୋରଞ୍ଜନ କରିବା ପାଇଁ ଉଭୟ ଭୂତବଙ୍ଗଳା ଓ ପାରାନର୍ମାଲ ଗତିବିଧିର ପ୍ରୟୋଗ କରନ୍ତି। ଅସ୍କାରଙ୍କ ମତରେ ଏହି କାହାଣୀର ଭୂତଭୟ ଲୋକମାନଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ସେମାନଙ୍କୁ ନିୟମ ପାଳନ କରିବାକୁ ଏବଂ ଖରାପ ଆଚରଣରୁ ଦୂରେଇ ରହିବାକୁ ଶିକ୍ଷା ଦିଏ। ନାରୀବାଦୀ ଦୃଷ୍ଟିକୋଣ ଅନୁଯାୟୀ ଭୂତ କାହାଣୀଗୁଡ଼ିକରେ ନାରୀଙ୍କୁ ପୁରୁଷ-ପ୍ରଧାନ ସମାଜ ଏବଂ ଲିଙ୍ଗ ଭୂମିକାକୁ ପ୍ରଶ୍ନ କରିବାର ସ୍ୱାଧୀନତା ମିଳିଥାଏ। ଭୂତ-ଲୋକକଥାଗୁଡ଼ିକ ଆମର ସାମାଜିକ ମୂଲ୍ୟବୋଧ, ବିଶ୍ୱାସ ଓ ପରିବର୍ତ୍ତନକୁ ପ୍ରତିଫଳିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ କଳାକୃତି। ଏହା କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପରିଚୟ, ସ୍ମୃତି ଏବଂ ସମ୍ପ୍ରଦାୟର ଗତିଶୀଳତା ବିଷୟରେ ଏକ ସାମାଜିକ ଆଲୋଚନା।

ବ୍ୟକ୍ତିଗତ ବିଶ୍ୱାସ, ସାଂସ୍କୃତିକ ପରମ୍ପରା ଓ ଲୋକପ୍ରିୟ ଉପସ୍ଥାପନା ମଧ୍ୟରେ ପାରସ୍ପରିକ କ୍ରିୟା ସମସାମୟିକ ସମାଜରେ ଭୂତ କାହାଣୀର ଗୁରୁତ୍ୱକୁ ବୃଦ୍ଧି କରୁଛି। ଅନେକ ଗବେଷଣା ସୂଚିତ କରେ ଯେ ପାରମ୍ପରିକ ଲୋକକଥା କିଶୋରମାନଙ୍କ ମଧ୍ୟରେ ସାମାଜିକ ଦକ୍ଷତାକୁ ପ୍ରୋତ୍ସାହିତ କରିବା ସହ ଶିକ୍ଷାଗତ ଅଭିଜ୍ଞତାକୁ ବୃଦ୍ଧି କରିଥାଏ। ତେଣୁ ଭୂତ ଗପ ଏବଂ ଏ ସମ୍ପର୍କିତ କାହାଣୀ ସହିତ ଜଡ଼ିତ ହେବା ଦ୍ୱାରା ଆମର ସାଂସ୍କୃତିକ ଐତିହ୍ୟ ଏବଂ ପରିଚୟର ଅନ୍ୟାନ୍ୟ ଦିଗଗୁଡ଼ିକକ ଜାଣିବା ସହଜ ହୋଇଥାଏ।

ଭୁବନେଶ୍ୱର, ମୋ:୮୪୫୬୮୭୯୫୨୨

# ହଇଜାର ପ୍ରାଦୁର୍ଭାବ ଓ ସରକାରୀ ପଦକ୍ଷେପ

**ପ୍ରଦୀପ୍ତ କୁମାର କର**



ଓଡ଼ିଶାରେ ହଇଜାରେ ଆକ୍ରାନ୍ତ ହେବାର ମୁଖ୍ୟ କାରଣ ହେଉଛି ବିଶୁଦ୍ଧ ପିଇବା ପାଣିର ଅଭାବ। ଗାଁ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କଥା ଦୂରେ ଥାଉ ସହରମାନଙ୍କରେ ମଧ୍ୟ ଏ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କୁ ସରକାର ପିଇବା ପାଣି ଯୋଗାଇ ପାରିନାହାନ୍ତି। ଅନେକ ଜାଗାରେ ପରିମଳ ବ୍ୟବସ୍ଥା ଏତେ ବିଗିଡ଼ି ଯାଇଛି ଯେ ସେଗୁଡ଼ିକୁ ସଂକ୍ରାମକ ରୋଗର ଏନ୍ତୁଡ଼ିଶାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜଧାନୀ ଭୁବନେଶ୍ୱର ଓ ସହରତଳି ଅଞ୍ଚଳରେ ଗଢ଼ି ଉଠିଥିବା ବସ୍ତିର ପରିବେଶ କେତେ ଅସ୍ୱାସ୍ଥ୍ୟକର ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଏହାଛଡ଼ା ଅନେକ ଛୋଟ ଛୋଟ ଖାଇବା ଦୋକାନ, ଢାବା, ଫାଷ୍ଟ ଫୁଡ୍ ଦୋକାନକୁ କେବେବି କୌଣସି ସରକାରୀ ବାବୁ ତଦାରଖ ପାଇଁ ଆସନ୍ତି ନାହିଁ। କେବଳ ଯଦି ଏହିପରି କୌଣସି ପରିସ୍ଥିତି ସୃଷ୍ଟି ହୁଏ ବା ସରକାରଙ୍କ ତରଫରୁ ଆଦେଶ ଆସେ ତେବେ ବାବୁମାନେ ତତ୍ପର ହୁଅନ୍ତି। ଲୋକମାନଙ୍କର କୌଣସି ବାଛବିଚାର ନାହିଁ। ମେଳା ମହୋତ୍ସବରେ ତ ଏହି ଅସାଧୁ ବ୍ୟବସାୟୀମାନେ ଆହୁରି ଜାଗ୍ରତ ହୋଇ ନିଜର ବେପାର ମେଲାଇ ଦିଅନ୍ତି।

ଆଗକୁ ରଥଯାତ୍ରା ଆସୁଛି। ଏଥିପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ପ୍ରାୟ ଏକ ମାସ ଧରି ଚାଲୁ ରହିବ। ଏଥିପାଇଁ ପୁରୀରେ ବିଭିନ୍ନ ପ୍ରକାରର ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଅନେକ ପ୍ରକାରର ଖାଦ୍ୟ ସାମଗ୍ରୀ ବିକ୍ରି କରିବେ, ଯାହାର କି ଗୁଣବତ୍ତା ଯାଞ୍ଚ ନିଶ୍ଚିତ କରିହେବ ନାହିଁ। ତେଣୁ ହଇଜା ବ୍ୟାପୀ ଲୋକ ଆକ୍ରାନ୍ତ ହେଲେ କେତେ ବା ମଲେ କେତେ ସରକାରଙ୍କର କିଛି ଫରକ ପଡ଼େ ନାହିଁ। ଏସବୁ କେବଳ ସରକାରୀ ଅପାରଗତା ଯୋଗୁଁ ହିଁ ହେଉଛି। ଅନେକ ଗାଁ ଓ ସହରରେ ନଳକୂପଗୁଡ଼ିକ ସଫା ହୁଏ ନାହିଁ। ଏପରିକି ବଡ଼ ବଡ଼ ପାଣି ଟାଙ୍କି, ଯାହା ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଥାଏ, ସେଗୁଡ଼ିକ ନିୟମିତ ଅନ୍ତରାଳରେ ସଫା ନ ହୋଇ କେବଳ ବ୍ଲିଚିଂ ପାଉଡର ପକାଇ ଦିଆଯାଇ କର୍ତ୍ତୃପକ୍ଷ ନିଜର କର୍ତ୍ତବ୍ୟ ସାରି ଦିଅନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଆଖିଦୃଶିଆ କାର୍ଯ୍ୟ ହୁଏ ନାହିଁ, ଯାହା ବି ହୁଏ ତାହାର ତଦାରଖ ଉପରସ୍ତରରେ ହୁଏ ନାହିଁ।

ତେଣୁ ଏବେ ରାଜ୍ୟରେ ଦେଖାଦେଇଥିବା ହଇଜା ପାଇଁ ରାଜ୍ୟ ସରକାର ହିଁ ପ୍ରତ୍ୟକ୍ଷ ଭାବରେ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପ୍ରତି ବିଧାୟକ ଓ ସାଂସଦ ପରିଷ୍କାର ପାନୀୟ ଜଳ ପାଇ ପାରୁଛନ୍ତି ତେବେ ଯେଉଁ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ସେମାନଙ୍କୁ ନିର୍ମଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ସେମାନେ ଏତେ କୁଣ୍ଠାଗ୍ରସ୍ତ ଓ ଅସମର୍ଥ କାହିଁକି? ହଇଜା ଆକ୍ରାନ୍ତ ପାଇଁ ଔଷଧ ଓ ଡାକ୍ତରୀ ଚିକିତ୍ସା ଯେତିକି ଆବଶ୍ୟକ, ତା'ଠାରୁ ଅଧିକ ଆବଶ୍ୟକ ହେଉଛି ଜନ ସଚେତନତା। ପ୍ରତି ଗାଁ, ସହର, ଗଳି, କନ୍ଦିକୁ ବିଶୋଧନ କରିବା ନିହାତି ଆବଶ୍ୟକ। ଗଳିକନ୍ଦିରେ ବିକ୍ରି ହେଉଥିବା ଅସୁରକ୍ଷିତ ଖାଦ୍ୟ ଦୋକାନ ବନ୍ଦ ହେବା ନିହାତି ଜରୁରୀ।

ଗାଁ କଥା ଛାଡ଼ନ୍ତୁ ଆମ ରାଜଧାନୀରେ ଆବଶ୍ୟକତାଠାରୁ ବହୁତ କମ୍ ଫୁଡ୍ ଇନ୍ସପେକ୍ଟର ଅଛନ୍ତି। ଏଥିରୁ ରାଜ୍ୟର ସ୍ଥିତି ଓ ଖାଦ୍ୟର ମାନ ଯାଞ୍ଚ ଓ ଶୁଦ୍ଧତା କିପରି ହେଉଥିବା ଅନୁମେୟ। ପରିସ୍ଥିତି ଉତ୍କଟ ହେଲେ ଦିନେ ଦୁଇ ଦିନ କେବଳ ଉପର ସ୍ତରର ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଫଟୋ ଉଠାଇ ଟିଭି ଓ ସମ୍ବାଦପତ୍ରରେ ଦେଖିଦେଲେ ଯଥେଷ୍ଟ ବୋଲି ସେମାନେ ଭାବନ୍ତି। ଏବେ ବିବାହ ଋତୁ ଆରମ୍ଭ ହୋଇଯାଇଛି। ସ୍କୁଲ୍ ମଧ୍ୟ ଖୋଲିସାରିଛି। ଏହି ସମୟରେ ଯଦି ସରକାରୀ ସ୍ତରରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ ତେବେ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିବ। ସ୍କୁଲ୍‌ରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଆବଶ୍ୟକ। ସ୍କୁଲ୍ ଆଖପାଖରେ ଯେପରି ବୁଲାବିକାଳୀ ଓ ଉଠାଦୋକାନୀମାନେ ନ ବସନ୍ତି ସେଥିପ୍ରତି ସ୍କୁଲ୍ କର୍ତ୍ତୃପକ୍ଷ, ଅଭିଭାବକ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ବିବାହ ଉତ୍ସବ ଆଦିରେ ଯୋଗାଣ ହେଉଥିବା ପାଣିର ମାନ ମଧ୍ୟ ଯାଞ୍ଚ ହେବା ନିହାତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨

# ମହାପ୍ରଭୁଙ୍କ ସେନାପଟା ଲାଗି

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ମହାପ୍ରଭୁଙ୍କ ପରମଭକ୍ତ ପଞ୍ଚସଖାମାନଙ୍କ ଭିତରେ ବୟୋଜ୍ୟେଷ୍ଠ ବଳରାମ ଦାସ ସେତେବେଳେ ସତ୍ୟବାଦୀର ବକୁଳ ବନରେ ସାଧନାରେ ମଗ୍ନ ଥିଲେ। ମହାପ୍ରଭୁ ବଳରାମଙ୍କୁ ନିଜର ଅଜା ମାନ୍ୟ କରୁଥିଲେ ଏବଂ ବେଳେବେଳେ ତାଙ୍କ ସହ ଥଟ୍ଟମଜା କରୁଥିଲେ। ଦାସେ ମଧ୍ୟ ଠାକୁରଙ୍କୁ ନିଜ ପରିବାର ବୋଲି ଭାବୁ ଥିଲେ ଏବଂ କେହି କେବେ ନାତି ବିରୁଦ୍ଧରେ କିଛି କହିଲେ ସହି ପାରୁ ନ ଥିଲେ।

ଥରେ ମହାପ୍ରଭୁ ଅଜାଙ୍କ ସାଙ୍ଗରେ ଟିକିଏ ମଜା କରିବାକୁ ଚିନ୍ତା କଲେ। ଖରାଦିନ ସଂଧ୍ୟାବେଳିଆ ଯାଇ ବକୁଳ ବନରେ ପହଞ୍ଚି ଗଲେ ମହାପ୍ରଭୁ। ବଗୁଲିଆ ଭାଷାରେ କହିଲେ, 'ଅଜା! ଏକା ଏକା ବସି ପଣସ ଖାଉଛ, ଏ ନାତି କଥା ଟିକିଏ ମନେ ପକାନ୍ତ ନି!' 'ନାତି ମହାପ୍ରଭୁ! ରଜା ତୁମେ। ତୁମକୁ କୋଉ ଖଜା ଅପୂର୍ବ ଯେ ମୋଠୁ ପଣସ ଖାଇବାକୁ ମନ କରୁଛ!' ଦାସେ କହିଲେ। ସେଉଠୁ ମହାପ୍ରଭୁ କହିଲେ, 'ଆଜି ପଣସ ଖାଇକି ମୁଁ ଯିବି। ଆଣିକି ଦେବା ହେଲା ତୁମ କାମ।' 'ଆରେ ମୋତେ ମାଡ଼ ଖୁଆଇବ ନା କ'ଣ? ଜଗୁଆଳୀମାନେ ଦେଖିଲେ ମୋତେ ରଖିବେ ଟି!' ଅଜାଙ୍କ ଏହି ଭୟ ଦେଖି ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଜଗୁଆଳୀମାନଙ୍କୁ ନିଘୋଡ଼ ନିଦରେ ଶୁଆଇ ଦେଲେ। ବଳରାମ ଗୋଟା କେତେ ପାଚିଲା ପଣସ ତୋଳି ଆଣି ଦୁହେଁ ଖାଇଲେ। ତା'ପରେ ମହାପ୍ରଭୁ ନିଦ୍ରାଦେବୀଙ୍କୁ ଆଜ୍ଞା କରି ଅଜାଙ୍କୁ ଶୁଆଇ ଦେଇ ଶ୍ରୀମନ୍ଦିର ବାହୁଡ଼ି ଗଲେ। ଜଗୁଆଳୀମାନେ ସକାଳୁ ଦେଖିଲେ ବଳରାମ ରାତିରେ ପଣସ ଚୋରିକରି ଖାଇଛନ୍ତି। ତେଣୁ ସେମାନେ ଦାସେଙ୍କୁ ନିଦରୁ ଉଠେଇ ନିସ୍ତୁକ ମାଡ଼ ମାରି ବଉଳ ଗଛରେ ବାନ୍ଧି ଦେଲେ। ବଳରାମ ବିକଳରେ ପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ଆରେ ନାତି ମହାପ୍ରଭୁ! ପଣସ ଖାଇ ଅଜା ମୁଣ୍ଡରେ ଅଠା ବୋଳି ଚାଲିଗଲୁ। ଏମାନେ ଏଠି ମୋ ଅବସ୍ଥା କଣ କଲେଣି, ଥରେ ଆସି ଦେଖି ଯା।' ତେଣେ ଶ୍ରୀମନ୍ଦିରରେ ସକାଳୁ ସକାଳୁ ମହାପ୍ରଭୁଙ୍କର ସବୁଦିନିଆ ନୀତି ଆରମ୍ଭ ହେଲା। କିନ୍ତୁ ମହାପ୍ରଭୁ ଚକ୍ଷୁରେ ଦେଖା ଦେଲେ ନାହିଁ। ଗଜପତି ପ୍ରତାପରୁଦ୍ରଙ୍କ ପାଖକୁ ଖବର ଗଲା। ସେ ଆସି ପୋଖରୀଆରେ ଗୁହାରୀଆ ପଡ଼ିଲେ। ସେତେବେଳେ ମହାପ୍ରଭୁ ଶୂନ୍ୟବାଣୀ କରି କହିଲେ, 'କେତେ ମାଡ଼ ମାଇଲୁ ଦାସଙ୍କୁ ଲୁହା ଠେଙ୍ଗେ, ତା' ଅଙ୍ଗେ ନ ବାଜି ମାଡ଼ ବାଜିଲା ମୋ ଅଙ୍ଗେ / ଯେତେବେଳେ ସେ ଚୋରକୁ ଛାଡ଼ିବୁ ରାଜନ, ସେତେବେଳେ ଆମ୍ଭେ ସିନା କରିବୁ ଭୋଜନ।' ରାଜା ପ୍ରଣିପାତ କରି ଉଠି ଦେଖିଲେ ଯେ ଠାକୁରଙ୍କ ଶ୍ରୀଅଙ୍ଗ ସାରା ମାଡ଼ର ଚିହ୍ନ। ରାଜା ସେଠାରୁ ବକୁଳ ବନ ଯାଇ ଦାସେଙ୍କୁ କ୍ଷମା ପ୍ରାର୍ଥନା କରି ବନ୍ଧନ ମୁକ୍ତ କଲେ। ଦାସେ ସବୁ ବୁଝିପାରି କହିଲେ, 'ନାତି ଟୋକା! ମଜା ଦେଖିବାପାଇଁ ଅଜାକୁ ଫସେଇ ଦେଲୁ। ତୋତେ ମୁଁ ସେଇମିତି ଛାଡ଼ି ଦେବୁ ଭାବିଛୁ?'

ସ୍ନାନ ଯାତ୍ରା ଦେଖିବାକୁ କ୍ଷେତ୍ରରେ ପହଞ୍ଚିଲେ ଦାସେ। ଜଣେ ଦଇତା କହିଲେ, 'ଗୋସେଇଁ, ସ୍ନାନ ଓ ଗୁଣ୍ଡିଚା ପହଣ୍ଡି ବେଳେ ତମ ଚଗଲା ନାତି ଦୁଷ୍ଟାମି କରି ଏ ପଟକୁ ବୋଲେ ସେ ପଟକୁ ଚାଲି ଯାଉଛନ୍ତି। ତାଙ୍କୁ ନେବା ପାଇଁ ଆମେ ଝାଳନାଳ ହୋଇ ନାକେଦମ ହେଉଛୁ। ସେ ବି କମ ଛେଚାକୁଟା ଖାଉ ନାହାନ୍ତି। ତାଙ୍କ ଶ୍ରୀଅଙ୍ଗକୁ ବହୁତ ବାଧା ହେଉ ଥିବ। ତାଙ୍କୁ କହନ୍ତ ନି ସୁନା ପିଲା ପରି ଚାଲି ଯା'ନ୍ତେ। ସେଥିରେ ତାଙ୍କର ଭଲ, ଆମକୁ ବି ଭଲ। ତମ କହିଲେ ସେ ମାନିବେ।' କଥାଟା ଶୁଣି ବଳରାମଙ୍କ ଅକଲ ଜାଗି ଉଠିଲା। କହିଲେ, 'ଶୁଣ, ମୁଁ ବକୁଳ ବନରୁ ଟାଣ ମଞ୍ଜି ବଉଳ କାଠ ପଠେଇବି। ସେ କାଠରେ ମହାରଣା ପିଠି ମାପର ସେନାପଟା ଆଉ ହାତ ମାପର ବାହୁଟ ତିଆରି କରିବେ। ସେନାପଟାକୁ ପିଠିରେ ଆଉ ବାହୁଟକୁ ଦୁଇ ହାତରେ ଭଲ କରି ପାଟ ଡୋରରେ ବାନ୍ଧି ଦେବ। ତା' ପରେ ସେନାପଟାରେ ପାଟ ଦଉଡ଼ି ଲଗେଇ ଦି ଜଣ ବଳୁଆ ଦଇତା ଧରି ନିୟନ୍ତ୍ରଣ କରିବ। ତା'ପରେ ଦେଖିବ, ତମେ ଯୁଆଡ଼େ ନବ, ସେ ସେ ଆଡ଼େ ଯିବ।' ମହାପ୍ରଭୁଙ୍କୁ ପ୍ରଣାମ କରି କହିଲେ, 'ନାତି ମହାପ୍ରଭୁ! ଏ ଥର ଦେଖ ମୋ ଖେଳ। ତମ ଚକ୍ରାନ୍ତରେ ଦିଟା ଅଜଣା ଜଗୁଆଳୀ ମୋତେ ବଉଳ ଗଛରେ ଥରେ ବାନ୍ଧି ଥିଲେ। ତୁମକୁ ତୁମ ଶ୍ରୀଅଙ୍ଗ ସେବକ ମୁଁ ପଠେଇ ଥିବା ବଉଳ କାଠରେ ବର୍ଷକୁ କେତେଥର ବାନ୍ଧିବେ ବସି ଗଣୁଥିବ। ମୋତେ ବନ୍ଧା ହେବା ଅଳ୍ପ କିଛି ଲୋକ ଦେଖିଥିଲେ। କିନ୍ତୁ ତୁମକୁ ବାନ୍ଧି ତୁମ ଅଜା ସାରା ଜଗତକୁ ଦେଖେଇବ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଡ଼ମ୍ବାରେ ଅସୁସ୍ଥ ହାତୀ ଛୁଆ ଠାବ

ବଡ଼ମ୍ବା,୨୪।୬(ସମିସ): ଆଠଗଡ଼ ବନଖଣ୍ଡ ଅଧୀନ ବଡମ୍ବା ବନାଞ୍ଚଳ ନିଜିଗଡ଼ ଜଗା ବେହେରା ଥଳି ନିକଟ ଡାହାଣୀଖଳିଠାରେ ଏକ ଅସୁସ୍ଥ ହାତୀ ଛୁଆକୁ ଉଦ୍ଧାର କରାଯାଇଛି। ଏକ ଗଛମୂଳରେ ହାତୀ ଛୁଆଟି ଛିଡ଼ା ହୋଇଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ବନ ବିଭାଗର ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ବଡମ୍ବା ବନାଞ୍ଚଳ ଅଧିକାରୀ ପ୍ରଭାତ ରାଉତ, ଏସିଏଫ ମନୋଜ ପାତ୍ର ଏବଂ ସଦର ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ଅବସ୍ଥାରେ ଛୁଆ ହାତୀଟିକୁ ଦେଖି ସଙ୍ଗେ ସଙ୍ଗେ କପିଳାସ ଆରଆରଟି ଡାକ୍ତରଙ୍କୁ ଡକାଇ ଅସୁସ୍ଥ ହାତୀ ଛୁଆର ଚିକିତ୍ସା କରିବା ସହିତ ଅସୁସ୍ଥ ହାତୀ ଛୁଆର ରକ୍ତ ଓ ଶୁଣ୍ଢରୁ ଲାଳ ସଂଗ୍ରହ କରି ଓୟୁଏଟି ଭୁବନେଶ୍ୱରକୁ ପରୀକ୍ଷାନିରୀକ୍ଷା ପାଇଁ ପଠାଇଛନ୍ତି। ଅସୁସ୍ଥ ଛୁଆ ହାତୀକୁ ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନ ଓ କର୍ମଚାରୀମାନେ ଜଗି ରହିଛନ୍ତି।

## ମାନେ ଆଜିଙ୍କିଆ ଜଗତସିଂହପୁର ଏସ୍‌ଡିପିଓ

ଭୁବନେଶ୍ୱର,୨୪।୬(ସମିସ): ସ୍ଥାନୀୟବ୍ୟବସ୍ଥା ପାଇଁ ୨୦୨୨ ବ୍ୟାଚ୍‌ର ଆଇପିଏସ୍ ମାନେ ଆଜିଙ୍କିଆ ବାବୁରାଓଙ୍କୁ ଜଗତସିଂହପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ତାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ପୂର୍ବରୁ ସେ କଳାହାଣ୍ଡି ସଦର ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଅବଶିଷ୍ଟାଂଶ

### ଟ୍ରମ୍ପଙ୍କୁ ମାନିଲେନି...

ଦେଶ ଇରାନ ଉପରେ ପାଲଟା ଆକ୍ରମଣ କରିବ ନାହିଁ। ଗତକାଲିର ଘଟଣା ପରେ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ଫୋନ କରି ତୁରନ୍ତ ଲଢ଼େଇ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କଥାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ରାଜି ହେବାପରେ ଇରାନକୁ ମନେଇବା ଲାଗି ସେ ଉପରାଷ୍ଟ୍ରପତି ଭାନ୍ସ ଏବଂ ବୈଦେଶିକ ମନ୍ତ୍ରୀ ରୁବିଓଙ୍କୁ ନିୟୋଜିତ କରିଥିଲେ। ସେମାନେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସଙ୍କ କଥା ହୋଇଥିଲେ। କିନ୍ତୁ ଏଥିରେ ବିଶେଷ ସଫଳତା ନମିଳିବାରୁ କତରର ସହାୟତା ନେଇଥିଲେ ଟ୍ରମ୍ପ। କତରର ନେତାମାନେ ଇରାନର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ କଥା ହୋଇ ଯୁଦ୍ଧବିରତି ପାଇଁ ରାଜି କରାଇଥିଲେ। ତେବେ ଇରାନ ସର୍ତ୍ତ ରଖିଥିଲା ଯେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ପରେ ହିଁ ଯୁଦ୍ଧବିରତି ଲାଗୁ ହେବ। ଏହାକୁ ନେଇ ସହମତି ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଥିଲେ। ତାଙ୍କର ଘୋଷଣା ସହିତ ଇରାନ ପ୍ରଥମେ ଅସହମତ ହୋଇଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ବିବୃତି ଜାରି କରି ଯୁଦ୍ଧବିରତି ହୋଇଥିବା ସୂଚନା ଦେଇଥିଲା।

ଅସ୍ତ୍ରବିରତି ଘୋଷଣାର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଥିବା ସହିତ ଅନେକ ଲୋକ ଆହତ ହୋଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲ ଘୋଷଣା କରିଥିଲା। କିନ୍ତୁ ଇରାନ ଏଭଳି ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିଲା। ଅନ୍ୟପକ୍ଷରେ ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଫୋନ କରି ଅନୁରୋଧ କରିଥିଲେ। ହେଲେ ଏହି ଅନୁରୋଧକୁ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ପ୍ରତ୍ୟାଖ୍ୟାନ କରି ଇରାନ ଉପରେ ବୋମାମାଡ଼ କରିଥିଲେ। ଯାହାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ ଭୀଷଣ ବିରକ୍ତି ପ୍ରକାଶ କରିଥିଲେ। ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସେ ଉଭୟ ଇସ୍ରାଏଲ ଏବଂ ଇରାନକୁ ଭର୍ତ୍ସନା କରିବା ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ସାଧାରଣରେ ଆମେରିକାର କୌଣସି ରାଷ୍ଟ୍ରପତି ଏଭଳି ଅଶ୍ଳୀଳ ଭାଷା କେବେହେଲେ ବ୍ୟବହାର କରିନଥିଲେ। ସେ କହିଥିଲେ, 'ଦୁଇ ଦେଶ ଦୀର୍ଘ ବର୍ଷ ହେଲା ଯୁଦ୍ଧ ଚଳାଇଛନ୍ତି। ସେମାନେ ଜାଣନ୍ତି ନାହିଁ ଯେ ସେମାନେ କ'ଣ .....କରୁଛନ୍ତି। ତମେ ବୁଝିପାରିଲ ତ?'

ତେବେ ଟ୍ରମ୍ପଙ୍କ ବିରକ୍ତି ପ୍ରକାଶ ପ ।।ରେ ଇରାନ କିମ୍ବା ଇସ୍ରାଏଲ ଆଉ ଆକ୍ରମଣ କରି ନାହାନ୍ତି। ଏବେ ପରିସ୍ଥିତି ଶାନ୍ତ ରହିଛି। ଗତ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲ ଅଚାନକ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ ଆକ୍ରମଣକୁ ଆମେରିକା ସମର୍ଥନ କରିବା ସହିତ ଇସ୍ରାଏଲ ଉପରେ ମାଡ଼ ହେଉଥିବା ଇରାନ କ୍ଷେପଣାସ୍ତ୍ରକୁ ଆକାଶରେ ନିଷ୍କ୍ରିୟ କରୁଥିବା କହିଥିଲା। ତେବେ ଗତ ୨୨ ତାରିଖରେ ଇରାନର ତିନିଟି ପରମାଣୁ ପ୍ରତିଷ୍ଠାନ ଉପରେ ବୋମାମାଡ଼ କରି ଆମେରିକା ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଯାଇଥିଲା। ଏହାର ଜବାବରେ ଗତକାଲି ଇରାନ କତର ଓ ଇରାକରେ ଥିବା ଆମେରିକାର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବିଶ୍ୱଯୁଦ୍ଧ ଭଳି ଆଶଙ୍କା ସୃଷ୍ଟି ହୋଇଥିଲା।

ଏହି ଲଢ଼େଇରେ ଉଭୟ ଇରାନ ଏବଂ ଇସ୍ରାଏଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଇରାନେରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅନେକ ସାମରିକ ଅଧିକାରୀ ଓ ବୈଜ୍ଞାନିକ ଅଛନ୍ତି। ଇରାନର ତିନିଟି ପରମାଣୁ କେନ୍ଦ୍ରକୁ ବୋମାମାଡ଼ କରି ଆମେରିକା ଓ ଇସ୍ରାଏଲ ଧ୍ୱସ୍ତ କରିଦେଇଛନ୍ତି। ଇସ୍ରାଏଲ ଉପରେ ଅପ୍ରତ୍ୟାଶିତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରି ଅନେକ ସାମରିକ ପ୍ରତିଷ୍ଠାନ ଓ ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିବା ଦାବି କରିଛି ଇରାନ। ଇରାନ ଆକ୍ରମଣରେ ରାଜଧାନୀ ତେଲ ଆଭିବ ସମେତ ଅନେକ ଇସ୍ରା,ଲଇ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ତେବେ ଗଣମାଧ୍ୟମ ଉପରେ କଟକଣା ଯୋଗୁଁ ଇସ୍ରାଏଲରେ ହୋଇଥିବା ପ୍ରକୃତ କ୍ଷୟକ୍ଷତି ସଂପର୍କରେ ତଥ୍ୟ ମିଳିନାହିଁ।

### ନିଶା ଦେଇ ନାବାଳିକାଙ୍କୁ...

ସହିତ ପରିଚିତ ହୋଇଥିଲେ। ଡାକ୍ତର ଭବାନୀ ଶଙ୍କର ଦାସ ଗରିବ ଏବଂ ଅବହେଳିତ ଝିଅ ଓ ମହିଳାଙ୍କୁ ମାଗଣାରେ ରହିବା ଓ ପଢ଼ିବାର ସୁବିଧା ଉପଲବ୍ଧ କରାନ୍ତି ବୋଲି ଅଙ୍ଗନବାଡ଼ି କର୍ମୀ ଜଣକ ପୀଡ଼ିତାଙ୍କ ମାଆଙ୍କୁ କହିଥିଲେ। ପୀଡ଼ିତାଙ୍କୁ ମାଗଣା ରହିବା ଓ ପାଠପଢ଼ିବାର ବ୍ୟବସ୍ଥା ସହିତ ବିଏସ୍‌ସି ନର୍ସିଂ ଡିଗ୍ରୀ କରାଇଦେବାର ପ୍ରତିଶ୍ରୁତି ଦେବା ପରେ ଭବାନୀଙ୍କ କଥାରେ ବିଶ୍ୱାସ କରି ପୀଡ଼ିତାଙ୍କୁ ତାଙ୍କ ମାଆ ଭବାନୀଙ୍କ କ୍ଲିନିକ୍‌ରେ ଛାଡ଼ିବାକୁ ରାଜି ହୋଇଥିଲେ। ଗତ ୨୩ ତାରିଖରେ ୧୭ ବର୍ଷୀୟା ଝିଅଟି ନିଜ ମାଉସୀ ଓ ସମ୍ପର୍କିୟ ଭଉଣୀ ସହିତ କ୍ଲିନିକକୁ ଆସିଥିଲେ। ସନ୍ଧ୍ୟା ୫ଟା ସମୟରେ ସେମାନେ ଭବାନୀଙ୍କ ନିକଟରେ ନାବାଳିକା ଝିଅକୁ ଛାଡି ଚାଲିଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଭିଯୁକ୍ତ ଶ୍ରୀ ଦାସ ଝିଅଟିକୁ ସେହି ଆପାର୍ଟମେଣ୍ଟର ତୃତୀୟ ମହଲାରେ ଥିବା ୩୦୨ ନମ୍ବର ଫ୍ଲାଟକୁ ନେଇଥିଲେ। ସେଠାରେ ଭବାନୀଙ୍କ କ୍ଲିନିକରେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ସାହୁ ନାବାଳିକାଙ୍କୁ ପିଇବା ପାଇଁ କିଛି ପାଣି ଦେଇଥିଲେ। ତାହାକୁ ପିଇବା ପରେ ପୀଡ଼ିତା ଦୁର୍ବଳ ଅନୁଭବ କରିଥିଲେ। ଏହାପରେ ଭବାନୀ ଶଙ୍କର ଦାସ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା କୌଣସିମତେ ସେଠାରୁ ଖସି ଆସି ନିଜ ମାଉସୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୀଡ଼ିତା ଓ ତାଙ୍କ ମାଉସୀ ବୈଦ୍ୟନାଥପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।

ବୈଦ୍ୟନାଥପୁର ଥାନା ପୁଲିସ ଘଟଣାର ତଦନ୍ତ କରି କେସ୍ ନମ୍ବର - ୩୧୪ରେ ଧାରା ୧୨୩/ ୬୪(୨) (ସି) /୩୫୧(୩) ବିଏନ୍‌ଏସ୍ ଆର/ଡବ୍ଲୁ ୬ପକ୍ସୋ ଆକ୍ଟରେ ପଞ୍ଜିକୃତ କରିବା ସହ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଛି। ତଦନ୍ତକାରୀ ପୁଲିସ ଓ ସାଇଣ୍ଟିଫିକ ଟିମ ବାଜପେୟୀ ଆରୋଗ୍ୟଧାମ କ୍ଲିନିକ ଏବଂ ଆପାର୍ଟମେଣ୍ଟକୁ ଯାଇ ପ୍ରମାଣ ସଂଗ୍ରହ କରିଛନ୍ତି। ସେପଟେ ତଦନ୍ତ ବେଳେ ଭବାନୀ ଶଙ୍କର ଦାସର ହୋମିଓପାଥି ଡିଗ୍ରୀ ନକଲି ବୋଲି ଜଣାପଡିଥିବା ବେଳେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଓ ସାର୍ଟିଫିକେଟ ସମ୍ପର୍କିତ ଅଧିକ ଖୋଳତାଡ ଜାରି ରହିଥିବା ବ୍ରହ୍ମପୁର ଏସପି କହିଛନ୍ତି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ନକଲି ଡାକ୍ତର ତଥା ବାଜପେୟୀ ଆରୋଗ୍ୟଧାମ କ୍ଲିନିକର ମାଲିକ ଭବାନୀ ଶଙ୍କର ଦାସ(୪୭)ଙ୍କୁ ଗିରଫ କରିଥିବା ବେଳେ ଏଥିରେ ତାଙ୍କୁ ସହଯୋଗ କରିଥିବା ଜଣେ ଅଙ୍ଗନୱାଡି କର୍ମୀ(୫୦) ଓ ପ୍ରିୟଙ୍କା ସାହୁ (୨୧)ନାମକ ଅନ୍ୟଜଣେ ମହିଳା କର୍ମଚାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### ଠାକୁରଙ୍କୁ ଲାଗିହେଲା...

ମାରା ହୋଇଯାଇଛି, ତେଣୁ ମାରା ମୋଦକ କିପରି ମହାପ୍ରଭୁଙ୍କୁ ଲାଗି କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହା ସହ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ନିଜ ଚିଠିରେ ଉଲ୍ଲେଖ ରଖିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବାଡ଼ଗ୍ରାହୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଗୁପ୍ତ ନୀତି ସମ୍ପର୍କରେ ବାହାରେ ଆଲୋଚନା ହେବା କଥା ନୁହେଁ। ବଡ଼ଠାକୁରଙ୍କ ବାଡ଼ଗ୍ରାହୀଙ୍କ ଲିଖିତ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ଓ ଏହାରରିପୋର୍ଟ ମଗାଯାଇଛି। ଯେତେବେଳେ ବୈଦ୍ୟ ସେବକ ଦଶମୂଳ ମୋଦକ ଗାରଦରେ ଦିଅନ୍ତି ସେହି ଅମୁଣିଆ ମୋଦକକୁ ଗାରଦର ଅଧିକାରୀ ଏବଂ କର୍ମଚାରୀ ଗଣନ୍ତି ନାହିଁ କି ଛୁଅନ୍ତି ନାହିଁ। ଏହା ଟିପା ଖାତାରେ ଲେଖାଯାଏ। କମାଣ୍ଡର ଯାହା ସୂଚନା ଦେଇଛନ୍ତି ସେହି ଅନୁଯାୟୀ ବାଡ଼ଗ୍ରାହୀ ଯେଉଁ ଅଭିଯୋଗ କରିଛନ୍ତି ତାହାର ସତ୍ୟତା ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ମାତ୍ର ମୁଖ୍ୟପ୍ରଶାସକଙ୍କ ମନ୍ତବ୍ୟ ସ୍ୱାଭାବିକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଯଦି ତଦନ୍ତ ଶେଷ ହୋଇ ନାହିଁ, ତେବେ ବାଡ଼ଗ୍ରାହୀଙ୍କ ଅଭିଯୋଗ ମିଛ ବୋଲି ପ୍ରମାଣିତ ହେଲା କିପରି ବୋଲି ଅନେକ ପ୍ରଶ୍ନ କରିଛନ୍ତି। ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାଡ଼ଗ୍ରାହୀଙ୍କୁ ପରୋକ୍ଷରେ ଭର୍ତ୍ସନା କରିଛନ୍ତି। କିଛି ଲୋକ ନିଜର ବାହାଦୂରୀ ଦେଖାଇବା ପାଇଁ ଯଥାର୍ଥତା ନ ଥିବା କଥାକୁ ବାହାରକୁ ଆଣି ବିଭ୍ରାନ୍ତି ସୃଷ୍ଟି କରନ୍ତି। ତେବେ ଏ ବାବଦରେ ତର୍ଜମା କରାଯାଉଛି। ଯଥାର୍ଥତା ନ ଥିବା ଏହି କଥାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତଦନ୍ତ ଏବଂ ଦଣ୍ଡ ଉଭୟକୁ ସମ୍ମୁଖୀନ ହେବାକୁ ପଡ଼ିବ। ମୁଖ୍ୟ ପ୍ରଶାସକ ଯାହା କହିଛନ୍ତି ତାହା ହିଁ ସତ୍ୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଗତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ବଳଭଦ୍ର ମୁହଁମାଡ଼ି ପଡ଼ିଲେ। ଏହି ଘଟଣା ସେତେବେଳେ କୋଟିକୋଟି ଓଡ଼ିଆଙ୍କୁ ଆଘାତ ଦେଲା। ପ୍ରଥମେ ଏହାକୁ ସାମାନ୍ୟ ଘଟଣା କହୁଥିବା ସରକାର ଶେଷରେ ଜନମତ ଚାପରେ ତଦନ୍ତ ନିର୍ଦ୍ଦେଶ ଦେଲେ। ଇତିମଧ୍ୟରେ ବର୍ଷେ ବିତିଲାଣି, ମାତ୍ର ତଦନ୍ତ ରିପୋର୍ଟ ଆସିଲା ନାହିଁ କି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏବେ ପୁଣି ରଥଯାତ୍ରା ବେଳକୁ ମହାପ୍ରଭୁଙ୍କ ସେବା ପାଇଁ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ମୋଦକ ଚୋରି ହୋଇ ଘଟଣା ରାଜ୍ୟବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମହାପ୍ରଭୁଙ୍କ ସରକାର ଓ ପ୍ରଶାସନ ଖେଳନା କରି ଦେଲେଣି ବୋଲି ଅନେକ ଅଭିଯୋଗ କରିଛନ୍ତି।

### ଜୁଲାଇ ପହିଲାରୁ...

ଏଣିକି ଆଇଆର୍‌ସିଟିସି ଏଜେଣ୍ଟମାନେ ପ୍ରଥମ ଅଧ ଘଣ୍ଟା ପାଇଁ ତତ୍କାଳ ଟିକେଟ ବୁକ୍ କରିପାରିବେନାହିଁ। ଏହି ନିୟମ ସକାଳ ୧୦ଟା ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏସି କ୍ଲାସ ପାଇଁ ଏବଂ ସକାଳ ୧୧ଟାରୁ ୧୧ ଟା ୩୦ ମିନିଟ୍‌ପର୍ଯ୍ୟନ୍ତ ଅଣ-ଏସି କ୍ଲାସ ପାଇଁ ଲାଗୁ ହେବ। ଅର୍ଥାତ୍, ଏହି ସମୟରେ ଏଜେଣ୍ଟମାନେ ତତକାଳ ଟିକେଟ୍ ବୁକ୍ କରିପାରିବେ ନାହିଁ।

**OFFICE OF THE PRINCIPAL**
**Eklavya Model Residential School, Nuapada**
(A unit of NESTS) Ministry of Tribal Affairs Govt. Of India
(Affiliated To CBSE, Delhi, Affiliation No. 1520009 & School No- 17097)
At – Sakhatara ,Po- Maulibhatta Ps-Nuapada, Dist- Nuapada, 766105 (Odisha)
Email id: - emrs.nuapada@gmail.com

*Letter no: - EMRS / NPD/ OFF/ 132 /2025-26* *Date: -24.06.2025*

**SHORT TENDER CALL NOTICE**

Sealed Short Tenders are invited from the Registered and reputed firms/dealers/wholesale suppliers for urgent requirement of "Grocery ***items, Vegetable Items, Non-Vegetarian Items, Sweet Milk Paneer Bread Fruits Items & Hair Cutting*** " for our School for the Academic year 2025- 2026. They are intimated to deposit sealed quotations in the concerned format Physically /send through regd. or speed post only. The Tender forms with other particulars and format can be obtained form the office of the Principal, Ekalavya Model Residential School, Nuapada from 08.00 am to 02.00 pm on all working days w.e.f **25.06.2025 to 08.07.2025** on payment of Rs. 300/- (Non-Refundable) in cash or bank draft. It can be downloaded from Nuapada District Web Site i.e **nuapada.odisha.gov.in** Those who want to down load the tender forms from the website should enclose a Demand Draft/Pay Order for Rs. 300/- in favour of Principal EMRS Nuapada payable at Nuapada in any nationalized Bank along with each tender form towards its bid processing fees. **Sealed envelopes for both Technical bid and Financial bid should be submitted for each item separately with marked above the envelop.** The Tenders completed in all respects along with requisite Earnest Money (EMD) to be must deposit in shape of only TDR pledged in favour of Principal, EMRS Nuapada payable at Nuapada on or before 08.07.2025 by 02.00 PM by Physically / Speed & Registered Post only.

The Sealed Tenders will be opened on **09th , July'2025 (Wednesday) at 10.00 AM** in presence of Purchase Advisory Sub Committee at office Chamber of Principal EMRS Nuapada. The Chairman of the Committee reserves the right to accept or reject one or all tenders partly or wholly without assigning any reason there of. It may be noted that if any administrative exigencies occur, tenders opening date may be changed.

**Principal i/c , EMRS, Nuapada**

**UNITY Small Finance Bank**

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍**
ଧାରା 13 (2) ଅନୁସାରେ

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଆକ୍ଟ) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ (ରୁଲ୍ସ)**

ନିମ୍ନଲିଖିତ ବ୍ୟକ୍ତି ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ("ବ୍ୟାଙ୍କ") ର ଅଧିକୃତ ଅଧିକାରୀ ଦ୍ୱାରା ଆଇନ ଅନୁଯାୟୀ ଏବଂ ଆଇନର ଧାରା 13(12) ଅନୁସାରେ ପ୍ରଦତ୍ତ ଅଧିକାର ବ୍ୟବହାର କରି, ନିୟମ 3 ସହିତ ଧାରା 13(2) ଅନୁସାରେ ନିମ୍ନଲିଖିତ ଋଣଗ୍ରହୀଙ୍କୁ ସମ୍ବନ୍ଧିତ ନୋଟିସରେ ଉଲ୍ଲେଖିତ ଅର୍ଥ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଡିମାଣ୍ଡ ନୋଟିସ ଜାରି କରିଛନ୍ତି।। ଯେହେତୁ କେତେକ ନୋଟିସ ଡାକ ମାର୍ଗରେ ପହଞ୍ଚାଇ ନଥିବା ମନ୍ତବ୍ୟ ଅନୁଯାୟୀ ପ୍ରାପ୍ତ ହୋଇନାହିଁ, ତେଣୁ ନୋଟିସଗୁଡ଼ିକୁ ଋଣଗ୍ରହୀଙ୍କୁ ବିକଳ୍ପ ସେବା ଅର୍ଥାତ୍ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା ।

| | | |
|---|---|---|
| ୦୧ | ଋଣଗ୍ରହୀ(ଙ୍କ) ନାମ:<br>1) ସତ୍ୟସାଇ ଏଜେନ୍ସି (ଋଣଗ୍ରହୀ ଏବଂ ବନ୍ଧକଦାତା)<br>2) ସରୋଜିନୀ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>3) ସତ୍ୟସାଇ ଶତପଥୀ (ସହ-ଋଣଗ୍ରହୀ ଏବଂ ବନ୍ଧକଦାତା)<br>ମଞ୍ଜୁରୀ ତାରିଖ: ୦୬/୦୮/୨୦୨୪<br>ଋଣ ଖାତା ନମ୍ବର:<br>USFBBHUMSME000002800<br>ଋଣ ରାଶି: ଟ.୫୦,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଡିମାଣ୍ଡ ନୋଟିସ ତାରିଖ: ୦୯/୦୬/୨୦୨୫<br>(୦୯/୦୬/୨୦୨୫ରେ ପଠାଯାଇଛି)<br>ଡିମାଣ୍ଡ ନୋଟିସ ରାଶି: ୦୬.୦୬.୨୦୨୫ ସୁଦ୍ଧା ଟ.୫୧,୯୦,୦୪୯.୭୦/- ଏବଂ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ସମ୍ପତ୍ତିର ବିବରଣୀ: ଖାତା ନଂ. ୪୭୬/୨୫୩୪,<br>ପ୍ଲଟ୍-୧୦୬୩/୩୪୨୧, ସହଦେବଖୁଣ୍ଟା,<br>ବାଲେଶ୍ୱର-୭୫୬୦୦୧<br>ସମ୍ପତ୍ତିର ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ସରକାରୀ ରାସ୍ତା<br>ପଶ୍ଚିମ: ସରକାରୀ ରାସ୍ତା<br>ଉତ୍ତର: ହରି ହର ନାୟକ<br>ଦକ୍ଷିଣ: ପ୍ଲଟ୍ ନଂ. - ୧୦୬୪ |
| ୦୨ | ଋଣଗ୍ରହୀଙ୍କ ନାମ:<br>1) ଭୂପତି ଚରଣ ପ୍ରଧାନ (ଋଣଗ୍ରହୀ)<br>2) ଦେବକୀ ପ୍ରଧାନ (ସହ-ଋଣଗ୍ରହୀ ଏବଂ ବନ୍ଧକକାରୀ)<br>ମଞ୍ଜୁରୀ ତାରିଖ: ୨୩/୦୮/୨୦୨୪<br>ଋଣ ଖାତା ନମ୍ବର:<br>USFBBHUMSME000003127<br>ଋଣର ପରିମାଣ: ₹୧୪,୦୦,୦୦୦.୦୦/-<br>ଏନପିଏ ତାରିଖ: ୦୨/୦୬/୨୦୨୫<br>ଦାବି ନୋଟିସ୍ ତାରିଖ: ୧୭/୦୬/୨୦୨୫<br>(୧୮/୦୬/୨୦୨୫ରେ ପଠାଯାଇଛି)<br>ଦାବି ନୋଟିସ୍ ପରିମାଣ: ₹୧୪,୫୪,୧୩୮.୬୮/-<br>(୦୬/୦୬/୨୦୨୫ ପର୍ଯ୍ୟନ୍ତ) ଏବଂ ସୁଧ ଓ ଅନ୍ୟାନ୍ୟ ଶୁଳ୍କ | ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶ :<br>ଖାତା ନଂ: ୬୭୫/୭୪୨, ପ୍ଲଟ୍ ନଂ: ୧୯୫୩, ପ୍ଲଟ୍ ଏରିଆ : ଏକର ୦.୦୨୦୦ ଡେସିମାଲ ଅର୍ଥାତ୍ ୮୭୧.୨୦ ବର୍ଗଫୁଟ, କିସମ: ଘରବାରୀ,<br>ମୌଜା: ଚୋରାମରା, ଥାନା: ବାଲେଶ୍ୱର (୧୫), ତହସିଲ: ବାଲେଶ୍ୱର (୪୦୧), ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏବଂ ନିମ୍ନଲିଖିତ ସୀମା ଦ୍ୱାରା ପରିବେଷ୍ଟିତ:<br>ସୀମା (ବନ୍ଧକ/ବିକ୍ରୟ ଦଲିଲ ଅନୁଯାୟୀ):<br>ପୂର୍ବ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୪୨<br>ପଶ୍ଚିମ: ପ୍ରାଇଭେଟ୍ ରାସ୍ତା<br>ଉତ୍ତର: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୩/୨୧୪୦<br>ଦକ୍ଷିଣ: ରେଭେନ୍ୟୁ ପ୍ଲଟ୍ ନଂ: ୧୯୫୫ |

ଯଦି ଉପରୋକ୍ତ ବକେୟା ପରିଶୋଧ କରିବାରେ ୬୦ (ଷାଠିଏ) ଦିନର ଅବଧି ମଧ୍ୟରେ ବିଫଳ ହୁଅନ୍ତି, ତେବେ ନିମ୍ନଲିଖିତ ସ୍ୱାକ୍ଷରକାରୀ ଆଇନ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଏନଫୋର୍ସ କରିବାକୁ ବାଧ୍ୟ ହେବେ। ଦୟାକରି ନୋଟ୍ କରନ୍ତୁ ଯେ, ଆଇନର ଧାରା ୧୩(୧୩) ଅନୁଯାୟୀ, ଆପଣଙ୍କୁ ଏହି ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିବାରୁ ନିଷିଦ୍ଧ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଆଇନ ଅନୁଯାୟୀ ଦଣ୍ଡନୀୟ।

ଦାବି ନୋଟିସ୍‌ର ଏକ ପ୍ରତିଲିପି ନିମ୍ନଲିଖିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ, ଏବଂ ଋଣଗ୍ରହୀ(ମାନେ) ଚାହିଁଲେ ଯେକୌଣସି କାର୍ଯ୍ୟଦିବସରେ ସାଧାରଣ ଅଫିସ୍ ସମୟରେ ନିମ୍ନଲିଖିତ ବ୍ୟକ୍ତିଙ୍କଠାରୁ ଏହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୨୫.୦୬.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

**OFFICE OF THE PRINCIPAL**
**MAA MARKAMA +3 COLLEGE, BISSAMCUTTACK, DIST – RAYAGADA**
**TENDER NOTICE**

Maa Markama +3 College, Bissamcuttack invites sealed Tenders for following items from the reputed agencies. The Tender document may be downloaded from our website – https://mmplus3college.in/

| Tender No | Name of the Items | Last date & time of submission of Tender form | Date & Time of opening Technical Bids | Date & Time of opening Financial Bids |
|---|---|---|---|---|
| 01/2025-26 | 6 nos of Desktop Computers and IT infrastructure | 15.07.2025, 5.00 P.M. | 18.07.2025 10.00 A.M | 18.07.2025 12.00 P.M |
| 02/2025-26 | Laboratory Equipments | 15.07.2025 4.00 P.M. | 22.07.2025 10.00 A.M | 22.07.2025 11.00 A.M |

Interested agencies may submit their sealed tenders in two bid system i.e. Technical Bid & Financial Bid as per terms & conditions of the tender documents. The filled in tender form of each item with tender fees and earnest money by Demand Draft in favour of Principal-cum-Secretary, Maa Markama +3 college, Bissamcuttack. The document should reach to the college office clearly super scribed "Tender for ..........................................................".

-sd/-
Principal-cum-Secretary
Maa Markama +3 College, Bissamcuttack
Email id- mmdegreecollege@gmail.com, www.mmplus3college.in
Contact No : 9337150340/7978477560

## SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

## TO-LET

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

## AFFIDAVIT

By virtue of an affidavit sworn before Notary Public, Bhubaneswar on 10.06.2025. I Devee Rani Sasmal, residing At/Po- Narayanmohantypadia, PS- Bhograi, Dist.- Balasore declare that I have changed my minor son's name from Debaraj Jena to **Abhi Adinath**. Henceforth he shall be known as **Abhi Adinath** for all purposes.

**Sd/- Devee Rani Sasmal**

## AFFIDAVIT

By the virtue of an affidavit sworn before Executive Magistrate, Daringibadi, Dated 24.06.2025. I KANCHANI BALIYARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIYARSINGH. Henceforth, I shall be known as KANCHANI BALIYARSINGH for all purposes.

## AFFIDAVIT

By virtue of an affidavit sworn before Notary Public, Bhubaneswar on 10.06.2025. I Kabita Maharana, residing At- Dhipur, Po- Gadasanapur, Ps.- Kanas, Dist.- Puri declare that I have changed my minor son's name from Asribada Maharana to **Ashirbad Maharana**. Henceforth he shall be known as **Ashirbad Maharana** for all purposes.

**Sd/- Kabita Maharana**

## AFFIDAVIT

By virtue of an affidavit sworn before Notary Public, Bhubaneswar on 10.06.2025. I Namita Das, residing At- Palligumula, Po- Bada Kusthali, Ps- Gopalpur, Dist.- Ganjam declare that I have changed my minor daughter's name from Abhi Das to **Ankita Das**. Henceforth she shall be known as **Ankita Das** for all purposes.

**Sd/- Namita Das**

## AFFIDAVIT

I, Suparna Subhadarshana, D/o- Jugansu Sekhar Panda, aged about 23 years, resident of Plot No. 291, Kalyani Nagar, Patrapada, Bhubaneswar, DIst- Khurda, PIN- 751019, Odisha declared by this affidavit No. 79, dtd- 23/06/2025 that now onwards I shall be known as **SUPARNA SUBHADARSHANA PANDA** for all future purposes.

## AFFIDAVIT

By virtue of an affidavit sworn before Notary Public, Bhubaneswar on 10.06.2025. I Snehalata Malik, residing At- Bhabanipur, Po- Balibili, Ps- Bari Ramachandrapur, Dist.- Jajpur declare that I have changed my name from Rima Jardar to **Snehalata Malik**. Henceforth he shall be known as **Snehalata Malik** for all purposes.

**Sd/- Snehalata Malik**

## NOTICE

By virtue of an affidavit sworn before the Executive Magistrate/Notary Public M. Rampur, Kalahandi dated 24.06.2025 I, Prasanta Seth Address At/Po - M. Rampur, Ps - M. Rampur, Dist – Kalahandi, Odisha, 766102 declare that I have changed changed the name of my son Sahan Seth to Bhojraj Seth. Henceforth, He shall be known as **Bhojraj Seth** for all purposes.

## AFFIDAVIT

By virtue of an affidavit Sl. No. 31, dtd. 23.06.2025 in the court of the Tahasildar-cum-Executive Magistrate, Phiringia, Dist.- Kandhamal, I, Namita Kanhar, have changed my minor daughter's name from Sakhina Kanhar to Urbi Kanhar. Henceforth she will be known as **Urbi Kanhar** for all purposes.

**Sd/- Namita Kanhar**

## AFFIDAVIT

By the virtue of an affidavit sworn before the court of Executive Magistrate, Bhapur, Nayagarh, I, **BIBEKANANDA DAS** At- Nandabar, PO- Karabar, Dist - Nayagarh wants to change my name from **Babul Kumar Das** to **Bibekananda Das** for all purposes.

## AFFIDAVIT

I, Kanduri Sahoo, S/o- Late Arta Sahoo, aged about 65 years, At- Baligoradi, Post- Biranarasinghapur, Ps.- Chandanpur, Dist.- Puri, Odisha have lost my original Sale deed (vide Regd. No.397 dtd. 07.02.1986, at D.S.R. Puri) at Chandanpur market area. I wish to creat mortgage on the said property for availing home loan from SBI, Station Bazar branch, Puri. Centre code- 7886. If anybody has found the same sale deed please return the original document to SBI, Station Bazar branch, Puri or contact me on mobile no. 9861085826.

## AFFIDAVIT

By virtue of an affidavit before Notary Public, Jeypore, Dist.- Koraput, No.2186 dtd.14.05. 2025 I, Sri Janta Nag, S/o- Late Harischandra Nag, resident of Vill.- Mokaput, Po.- Umuri, Ps.- Jeypore Sadar, Dist.- Koraput, Odisha, declare that, my son's actual name is **Suroj Nag** but in his Aadhaar Card his name has been mentioned as **Rishi Nag**. Hence **Suroj Nag** and **Rishi Nag** is one and same person.

## AFFIDAVIT

By virtue of an affidavit sworn before Notary Public, Bhubaneswar on 10.06.2025. I Suchitra Mallik, residing At- Paripada, Po- Uttarkulhat, Ps- Alakunda, Dist- Jajpur declare that I have changed my minor son's name from Rohit Kumar Mallik to **Rohit Mallik**. Henceforth he shall be known as **Rohit Mallik** for all purposes.

**Sd/- Suchitra Mallik**

## AFFIDAVIT

By virtue of an affidavit sworn before the Executive Magistrate, Cuttack. I, **Nikita Singhania,** age 36 years, D/o- Jay Kumar Jain, W/o- Chandan Singhania, resident of Jarda Compound, Kanika Chhak, Po-Tulasipur, Ps- Lalbag, Dist- Cuttack, Odisha vide Aadhar No- 8001 8737 1002. Prior to my marriage I was named as **Nikita Jain** which has been reflected my passport No. M2971092. After my marriage I have changed my surname from **Jain** to **Singhania**. Henceforth, both name **Nikita Singhania** and **Nikita Jain** is one same person she will be known as **Nikita Singhania** for all future purposes.

**Nikita Singhania**

## AFFIDAVIT

I, Anuska Satpathy, D/o- Sanjeeb Kumar Satpathy, resident of Lane-4, Gandhinagar, Po-Balangir, Dist- Balangir, Odisha declare by this affidavit No. 527, dated- 24/06/2024 that now onwards I shall be known as **ANUSHKA SATPATHY** for all future purposes.

## AFFIDAVIT

By virtue of an Affidavit No. 407, Dt. 24.06.25 sworn before the Executive Magistrate, BISOI, I Sri Karamchand Patra, S/o - Prafulla Patra of village - Dhendgan, Po - Ekdali, P.S - Jharpokharia, Dist - Mayurbhanj declared that in Aadhar Card bearing No:- 5326 2016 9863 my son name has been wrongly written "MANASH PATRA" instead of "MANAS PATRA". That both the name as MANASH PATRA and MANAS PATRA are same and one person. That the purpose of this affidavit is to be produced before the concerned authority to correction of my son name as "MANAS PATRA" and father name as "KARAMCHAND PATRA" for future reference.

**Karamchand Patra**

## AFFIDAVIT

By virtue of an affidavit before the Executive Magistrate, Angul on dated- 09/06/2025. I, **Mulaveesala Venkata Sujatha,** W/o- Pandellapalli Sravan, resident of 48-12-7/28 Manasa Apartments, Srinagar, Visakhapatnam (Urban), Andhrapradesh-530016, at present QTR No. TC-24, PO/PS- Nalco Nagar, Dist- Angul, odisha have changed my minor daughter's name from **P. Medha Prapurna To Pandellapalli Venkata Medha Prapurna** in Sukanya Samridhi Yojana of postal bearing A/C No. 6120239157. Henceforth, she shall be known as **Pandellapalli Venkata Medha Prapurna** for all future purposes.

**Mulaveesala Venkata Sujatha**

## M/s. L.K. ASSOCIATES, KORAPUT

BRANCH OFFICE: SHIVA SHAKTI NAGAR, WARD NO.7,
GOTMA, KHARIAR ROAD, DIST.-NUAPADA, ODISHA, PIN-766104

**ENGAGEMENT OF MANPOWER FOR 'FOREST RIGHT CELL' UNDER DA-JGUA NEWLY CONSTITUTED FR CELL AT THE OFFICE OF SUB-COLLECTOR, NUAPADA THROUGH OUTSOURCING.**

No. 215 / MSLK / 06 / 2025 / Date: 23.06.2025

Applications are invited with complete Bio-data in the relevant field from intending eligible persons of Nuapada District for engagement of Cell Co-ordinator and MIS Assistant for setting up FRA Cell (Dharti Aaba Units) under DA-JGUA (Forest Right Cells) on "outsourcing" basis in the Sub-Collector Office, Nuapada by 04.07.2025. Applicants can log on www.nuapada.gov.in for details of vacancy, eligibility criteria, age, remuneration, application forms & other terms and conditions. The application will be received through Speed Post / Regd. Post / Courier Service in the above Khariar Road Branch Office address. The engagement is co-terminus with the scheme. The applications received after the schedule date shall be rejected.

| Sl. No. | Position | Remuneration | No. of Vacancy | Educational Qualification | Experience |
|---|---|---|---|---|---|
| 01 | Cell Co-ordinator (Sub-Collector Office, Nuapada) | Rs.35,000/- per month (inclusive of all taxes) | 01 | Graduate. Master degree will be preferred. | Minimum 2-3 years of experience in NGO/Social Sector Projects & with Govt project will be preferred for the position under the scheme. |
| 02 | MIS Assistant (Sub-Collector Office, Nuapada) | Rs.25,000/- per month (inclusive of all taxes) | 01 | Graduate with PGDCA. Master degree will be preferred. | 2 years of experience in data entry and large scale database management in any reputed Govt / Private agency & MS Office, Excel & Internet. |

**NB: Language and competency:**
* Fluency in oral and written communication in Odia and English is a mandatory requirement

**Nature of Engagement:**
* Mode of engagement will be completely contractual and on temporary basis. The contract agreement will be for a period of one year & can be terminated by either of the party with one month prior notice or remuneration in lieu. Initial agreement will be for 06 months.
* **Selection will be made on merit basis & computer test.**
* **Candidates are required to bring all original Certificates/ documents for verification on 05.07.2025 at 10.00 AM**

**Date of interview: 05.07.2025 at 11.00 AM in the office of the District Welfare Officer, Nuapada.**
**For details contact Mobile No. 7328882121 / 7894384569**

Sd/- Director
M/s. L.K.Associates, Koraput

■ ବଡ଼ମୂଳବସନ୍ତ ପଞ୍ଚାୟତ ଅଫିସରୁ ଚୋରି

## ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି, ଆଦର୍ଶ ଥାନାରେ ଏତଲା



ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ କାର୍ଯ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ ବଡ଼ଧରଣର ଚୋରି ହୋଇଛି। ଚୋରମାନେ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଗେଟ ଗ୍ରିଲ ତାଲା ଭାଙ୍ଗି କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ପ୍ରଥମେ ସରପଞ୍ଚଙ୍କ କାର୍ଯ୍ୟାଳୟ ତାଲା ଭାଙ୍ଗି ଏମବି ବୁକ ଓ ନଥିପତ୍ର ଫୋପାଡ଼ି ଦେଇଥିଲେ ଓ ଏଡିଇଓ ରୁମରେ ଥିବା ଜେରକ୍ସ ମେସିନ ଚୋରାଇ ନେଇଛନ୍ତି। ଏଥିସହିତ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ଥିବା ଶାଖା ପୋଷ୍ଟ ଅଫିସ ତାଲା ଭାଙ୍ଗି ବିଜେ ମିଟର ମେସିନ ଓ ପ୍ରିଣ୍ଟର ଚୋରାଇ ନେଇଛନ୍ତି। ସରପଞ୍ଚ କାର୍ଯ୍ୟାଳୟ ମଧ୍ୟରେ ଥିବା ମହିଳା ମହାସଂଘ ଲାପଟପ ଓ ଜେରକ୍ସ ମେସିନ ମଧ୍ୟ ଚୋରି କରି ନେଇଛନ୍ତି। ଚୋରୀ ହୋଇଥିବା ସମସ୍ତ ସାମଗ୍ରୀ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ଜାଣିବା ପରେ ବଡ଼ମୂଳବସନ୍ତ ସରପଞ୍ଚ ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ପୁଲିସକୁ ଜଣାଇଥିଲେ। ବିଡିଓ ଅଶୋକ ମହାନ୍ତି, ଏବିଡିଓ ସନ୍ତୋଷ ମନ୍ତ୍ରୀ, ଜିପିଡିଓ ରଂଜିତ ପରିଡା ଓ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ଲିଖିତ ଏତଲାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପଟ୍ଟାମୁଣ୍ଡାଇ ବିଡ଼ିଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ସୁପାରିଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଏହି ଚୋରି ଘଟଣାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପଟ୍ଟାମୁଣ୍ଡାଇ ପୁଲିସକୁ ପରାମର୍ଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଏହି ଚୋରି ମାମଲାର ତନାଘନା ତଦନ୍ତ ଆରମ୍ଭ କରିଛନ୍ତି।

ରାଧାକାନ୍ତଜୀଉ ପ୍ରାଥମିକ ବିଦ୍ୟାଳୟ

# ନାହାନ୍ତି ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

ପଞ୍ଚୁପାଣ୍ଡବ,୨୪।୬(ସମିସ):



ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଅନୁଦାନପ୍ରାପ୍ତ ନୋଳସାହି ରାଧାକାନ୍ତଜୀଉ ପ୍ରାଥମିକ ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ। ଫଳରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଉକ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେବ ସ୍ଥାପିତ ହୋଇଛି। ପ୍ରଥମେ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ପ୍ରଶାନ୍ତ କୁମାର ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିବାବେଳେ ସେ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବସର ନେଇସାରିଛନ୍ତି। ଅନ୍ୟଜଣେ ଶିକ୍ଷକ ରମେଶ ସାମଲ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ସେ ଗତବର୍ଷ ଅଗଷ୍ଟ ମାସରେ ଅବସର ନେଇଛନ୍ତି। ଏହି ବିଦ୍ୟାଳୟରେ ଷଷ୍ଠରୁ ସପ୍ତମ ପର୍ଯ୍ୟନ୍ତ ପ୍ରାୟ ୨୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଯେଉଁ ବିଦ୍ୟାଳୟରେ ପଢାଯାଉଛି, ସେହି ଗୃହ ନିକଟରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ଜଣାପଡ଼ିଛି। ଏହି ରାଧାକାନ୍ତଜୀଉ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଅବସର ନେବା ପରେ ନିକଟରେ ଥିବା ନୋଳସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମହାରଣାଙ୍କୁ ରାଧାକାନ୍ତଜୀଉ ବିଦ୍ୟାଳୟ ଦାୟିତ୍ୱ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ମହାରଣା ଦୁଇଟି ବିଦ୍ୟାଳୟର ଦାୟିତ୍ୱ ନେଇଥିବାବେଳେ ଅଫିସ କାମ କରିବା ସହ ପାଠପଢାରେ ସମୟ ହେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ରାଧାକାନ୍ତଜୀଉ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅବସର ନେଇଥିବାବେଳେ ମୋତେ ଆମ ଶିକ୍ଷା ବିଭାଗ ଅଧିକାରୀଙ୍କ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ମୁଁ ଏ ନେଇ ଶିକ୍ଷା ବିଭାଗ ଅଧିକାରୀଙ୍କୁ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଅବଗତ କରିଛି। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା କହିଛନ୍ତି। ଡେରାବିଶ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା କେନ୍ଦ୍ରାପଡ଼ା ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ଶିକ୍ଷକ ଦେବା ନିୟମ ନାହିଁ। ନୋଳସାହି ବିଦ୍ୟାଳୟରେ ଥିବା ବିଦ୍ୟାଳୟ ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ରାଧାକାନ୍ତଜୀଉ ବିଦ୍ୟାଳୟରୁ ଷଷ୍ଠ ଓ ସପ୍ତମ ପିଲାଙ୍କୁ ସାମିଲ କରାଯିବା ପରେ ଶୀଘ୍ର ଶିକ୍ଷକ ଦେବା ପାଇଁ ବ୍ୟବସ୍ଥା କରାଯିବ। ନୂଆ ସରକାରଙ୍କ ବର୍ଷେ ପୂରିଥିବାବେଳେ ସରକାରଙ୍କ ବିଦ୍ୟାଳୟ ପାଇଁ ଖାମଖିଆଲି ନୀତି କରୁଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ଅବହେଳା ଯୋଗୁଁ ଏହି ବିଦ୍ୟାଳୟର ଅଭିଭାବକ ଚିନ୍ତାରେ ଅଛନ୍ତି। ସରକାର କେତେକ ବିଦ୍ୟାଳୟକୁ ଗେହ୍ଲା ପୁଅ ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏ ବିଦ୍ୟାଳୟକୁ ସାବତ ପୁଅ ଭଳି ଦେଖୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବିଦ୍ୟାଳୟ ଶ୍ରେଣୀ ଗୃହ ଓ ଶିକ୍ଷକ ଦେବା ସହ ଯଥାଶୀଘ୍ର ଏହି ବିଦ୍ୟାଳୟର ସମସ୍ୟା ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କେବେ ଉଠିବ କେରଡାଗଡ଼ ଜଗନ୍ନାଥ ମନ୍ଦିର ପାଚେରି

ରାଜନଗର,୨୪।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳ ଅଞ୍ଚଳର ସର୍ବପ୍ରାଚୀନ ଜଗନ୍ନାଥଙ୍କ କ୍ଷେତ୍ର କେରଡାଗଡ଼ର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୁରାଣ ପ୍ରସିଦ୍ଧ ରଥଯାତ୍ରା ପାଇଁ କନିକା ରାଜ ପରିବାର ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥଯାତ୍ରା ପାଇଁ ନନ୍ଦିଘୋଷ ରଥକୁ ବିଶ୍ୱକର୍ମା ମାନେ ନିର୍ମାଣରେ ନିମଗ୍ନ ଅଛନ୍ତି। ରଥ ଖଳାରେ ଆମ ଅଞ୍ଚଳର ସବୁଠୁ ଉଚ୍ଚ ରଥ ନିର୍ମାଣ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋଟାଏ ଦିନ ପରେ ଅଣସର ଘରେ ଥିବା ବଡ଼ ଠାକୁର ନବଯୌବନ ଦର୍ଶନ ଦେବେ। ଭକ୍ତଙ୍କ ମଧ୍ୟରେ ଏ ନେଇ ଉତ୍କଣ୍ଠା ଦେଖା ଦେଇଛି। ସବୁଠୁ ସମ୍ବେଦନଶୀଳ ଘଟଣା ହେଲା ଦୀର୍ଘ ୧୯ ବର୍ଷ ହେଲା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବିରାଟ ପ୍ରାଚୀର ଛିଡ଼ା ହୋଇଛି। ସିଂହଦ୍ୱାର ଆଗଭଳି ସାଧାରଣ ଦର୍ଶନ ପାଇଁ ଭକ୍ତଙ୍କ ପାଇଁ ଖୋଲା ଯାଉନାହିଁ। ଯାହା ବିଡ଼ମ୍ବନାର ବିଷୟ।

ଜଣେ ହେଲେବି ଭକ୍ତ ମନ୍ଦିର ଭିତରକୁ ପ୍ରବେଶ ମନା। ଭୋଗ ବି ଦେଇପାରିବେନାହିଁ। କେବଳ ସିଂହଦ୍ୱାରରେ ଲଗାଯାଇଥିବା ଲୁହା ପାଚେରି ନିକଟରୁ ଭକ୍ତ ଭଗବାନଙ୍କୁ ମୁଣ୍ଡିଆ ମାରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ। ୧୯ ବର୍ଷ ପୂର୍ବରୁ ଏହି ମନ୍ଦିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଲାଗି ରହେ ସକାଳୁ ସଞ୍ଜଯାଏ। ବାରମାସର ତେରପର୍ବରେ ଠାକୁରଙ୍କ କୃପାଲାଭ ପାଇଁ ଧାଇଁ ଆସନ୍ତି ଭକ୍ତ। ପରନ୍ତୁ ପ୍ରଶାସନିକ କଟକଣା ଯୋଗୁଁ ବଡ଼ଦାଣ୍ଡରେ ଛିଡ଼ା ହୋଇ ଭକ୍ତ ଭଗବାନଙ୍କୁ ଦର୍ଶନ କରିଥା'ନ୍ତି। ୨୦୦୬ କଥା, କିଛି ଅସବର୍ଣ୍ଣ ଭକ୍ତ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ବିବାଦ ଦେଖାଦେଲା। ନଅଦିନ ଠାକୁର ଅପୂଜା ରହିଲେ। ଭକ୍ତଙ୍କ ମଧ୍ୟରେ ନିରାଶ ଖେଳିଗଲା। ସେତେବେଳର କନିକା ରାଜ ସାହେବ ରବୀନ୍ଦ୍ର ନାରାୟଣ ଭଞ୍ଜଦେଓ ସେତେବେଳେ ଜିଲ୍ଲାପାଳ କାଶୀନାଥ ସାହୁ, ଏସପି ଶତ୍ରୁଘ୍ନ ପରିଡ଼ା ବାଇଶୀ ମୌଜାର ଭକ୍ତ ସ୍ଥାନୀୟ ପୋଲିସ ପ୍ରଶାସନ ଅଧିକାରୀଙ୍କ ବୈଠକ ପରେ କୌଣସି ଭକ୍ତ ମନ୍ଦିରକୁ ପ୍ରବେଶ କରିପାରିବେନାହିଁ। ମନ୍ଦିର ବାହାରେ ଠାକୁରଙ୍କୁ ଦର୍ଶନ କରିବେ। ଭୋଗ ସ୍ୱରୂପ ଅଛଡ଼ା ନଡ଼ିଆ ନେବାର ବ୍ୟବସ୍ଥା ହେଲା। ସେବେଠୁ ଏହି ପ୍ରଥା ଚାଲିଆସିଛି। କେବଳ ରଥଯାତ୍ରା ଦିନ ଭକ୍ତ ଭାବପ୍ରଣତରେ ହଜିଯାଆନ୍ତି। ଆଜିର ଏକ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ବି ଭକ୍ତ ଭଗବାନଙ୍କ ମଧ୍ୟରେ ପାଚେରି ଛିଡ଼ା ହୋଇଛି। ଯାହାକୁ ତୁରନ୍ତ ଉଠାଇଦେଇ ମନ୍ଦିରକୁ ଭକ୍ତଙ୍କୁ ପ୍ରବେଶର ଅନୁମତି ଦେବାକୁ ଦୃଢ଼ ଦାବି ହେଉଛି। ପ୍ରତିବର୍ଷ ଏହି ରଥ ଯାତ୍ରାରେ ପଚାଶ ହଜାଜରୁ ଅଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳେ। ଏ ସମ୍ପର୍କରେ କନିକା ରାଜା ସାହେବ ଶିବେନ୍ଦୁ ନାରାୟଣ ଭଞ୍ଜଦେଓ କୁହନ୍ତି ଯେ ରଥଯାତ୍ରା ପରେ ସବୁ ବର୍ଗର ସବୁ ଭକ୍ତଙ୍କୁ ଡକାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ମନ୍ଦିରର ବଡ଼ପଣ୍ଡା ମଦନ ମୋହନ ରଥଙ୍କ କହିବା ଅନୁଯାୟୀ ଭକ୍ତ ବିନା ଭଗବାନ ଅଧୁରା। ଖୁବ୍‌ଶୀଘ୍ର ଏ ବାବଦରେ ଆଲୋଚନା ହେଲେ ଭବିଷ୍ୟତ ପିଢ଼ି ପାଇଁ ସହଜ ହେବ।


# ପାଣି ଆସିବା ପୂର୍ବରୁ ଆରମ୍ଭ ହେଲା କେନାଲ ସଫା କାମ




ସକାଳ ପ୍ରଭାବ

ପଞ୍ଚୁପାଣ୍ଡବ,୨୪।୬(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବିଭିନ୍ନ କେନାଲରେ ଧାନ ଚାଷ ପାଇଁ କେନାଲରେ ଆଉ କିଛିଦିନ ପରେ ପାଣି ଆସିବ। ଆଗକୁ ଚାଷ ପାଇଁ କେନାଲରେ ପାଣି ଆସିବା ପୂର୍ବରୁ କେନାଲ ସଫା କରିବା ପାଇଁ ଚାଷୀ ଦାବି କରିଥିଲେ। ଏ ନେଇ ରବିବାର 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ଜେସିବି ମେସିନ ସାହାଯ୍ୟରେ କେନାଲ ସଫା ହେଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଜଳ ସମ୍ପଦ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପାଣି ଆସିଲା ପରେ ସଫା କରାଯାଉଥିଲା। ଠିକ୍ ଚାଷୀଙ୍କ ଚାଷ ବେଳେ କେନାଲ ସଫା କରିବା ଓ ସେହି ସମୟରେ କେଉଁଠି ଘଳିଆ ମାରିବା ସହ ବନ୍ଧ ଭାଙ୍ଗିବା ପ୍ରଶାସନର ଖାମଖିଆଲି ନୀତିକୁ ଚାଷୀ ବିରୋଧ କରୁଥିଲେ। ପଟ୍ଟାମୁଣ୍ଡାଇ କେନାଲରେ ଥିବା ବିଭିନ୍ନ ଶାଖା କେନାଲରେ ପ୍ରତିବର୍ଷ ଘଳିଆ ହେବାରୁ ଚାଷ ସମୟରେ ପାଣି ବନ୍ଦ କରାଯାଇ କେନାଲର ମରାମତି କରାଯାଉଥିବାବେଳେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣି ଆସିଲା ପରେ ଯେଉଁ ଠିକାଦାର କାମ କରିବା ପାଇଁ ନିୟୋଜିତ ହେଉଛନ୍ତି, ସେମାନେ ନିମ୍ନମାନର କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରୁଛନ୍ତି। ଏବେ କେନାଲ ସଫା କାର୍ଯ୍ୟ କରୁଥିବାବେଳେ ଅଧିକାରୀ ଉପସ୍ଥିତ ରହି ଭଲ ଭାବେ ସଫା କରିବା ସହ ଦୁର୍ବଳ ଥିବା କେନାଲ ବନ୍ଧ ମରାମତି କରିବା ପାଇଁ ଚାଷୀ ଦାବି କରିଛନ୍ତି।

# ଶିକ୍ଷାବିତ ମନ୍ମଥ ନାଥ ପଲାଇଙ୍କ ପରଲୋକ



କୁଜଙ୍ଗ,୨୪।୬(ସମିସ): ଭୂତମୁଣ୍ଡାଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ନାଥ ପଲାଇଙ୍କ ୮୩ ବର୍ଷ ବୟସରେ ଆଜି ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ଧୀରେନ୍ଦ୍ର ସ୍ୱାଇଁ, ନିରଞ୍ଜନ ବଳିୟାରସିଂହ, ପ୍ରଶାନ୍ତ ଚୌଧୁରୀ, ଶିକ୍ଷାବିତ୍ ବରଦା ପ୍ରସାଦ ବଳିୟାରସିଂହ, ସ୍ୱାଇଁ କୁଳମଣି ଦାସ ଇତ୍ୟାଦି ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି




ଜଗତସିଂହପୁର,୨୪।୬(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ଜିଲ୍ଲା କଂଗ୍ରେସ ଉପସଭାପତି ମହନୀ ଚରଣ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଇଂ ଜ୍ଞାନରଞ୍ଜନ ଜେନା, ସୁକାନ୍ତ ମହାପାତ୍ର, ଆଶୀର୍ବାଦ ତ୍ରିପାଠୀ, ଦୀପକ କୁମାର ପାଲ, ମିର୍ଜା ସାମସୁଦ୍ଦିନ ବେଗ୍, ଅବନୀକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ବଜ୍ରପାତରେ ଯୁବକ ମୃତ



ରାଜକନିକା,୨୪।୬(ସମିସ): ଆଜି ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ରାଜକନିକା ଥାନା ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମର ବିକ୍ରମ କେଶରୀ ନାୟକ (୩୦)। ବିକ୍ରମ ଜଣେ ଅତ୍ୟନ୍ତ ପରୋପକାରୀ ଯୁବକ। ସେ ବହୁ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଜଣେ ଜିଲ୍ଲାସ୍ତରୀୟ ଫିଲ୍ଡ ମନିଟର ଭାବେ କାର୍ଯ୍ୟ କରୁଥିଲେ। ଆଜି ଅପରାହ୍ନରେ ବିକ୍ରମ ଘରେ ଥିବାବେଳେ ତାଙ୍କ ସାନଭାଇ ବୀରେନ ନାୟକ ଜମିରେ ପଡ଼ିଥିବା ଧାନ ତଳି ଦେଖିବା ପାଇଁ ଯାଇଥିଲେ। ବର୍ଷା ହେବାରୁ ବିକ୍ରମ ସାନଭାଇକୁ ଜମିରୁ ଆଣିବାକୁ ଛତା ନେଇ ଯାଇଥିବାବେଳେ ହଠାତ ବଜ୍ରାଘାତ ହେବାରୁ ସେ ସେଇଠି ଟଳି ପଡ଼ିଥିଲେ। ଅତ୍ୟନ୍ତ ଗୁରୁତର ଥିବା ବିକ୍ରମଙ୍କୁ ରାଜକନିକା ଡାକ୍ତରଖାନା ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଂଗ୍ରାମପୁର ଗ୍ରାମର ଭୁବନାନନ୍ଦ ନାୟକଙ୍କ ବଡ଼ପୁଅ ବିକ୍ରମ ଅବିବାହିତ ଥିବାବେଳେ ତାଙ୍କର ଏପରି ଆକସ୍ମିକ ମୃତ୍ୟୁ ସାରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ପୋଖରୀରେ ବୁଡ଼ି ଦଶମଶ୍ରେଣୀ ଛାତ୍ରୀ ମୃତ

ମହାକାଳପଡ଼ା,୨୪।୬(ସମିସ): ମହାକାଳପଡ଼ା ଥାନା ଅଧୀନ ଏକଲପୁର ରାମଚଣ୍ଡୀ ଉଚ୍ଚବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ସୁମିତ୍ରା ମଲିକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ନିଜ ଗ୍ରାମ ବାରଡାଙ୍ଗ ପଞ୍ଚାୟତ ବାହାରସୋବାଳ ଗ୍ରାମରୁ ଗୋବରୀ ନଦୀ ପାର ହୋଇ ସ୍କୁଲକୁ ଯିବା ପୂର୍ବରୁ ଶୌଚ ହେବାକୁ ଏକ ପୋଖରୀକୁ ଯାଇଥିବାବେଳେ ଅସାବଧାନତା ଯୋଗୁଁ ପୋଖରୀରେ ବୁଡ଼ି ଯାଇଥିଲେ। ଶୌଚ ହେବାକୁ ଯିବା ପୂର୍ବରୁ ସ୍କୁଲ ବ୍ୟାଗ ରଖି ଯାଇ ଦୀର୍ଘସମୟ ଧରି ନ ଫେରିବାରୁ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ପୋଖରୀରୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଗତସିଂହପୁର ବିଧାୟକଙ୍କ ନଗର କାର୍ଯ୍ୟାଳୟ ଉଦ୍‌ଘାଟିତ



ଜଗତସିଂହପୁର,୨୪।୬(ସମିସ): ଜଗତସିଂହପୁର ସହରର ପୁରୁଣା ପବ୍ଲିକ ସ୍କୁଲ ନିକଟରେ ସଦର ବିଧାୟକ ଅମରେନ୍ଦ୍ର ଦାସଙ୍କ ନୂତନ ନଗର କାର୍ଯ୍ୟାଳୟ ଉଦଘାଟିତ ହୋଇଛି। କର୍ମୀଙ୍କ ଗହଣରେ ବିଧାୟକ ଶ୍ରୀ ଦାସ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ଅକ୍ଷୟ ପାତ୍ର, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ନେତା ଶ୍ରୀକାନ୍ତ ଚୌଧୁରୀ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ପାରିଷଦ ଦେବାଶିଷ ସ୍ୱାଇଁ, ଶିକ୍ଷାବିତ ବିଦୁଭୂଷଣ ତ୍ରିପାଠୀ, ଜିଲ୍ଲା ବିଜେପି ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଯୁବନେତା ଦେବୀ ପ୍ରସାଦ ସାହାଣୀ, ପୂର୍ବତନ ପାରିଷଦ ରଶ୍ମିରଞ୍ଜନ ମାଣିଆ, ପୂର୍ବତନ ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ପୂର୍ବତନ ପାରିଷଦ ନିରଞ୍ଜନ ସେଠୀ, ପ୍ରଶାନ୍ତ ମଲ୍ଲିକ, ଯୁବନେତା ଡଃ ସୁବ୍ରତ ଲେଙ୍କା, ସୌମ୍ୟକାନ୍ତ ଦାସ, କୃଷ୍ଣଚନ୍ଦ୍ର ସେଠୀ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କବି ଗୀତା ଦାସ ସମ୍ମାନିତ



କୁଜଙ୍ଗ,୨୪।୬(ସମିସ): ଗହିରମଥା କଇଁଛ ସୁରକ୍ଷା ଓ ହେନ୍ତାଳ ବନ ସଂରକ୍ଷଣ ସମିତି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ୟାମସୁନ୍ଦରପୁରରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ଭିତରକନିକା ଗହୀରମଥା ସମ୍ପର୍କରେ ଆଲୋଚନା ସହିତ କବିତା ପାଠ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଅଞ୍ଚଳର ଯୁବ ପରିବେଶବିତ ସତ୍ୟ ପ୍ରକାଶ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ କବି ଗୀତା ଦାସଙ୍କୁ ତାଙ୍କ ଉତ୍ସର୍ଗୀକୃତ ପରିବେଶ ସୁରକ୍ଷା, ସାହିତ୍ୟ ସାଧନା, ସ୍ୱାମୀ ସମାଜସେବୀ ପ୍ରତାପ ରୁଦ୍ର ମହାନ୍ତିଙ୍କ ସହ ମିଶି ନିଜ ଘର ଓ ଆଖପାଖ ଅଞ୍ଚଳ ସହ ବିଦ୍ୟାଳୟକୁ ସବୁଜ ବନାନୀ କରିବାକୁ ଯେଉଁ ଉଦ୍ୟମ କରିଛନ୍ତି, ସେଥିପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ଏ ଅବସରରେ ସମିତି ସମ୍ପାଦକ ତଥା ସଚିବ ହେମନ୍ତ କୁମାର ରାଉତ, ଶିକ୍ଷାବିତ ଶ୍ରୀଧର ଭୋଳ, ଅନୁସୂୟା ସାମଲ, ବରେଣ୍ୟ ଅତିଥି ରମଣୀରଞ୍ଜନ ରାଉତ, ବିଶିଷ୍ଟ ଅତିଥି ଶୁଭ୍ରାଂଶୁ କୁମାର ଦାସ, ମୁଖ୍ୟବକ୍ତା ମନ୍ମଥନାଥ ବରାଳ, ଜଗନ୍ନାଥ ଧଳ ଓ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁରର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ଯୋଗଦେଇ ସମ୍ମାନିତ କରିଥଲେ।

ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

# ସଂକ୍ରମଣ ରୋକିବାକୁ ହୋଟେଲ, ଜଳଖିଆ ଦୋକାନରେ ଚଢ଼ଉ

ରାଜକନିକା,୨୪।୬(ସମିସ):



ସପ୍ତାହେ ଧରି ରାଜକନିକାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ଭଳି ସଂକ୍ରମଣ ଆରମ୍ଭ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପ୍ରଶାସନ ଏଥିପ୍ରତି ନଜର ଅନ୍ଦାଜ କରିଆସିଥିଲା। ଗତକାଲି ରାଜକନିକାରେ ୨୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ମେଡିକାଲକୁ ଏକା ସାଙ୍ଗରେ ଆସି ଆଡ଼ମିସନ ହେବା, ଏତେ ରୋଗୀଙ୍କୁ ଚିକିତ୍ସା ପାଇଁ ଶଯ୍ୟା ନ ଦେଇ ତଳେ ଶୁଆଇ ଚିକିତ୍ସିତ ହେବା ଖବର ପ୍ରକାଶ ପାଇବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ତତ୍ପର ହୋଇଛି। ରାଜକନିକାର ବାଣିଜ୍ୟକ ପେଣ୍ଠସ୍ଥଳ ଓଳାଭର ବଜାରରେ ଆଜି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ, କନିକା ତହସିଲଦାର, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ସଂକ୍ରମଣ ପ୍ରତିରୋଧ ଟିମ, ଆଶା କର୍ମୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ଥାନୀୟ ପୁଲିସ ପକ୍ଷରୁ ଏହି ବଜାରର ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଲସି, ଚାଟ, ଗୁପଚୁପ, ଥଣ୍ଡା ପାନୀୟ, ପିଇବା ପାଣି ପାଉଚ ଓ ବୋତଲ ଯାଞ୍ଚ ହେବା ସହ ପରିବେଶ ପ୍ରତି ନଜର ଦିଆଯାଇଛି। ଆଜିର ଚଢ଼ଉରେ ଖାଦ୍ୟର ୪ଟି ନମୁନା ଓ ପାଣିର ୮ଟି ନମୁନା ସଂଗ୍ରହ କରି ନେବା ସହ ୪୦ କେଜି ବାସି ମିଠାକୁ ନଷ୍ଟ କରିଛି। ବିନା ଫୁଡ୍ ଲାଇସେନ୍ସରେ ଖାଦ୍ୟ ବିକୁଥିବା ଦୋକାନୀଙ୍କୁ ତାଗିଦ କରାଯାଇଛି।

ଆଜିର ଚଢ଼ଉ ଜାରି ରହିଥିବାବେଳେ କେତେକ ଅସାଧୁ ମିଠା ଦୋକାନୀ ହୋଟେଲ ନିଜ ଆଡୁ ତାଲା ପକାଇ ଖସି ଯାଇଥିବା ଦେଖିବାକୁ ମିଳିଛି। ଆଜି ଏହି ଟିମ ଓଳାଭର ବଜାର ବଣିକ ସଂଘ କର୍ମକର୍ତ୍ତାଙ୍କୁ ଡାକି ତାଙ୍କୁ ବିଟିଂ ଦେବା ସହ କଲେଜ ଖେଳ ପଡ଼ିଆରେ ଅଳିଆ ନ ପକାଇବାକୁ ତାଗିଦ୍ କରିଛନ୍ତି। ସେହିପରି ଟିମ ନହୁଣୀ, ଅଶୋକ ବଜାର, ରାଜକନିକା ବଜାରରେ ସାମାନ୍ୟତମ ଚଢ଼ଉ କରିଥିବା ଟିମ ସ୍ଥାନୀୟ ମଦନ ମୋହନ ପାଟଣାରେ ଥିବା ଏକ ପାଉଚ ଓ ବୋତଲ ତିଆରି କରିଥିବା ପାଣି ଫ୍ୟାକ୍ଟ୍ରି ମଧ୍ୟ ଯାଞ୍ଚ କରିଛନ୍ତି। ସପଲାଙ୍ଗ ହାଇସ୍କୁଲରେ ପହଞ୍ଚି ଏହି ଟିମ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଯାଞ୍ଚ କରିଥିଲେ। ସଂକ୍ରମଣ ବଢ଼ିବା ପରେ ଏ ସମ୍ପର୍କରେ ଆଜିର ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ହଠାତ ସଜାଗ ହୋଇଥିବା ଏହି ଟିମ ପରିବେଶର ସ୍ୱଚ୍ଛତା ପ୍ରତି ଅଧିକ ସଚେତନ କରାଇଥିଲେ। ତେବେ ଏହି ଟିମ କେବଳ ଓଳାଭର ବଜାରରେ ଚଢ଼ଉ କରିଥିବାରୁ ରାଜକନିକା ସଦରର କଣ୍ଟପଡ଼ା, ଚନ୍ଦନପୋଖରୀ ଛକ ଭଳି ପ୍ରମୁଖ ସ୍ଥାନ ସହ ବରାଡିଆ, ଜୟନଗର, କାଟଣା, ଭାରିଗଦା ଆଦି ବଜାରରେ ନ ପହଞ୍ଚିବା, ମେଡିକାଲରେ ନିଯୁକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ କେବେ ବି ଏ ସମ୍ପର୍କରେ କୌଣସି କାର୍ଯ୍ୟ ନ କରିବା ଯୋଗୁଁ ବଜାରରେ ବାସୀ, ସଢ଼ା ଓ ଖାଦ୍ୟ ଅନୁପଯୁକ୍ତ ସାମଗ୍ରୀ ବିକ୍ରି ହେବା ଜାରି ରହିଛି। ସାରା ଓଡ଼ିଶାରେ ହଇଜା ସଂକ୍ରମଣକୁ ରୋକିବା ପାଇଁ ମୁଖ୍ୟ ଶାସନ ସଚିବ କଡା ଆଭିମୁଖ୍ୟ ନେଇ ପ୍ରଶାସନକୁ ତତ୍ପର କରିବାକୁ ନିର୍ଦ୍ଦେଶ ଦେଇଥିଲେ ବି ରାଜକନିକାରେ ସଂକ୍ରମଣ ଆରମ୍ଭ ହୋଇଥିବାରୁ ଆତଙ୍କ ଖେଳିଯାଇଛି। ସରକାରୀ ନିର୍ଦ୍ଦେଶକୁ ପାଳନ କରି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି।

# ରଘୁନାଥପୁର ବ୍ଲକ୍‌ରେ ସିଆର୍‌ସିସି ପଦ ଖାଲି

ରଘୁନାଥପୁର,୨୪।୬(ସମିସ): ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟରତ ୫ ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ପୁନଃନିଯୁକ୍ତି ପ୍ରକ୍ରିୟାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନି। ଗତ ୬ ମାସ ତଳୁ ଅନେକ ଶିକ୍ଷକ ଆବେଦନ କରିଥିଲେ ସୁଦ୍ଧା ସେମାନଙ୍କ ନିଯୁକ୍ତିଭିତ୍ତିକ ଭିଜନିଂ ଟେଷ୍ଟ କରାଯାଉନି। ଯାହାକୁ ନେଇ ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବରଦାତାଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଭିଜନିଂ ଟେଷ୍ଟ ପାଇଁ ବିଭିନ୍ନ ସମୟରେ ସୂଚନା ଦିଆଯାଉଥିଲେ ସୁଦ୍ଧା ଅଦ୍ୟାବଧି ତାହା ହୋଇପାରିନାହିଁ। ଯାହାକୁ ନେଇ ଅଞ୍ଚଳର ଶିକ୍ଷାବିତଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏହି ବ୍ଲକ ଅନ୍ତର୍ଗତ ରଘୁନାଥପୁର କ୍ଲଷ୍ଟର ଦାୟିତ୍ୱରେ ଥିବା ଦିଲ୍ଲୀପ କୁମାର ସ୍ୱାଇଁ, ଗୋପାଳପୁର କ୍ଲଷ୍ଟରର ସୁକାନ୍ତ କୁମାର ଦ୍ୱିବେଦୀ, ମହେଶ୍ୱର ଉପ୍ରା ଜଇପୁର କ୍ଲଷ୍ଟରର ବିରୁପାକ୍ଷ ସେଠୀ, ଗୁଆଳିପୁର କ୍ଲଷ୍ଟରର ସୋନା ମହାନ୍ତି ଓ ଅଢେଇକୂଳ କ୍ଲଷ୍ଟରର ପ୍ରଶାନ୍ତ ରାଉତଙ୍କ ସିଆରସିସି କାର୍ଯ୍ୟକାଳ ଗତ ୬ ମାସ ତଳୁ ଶେଷ ହୋଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା ଏବିଇଓ ଆଶୁତୋଷ ବାନାର୍ଜୀ ପ୍ରକାଶ କରିଛନ୍ତି। ତେବେ ସିଆରସିସି ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରାଯାଉଛି ନା ପ୍ରଶାସନିକ ସ୍ତରରେ ବିଳମ୍ବ ଘଟୁଛି, ଏ ନେଇ ଲୋକେ ସନ୍ଦେହରେ ରହିଛନ୍ତି। ଆବେଦନକାରୀଙ୍କ ଭିଜନିଂ ଟେଷ୍ଟ କରାଯାଇ ତୁରନ୍ତ ସିଆରସିସି ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀ ତପନ ନନ୍ଦ କହିଛନ୍ତି, ସ୍କୁଲ ଛୁଟି ଥିବାରୁ ଆବେଦନକାରୀଙ୍କ ଭିଜନିଂ ଟେଷ୍ଟ ହୋଇପାରି ନ ଥିଲା। ଏହାଛଡା କେତେକ ବ୍ଲକ୍‌ରୁ ରିପୋର୍ଟ ଆସିବାରେ ବିଳମ୍ବ ହୋଇଥିଲା। ତେବେ ଜୁଲାଇ ମାସ ଶେଷ ସୁଦ୍ଧା ଭିଜନିଂ ଟେଷ୍ଟ କରାଯାଇ ସିଆରସିସି ପଦବୀ ପୂରଣ କରାଯିବ ବୋଲି ଅଧିକାରୀ ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି।

# ବାରବାଙ୍କ ଗଣ୍ଡତଇଲା ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

ପରଜଙ୍ଗ,୨୪।୬ (ସମିସ)

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ଗ୍ରାମପଞ୍ଚାୟତ ଅଧୀନରେ ବାରବାଙ୍କ ଗଣ୍ଡତଇଲା ନାମରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଅଭିଯୋଗ ହେଉଛି। ଆଦିବାସୀ ହରିଜନ ଅଧ୍ୟୁଷିତ ବସ୍ତିରେ ୧୯୮୧ରେ ସ୍ଥାପିତ ହୋଇଥିବା ବିଦ୍ୟାଳୟର ଦୁରବସ୍ଥା କହିଲେ ନସରେ। ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ଚଳିତ ବର୍ଷଠାରୁ ବିଦ୍ୟାଳୟରେ ଖୋଲା ଯାଇଛି ଶିଶୁ ବାଟିକା। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ରହିଥିବା ବେଳେ ୪୯ ପିଲା ଅଧ୍ୟୟନ କରୁଥିବା ଜଣାପଡିଛି। ଶ୍ରେଣୀଗୃହ ଅଭାବରୁ ବିଦ୍ୟାଳୟର ଅଫିସ କାର୍ଯ୍ୟାଳୟରେ କିଛି ପିଲା ପାଠ ପଢୁଥିବା ବେଳେ ଆଉ କେତେକ ପିଲା ଅଫିସ



ବାରଣ୍ଡାରେ ପାଠପଢୁ ଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଅଫିସ କାର୍ଯ୍ୟାଳୟକୁ ଲାଗି ବିପଦ ସଙ୍କୁଳ ଅବସ୍ଥାରେ ୨ଟି ଆଜବେଷ୍ଟସ ଛପର ଶ୍ରେଣୀଗୃହ ରହିଥିବା ବେଳେ ପିଲାଙ୍କ ନିରାପଦ ଦୃଷ୍ଟିରୁ ଅଫିସ ଭିତରେ ଓ ଅଫିସ ବାରଣ୍ଡାରେ ଚାଲିଛି ପିଲାଙ୍କ ପାଠପଢା। ଯାହା ଫଳରେ ଅବିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଦିନ ସାଙ୍ଗକୁ ବିଭିନ୍ନ ସମୟରେ ବିଷାକ୍ତ ସରୀସୃପ ଦେଖିବାକୁ ମିଳିଥାଏ। ବର୍ଷା ହେଲେ ଅଫିସ ଘରେ ସମୂହ ପିଲା ଏକାଠି ହେବାକୁ ପଡୁଛି। ଏପରି ଅବ୍ୟବସ୍ଥା ମଧ୍ୟରେ ରହିଥିବା ବିଦ୍ୟାଳୟ ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନହେବା ଅବିଭାବକ ମହଲରେ ଦୃଢ଼ ନିନ୍ଦା କରିଛନ୍ତି। ତୁରନ୍ତ ଶ୍ରେଣୀ ଗୃହ ଯୋଗାଇ ଦେବାକୁ ଅବିଭାବକ ମହଲରେ ଦାବି ହେଉଛି; ନଚେତ୍ ଆଗାମୀ ଦିନରେ ଅବିଭାବକ ଛାତ୍ର ଛାତ୍ରୀ ମିଶି ଏକ ବିକଳ୍ପ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ



ପରଜଙ୍ଗ, ୨୪।୬ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା ଅନ୍ତର୍ଗତ କୁଆଳୁ ଗ୍ରାମପଞ୍ଚାୟତ ପରମହଂସପୁର ଗ୍ରାମରେ ବିଦ୍ୟୁତ୍ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପରମହଂସପୁର ଗ୍ରାମର ସର୍ବେଶ୍ୱର ସାହୁଙ୍କ ୩୦ ବର୍ଷୀୟ ପୁଅ ପ୍ରଶାନ୍ତ କୁମାର ସାହୁ ମଙ୍ଗଳବାର ସକାଳ ୭ଟାରେ ନିଜ ପରିବା ବଗିଚାକୁ ଯାଇ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ତାଙ୍କ ଅକାଳ ବିୟୋଗ ଘଟିଛି। ପ୍ରଶାନ୍ତ ସକାଳୁ ନିଜ ବଗିଚାକୁ ପରିବା ସଂଗ୍ରହ କରିବାକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ବାଡ଼ିକୁ ଯାଇଥିବା ସର୍ଭିସ ତାର ସଂସ୍ପର୍ଶରେ ଆସି ତଳେ ଟଳି ପଡ଼ିଥିଲେ। ପରିବାର ଲୋକେ ପ୍ରଶାନ୍ତଙ୍କ ଏପରି ଅବସ୍ଥା ଦେଖି ସଙ୍ଗେ ସଙ୍ଗେ ତାଳଚେରସ୍ଥିତ ସରକାରୀ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ଏହାପରେ ଗାଁରେ ଶୋକର ଛାୟା ଖେଳି ଯାଇଛି। ଘଟଣାକୁ ନେଇ ମୃତ ପ୍ରଶାନ୍ତଙ୍କ ଭାଇ ସୁଶାନ୍ତ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ୩ଟି ବ୍ୟାଟେରୀ ଚୋରି



କାମାକ୍ଷାନଗର,୨୪।୬ (ସମିସ): କାମାକ୍ଷାନଗର ସହର ମଧ୍ୟରୁ ବିଳମ୍ବିତ ରାତିରେ ବ୍ୟାଟେରୀ ଚୋରି ହୋଇଛି। ଏହାର ଏକ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବିଳମ୍ବିତ ରାତିରେ ଘର ଗ୍ରୀଲ ଡେଇଁ ବ୍ୟାଟେରୀ ହୋଇଛି। ବଜାରର ମେନରୋଡସ୍ଥିତ ଜଗଦୀଶ ସାମଲଙ୍କ ଘରେ ଥିବା ୩ଟି ବ୍ୟାଟେରୀକୁ ଦୁର୍ବୃତ୍ତ ଚୋରି କରି ନେଇଥିବା ମଙ୍ଗଳବାର ଥାନାରେ ହୋଇଛି ଅଭିଯୋଗ। ସିସିଟିଭି ଆଧାରରେ ପୁଲିସ୍ ତଦନ୍ତ ଜାରି ରହିଛି। ପୁଲିସ ତରଫରୁ ରାତିରେ ପାଟ୍ରୋଲିଂ କରିବା ସହିତ ପ୍ରତ୍ୟେକ ବଜାର ଛକରେ ହୋମଗାର୍ଡ ମଧ୍ୟ ମୁତୟନ କରାଯାଇଛି। ଏବେ କିଛି ଦିନ ହେଲାଣି ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପୁଲିସର ପାଟ୍ରୋଲିଂ ଜୋରଦାର କରିବାକୁ ଜନସାଧାରଣରେ ଦାବି ହୋଇଛି।

## ଜିଲ୍ଲା ବନ୍ଧୁକଧାରୀ ସଂଘର ନୂଆ ସଭାପତି



ଢେଙ୍କାନାଳ,୨୪।୬ (ସମିସ): ଢେଙ୍କାନାଳ ଜିଲ୍ଲାର ବନ୍ଧୁକଧାରୀ ସଂଘ ତରଫରୁ ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ଦଧିବାମନ ମଠ ପ୍ରାଙ୍ଗଣ ଭାଗବତ ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁମୁଦଚନ୍ଦ୍ର ସାହୁଙ୍କୁ ନୂତନ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ସମ୍ପାଦକ ଗିରିଶଚନ୍ଦ୍ର ମହାଳିକ, ଉପସଭାପତି ତୋଫାନ ସାହୁ, କୋଷାଧ୍ୟକ୍ଷ ସୁରେଶ ବ୍ରହ୍ମ, ସହସମ୍ପାଦକ ରମେଶ ସାମଲ ଓ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସଂଘର ସଂପାଦକ ବାର୍ଷିକ ଆୟବ୍ୟୟ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା।

## ଗ୍ରାମପଞ୍ଚାୟତ ବିକାଶ ସମ୍ପର୍କିତ ତାଲିମ



କିଶୋରନଗର, ୨୪।୬(ସମିସ): କିଶୋରନଗର ବ୍ଲକ ସଭାଘରଠାରେ ଦିନିକିଆ ପଞ୍ଚାୟତ ବିକାଶ ସମ୍ପର୍କିତ ତାଲିମ ଶିବିର ତଥା ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ, ଆଶା, ଅଙ୍ଗନବାଡ଼ି, ଲାଇଭ ଷ୍ଟକ୍ ଇନ୍ସପେକ୍ଟର ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଭାପତିତ୍ୱ କରିଥିଲେ। ସତ୍ୟପ୍ରିୟ ସାହୁ ଓ ସିପି ଧନେଶ୍ୱର ପ୍ରଧାନ ତାଲିମ ପ୍ରଦାନ କରିଥିଲେ।

**ରାଜ୍ୟରେ ବୃଦ୍ଧି ପାଉଛି ଅସଦାଚରଣ, ଦୁଷ୍କର୍ମ ଓ ହତ୍ୟା**

## ପ୍ରତିବାଦରେ ଯୁବ ଛାତ୍ର ବିଜେଡିର ଜିଲ୍ଲାବ୍ୟାପୀ ଆନ୍ଦୋଳନ




ଢେଙ୍କାନାଳ, ୨୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଯୁବ ଛାତ୍ର ବିଜେଡି ତରଫରୁ ଜିଲ୍ଲା ବ୍ୟାପି ଛାତ୍ର ଆନ୍ଦୋଳନ କରାଯିବା ପାଇଁ ଡକରା ଦିଆଯାଇଛି। ରାଜ୍ୟରେ ଛାତ୍ରୀଙ୍କ ଉପରେ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ନିରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ବୁଧବାର ଛାତ୍ର ଆନ୍ଦୋଳନ କରାଯିବ ବୋଲି ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲ୍ଲାର ପରଜଙ୍ଗ, କାମାକ୍ଷାନଗର, ଢେଙ୍କାନାଳ ଓ ହିନ୍ଦୋଳରେ ଏହି ଆନ୍ଦୋଳନ କରାଯିବ। ରାଜ୍ୟ ବିଜେପି କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ଆଇନଶୃଙ୍ଖଳା ବୃଦ୍ଧି ପାଇବା ସହିତ ଗୋପାଳପୁର ଭଳି ଘଟଣା ସାରା ରାଜ୍ୟରେ ଚହଳ ପକାଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଢେଙ୍କାନାଳ ସହିତ ୧୧ ଜିଲ୍ଲାରେ ଡାଇରିଆରେ ଲୋକ କଲବଲ ହେଉଥିବା ବେଳେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇଦେବା ପାଇଁ ଏହି ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ କଳାବ୍ୟାଜ ପରିଧାନ, ପିକେଟିଂ, କୁଶ ପୁତ୍ତଳିକା ଦାହ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି। ଛାତ୍ର ବିଜେଡି ତରଫରୁ ମହିଳା ମହାବିଦ୍ୟାଳୟ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମହିଳା ସଭାପତି ସାଗରିକା ମିଶ୍ର, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ଜିଲ୍ଲା ନଗର ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ସହିତ ସମସ୍ତ ବିଜେଡି କାଉନସିଲର ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

## ଜନଶୁଣାଣି ଶିବିରରେ ୧୪ ଅଭିଯୋଗର ସମାଧାନ



ଢେଙ୍କାନାଳ/ଗଁଦିଆ,୨୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଅ ବ୍ଲକ ଦଶମାଣପାଟଣା ପଞ୍ଚାୟତରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୪ ଅଭିଯୋଗର ସମାଧାନ କରାଯାଇଛି। ଶିବିରରେ ମୋଟ ୪୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଓ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଦୁଇଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ୭ଜଣଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିବା ଉପଜିଲ୍ଲାପାଳ ବିବୁଧାନନ୍ଦ ଗଡ଼ନାୟକ ସୂଚନା ଦେଇଛନ୍ତି। ଗଁଦିଆ ବିଡିଓ ପବିତ୍ର ବେହେରା ଓ ତହସିଲଦାର ସତ୍ୟଜିତ ମହାପାତ୍ର ଶିବିର ପରିଚାଳନା କରିଥିଲେ।

## କଙ୍ଗାରୁ କୋର୍ଟ ଘଟଣାକୁ ନିନ୍ଦା



ତାଳଚେରସଦର, ୨୪।୬ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ବୃଦ୍ଧି ପାଇବା ସହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ନୂତନ ସରକାର ଆସିବାର ମାତ୍ର ବର୍ଷକ ଭିତରେ ଦୁର୍ନୀତି, ଅତ୍ୟାଚାର, ନାରୀ ନିର୍ଯ୍ୟାତନା, ହତ୍ୟା, ଲୁଟ୍ ଓ ଦୁଷ୍କର୍ମ ଭଳି ଘଟଣା ଶିଖର ଛୁଇଁଥିଲା ବେଳେ ନିତି ଦିନ ଏତେ ସବୁ ଘଟିଲା ପରେ ମଧ୍ୟ ସରକାର ଲୋକଙ୍କ ସରକାର ବୋଲି ନିଜ ଢୋଲ ନିଜେ ପିଟୁଛନ୍ତି ବୋଲି ରାଜ୍ୟ ବିଜୁଜନତା ଦଳର ଦଳିତ ନେତା ମହେଶ ସାହୁ ଅଭିଯୋଗ କରିଛନ୍ତି। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖାରିଗୁମ୍ମା ଗ୍ରାମରେ ଦୁଇ ଦଳିତ ଯୁବକଙ୍କୁ ଗୋଚାଲାଣ କରୁଥିବାର ମିଥ୍ୟା ଅଭିଯୋଗରେ ଅକଥନୀୟ ନିର୍ଯ୍ୟାତନା ଦେବା ସହ ଗାଁ ଦାଣ୍ଡରେ ଲଣ୍ଡା କରି ଆଣ୍ଠେଇ ବୁଲାଇବା ସହ ତାଙ୍କୁ ମଇଳା ଆବର୍ଜନା ପାଣି ପିଆଇବା ଘଟଣା ବର୍ବରତାର ସୀମା ଲଂଘିଛି। ଉଭୟ ସେଠାରୁ ଖସି ଆସି ଧରାକୋଟ ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କ ମୁଣ୍ଡ ଓ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିରେ ସାତରୁ ଆଠଜଣ ସଂପୃକ୍ତ ଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି। ଏଭଳି ଲଜ୍ଜାଜନକ ଘଟଣା ପାଇଁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ବୋଲି ଶ୍ରୀ ସାହୁ ଦାବି କରିବା ସହ ଅଭିଯୁକ୍ତ ଗିରଫ ନ ହେଲେ ଭୟାବହ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ବିଜୁ ଜନତା ଦଳର ଦଳିତ ନେତା ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

## ହିନ୍ଦୋଳ ଏନ୍ଏସିର ଦ୍ୱାଦଶ ସାଧାରଣ ସଭା



ହିନ୍ଦୋଳ,୨୪।୬ (ସମିସ): ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଞ୍ଚଳର ଦ୍ୱାଦଶ ସାଧାରଣ ସଭା ଏନଏସି ସଭାଗୃହରେ ଏନଏସି ଅଧକ୍ଷ କେଶବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗ ଦେଇଥିଲେ। ଏହି ବୈଠକରେ ଏନଏସିର ସମସ୍ତ କାଉନସିଲର ଯୋଗ ଦେଇଥିଲେ। ବୈଠକରେ ଏନଏସିର ଉନ୍ନତିମୂଳକ କାର୍ଯ୍ୟ ଯଥା ଟେଣ୍ଡର ଛାଡ଼ିବା, ଅଫିସ ପ୍ରୋଭାଇଡର ଅବଧି ବଢ଼ାଇବା, ୱାର୍ଡରେ ଇଲେକ୍ଟ୍ରିକ ଖୁଣ୍ଟ ପାଇଁ ଏପି-ଏମଏଲଏ ଲ୍ୟାଡ ପ୍ରଦାନ କରିବାକୁ ଦାବି ରଖାଯାଇଥିଲା। ନୂତନ ଭଡା ପାଇଁ ସରକାରଙ୍କୁ ଜଣାଇବାକୁ ଅନୁରୋଧ କରାଗଲା। ବିଧାୟିକା ହିନ୍ଦୋଳ ବ୍ଲକ ଏନଏସି ମଧ୍ୟ ଭାଗରେ ଏକ ଇଣ୍ଡଷ୍ଟ୍ରି କରାଇବାର ପ୍ରସ୍ତାବ ସାଂସଦ ଶ୍ରୀ ପାଣିଙ୍କୁ ଦେବସହ ସହ ବହୁ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ୱାର୍ଡ ନଂ ୧୫ରେ ମୋବାଇଲ ଟାୱାର,ଚଣାବାରିଆରୁ ୱାର୍ନଂ ୬, ୱାର୍ଡ ନଂ ୧ରୁ ୱାର୍ଡ ନଂ ୨, ମେଡିକାଲ ଛକ ୱାର୍ଡ ୮ରୁ ରଙ୍କେଇ ମନ୍ଦିର ପର୍ଯ୍ୟନ୍ତ କନେକ୍ଟିଭ ରୋଡ ପାଇଁ ସାଂସଦ ବିଧାୟିକାଙ୍କୁ ଅନୁରୋଧ କରାଯାଇ ପ୍ରସ୍ତାବ ପାରିତ କରାଯାଇଥିଲା। ଏଥିସହ ବହୁ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ସ୍ୱାସ୍ଥ୍ୟ ପରିମଳ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏନଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ପରିଚାଳନା କରିଥିଲେ। ଉପାଧ୍ୟକ୍ଷା ପ୍ରତିମା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟୟ ମୁକାବିଲା ପରିଚାଳନା ତାଲିମ



କିଶୋରନଗର, ୨୪।୬ (ସମିସ): କିଶୋରନଗର ବ୍ଲକ ସଭାଘରଠାରେ ବ୍ଲକ ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ପ୍ରଧାନ, ତହସିଲଦାର ବିକ୍ରମ କେଶରୀ ନାୟକ, ବାମୁର ଅଗ୍ନିଶମ ଅଧିକାରୀ ସୁଶୀଲ କୁମାର ହେମ୍ବ୍ରମ, ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରୀୟ ସାହୁ ଯୋଗ ଦେଇଥିଲେ। ଏହି ଶିବିରରେ ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ, ହଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର, ସହକାରୀ ଯନ୍ତ୍ରୀ ସ୍ମିତାରାଣୀ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ପିଇଓ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର**

# ୩୭୬ ୟୁନିଟ ରକ୍ତଦାନ କଲେ କର୍ମଚାରୀ ଓ ପରିବାରବର୍ଗ

ଢେଙ୍କାନାଳ,୨୪।୬ (ସମିସ)

ଢେଙ୍କାନାଳ ଜିଲ୍ଲାର ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ୍ ୩୭୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ କମ୍ପାନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିବା ସହ ରକ୍ତ ଦାନ କରିଥିଲେ। ଉତ୍ତମ ସିଂହ, ଭାଇସ ପ୍ରେସିଡେଣ୍ଟ ଅପରେସନ୍ସ, ଟାଟାଷ୍ଟିଲ ମେରମଣ୍ଡଳୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସେ ନିଜେ ମଧ୍ୟ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ରକ୍ତଦାତାମାନଙ୍କୁ କୃତଜ୍ଞତା ଜଣାଇବା ସହ



ଏଭଳି ଜୀବନରକ୍ଷାକାରୀ ପ୍ରୟାସରେ ସଭିଏଁ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଶିବିରରେ ଟିଏସଏମର ଆଇରନ ମେକିଙ୍ଗ ମୁଖ୍ୟ ଅମିତ ସିଂହ, ପାୱାର ଶିଷ୍ଟମ ମୁଖ୍ୟ ରାଜେଶ ଅଗ୍ରୱାଲ୍, ଏଚଆରବିପି ମୁଖ୍ୟ ଅମିତାଭ ଝା ଓ ସୁରକ୍ଷା ମୁଖ୍ୟ ବିଳାସ ଏନ ଗାଏକୱାଡ଼, ଡିଆରଆଇ ଆଣ୍ଡ ସିଣ୍ଟର ପ୍ଲାଣ୍ଟ୍ସ ମୁଖ୍ୟ ରମେଶ କନନ ମନିଙ୍କ ସମେତ କମ୍ପାନୀର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟିଏସଏମର ମେଡିକାଲ ସେବା ବିଭାଗ ଦ୍ୱାରା ସୂଚାରୁ ରୂପେ ଶିବିର ସଞ୍ଚାଳନ ହୋଇଥିଲା। ଏଥିରେ ଡାକ୍ତର ଆଶିଷ ମହାପାତ୍ର, ଡାକ୍ତର ଅବିନାଶ ଦାଶ, ଡାକ୍ତର ନାରାୟଣ ପଣ୍ଡା, ଡାକ୍ତର ରଶ୍ମିତା ଭି, ରାଜେଶ ଶାହା ଓ ନର୍ସ ଏବଂ ପାରାମେଡିକାଲ୍ ଷ୍ଟାଫ ସହଯୋଗ କରିଥିଲେ। ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବ୍ଲଡ ବ୍ୟାଙ୍କ ସହଯୋଗରେ ରକ୍ତ ସଂଗୃହୀତ ହୋଇଥିଲା। ବ୍ଲଡବ୍ୟାଙ୍କ ଡାକ୍ତର ସ୍ୱରୂପ ରଞ୍ଜନ ସାହୁ, ରକ୍ତ କେନ୍ଦ୍ର ଅଧିକାରୀ, ଢେଙ୍କାନାଳ, ବିନୋଦିନୀ ଜୋଗାନିଆ, ନର୍ସିଂ ଅଧିକାରୀ ଏବଂ ଲ୍ୟାବ ଟେକ୍ନିସିଆନ୍‌ଙ୍କ ୧ ଟିମ ରକ୍ତ ସଂଗ୍ରହରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ।

## ଯାତ୍ରା ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଢେଙ୍କାନାଳ,୨୪।୬ (ସମିସ): ଢେଙ୍କାନାଳ ଜିଲ୍ଲାର ୮ଟି ବ୍ଲକରେ ବର୍ଷାଋତୁ ଆରମ୍ଭରେ (ଅଫ୍ ସିଜିନ୍) ଯାତ୍ରା ପାର୍ଟି ପକାଇଥାନ୍ତି। ଏଥିପାଇଁ ୨-୩ ବର୍ଷ ପୂର୍ବରୁ ୨-୩ ଲକ୍ଷ ପର୍ଯ୍ୟନ୍ତ ଅଗ୍ରୀମ ଦେବାକୁ ପଡିଥାଏ। ଯେଉଁଥିପାଇଁ କି ଯାତ୍ରା କରିବା ପାଇଁ ଜାଗାର ପରିମିସନ୍ ଡିଆଇବି ପୁଲିସ୍ ରିପୋର୍ଟ, ତହସିଲ ଓ ଥାନାର ରିପୋର୍ଟ, ରେଡକ୍ରସ ଡିପୋଜିଟ୍, ବିଦ୍ୟୁତ୍ ବିଭାଗକୁ ବିଦ୍ୟୁତ୍ ସଂଯୋଗ ପାଇଁ ଅର୍ଥ ଦେବା ପ୍ରଭୃତି ବ୍ୟାପକ ବ୍ୟୟ ବହୁଳ ଖର୍ଚ୍ଚ ହୋଇଥାଏ। ସମସ୍ତ ଯାତ୍ରା ମାଲିକମାନେ ଅଫ୍ ସିଜିନ୍‌ରେ ଢେଙ୍କାନାଳ ଜିଲ୍ଲାରେ ଯାତ୍ରା ପକାଇ ମାଲିକମାନେ ଲକ୍ଷ ଲକ୍ଷ ଟଙ୍କା ନେଇଥାନ୍ତି। ଯାହାଫଳରେ ଯାତ୍ରା କମିଟିର ସଦସ୍ୟମାନେ ହାତରୁ ପଇସା ପୈଠ କରିଥାନ୍ତି। ଏହାର ସମାଧାନ ପାଇଁ ରାଜ୍ୟ କର୍ମକର୍ତ୍ତାଙ୍କ ସହ ଜିଲ୍ଲାର ସମସ୍ତ ଯାତ୍ରା କମିଟି ସଦସ୍ୟଙ୍କ ସହ କାମାକ୍ଷାନଗରସ୍ଥିତ କୃଷି ସଭାଗୃହ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିନେଇ ଜିଲ୍ଲା ପ୍ରଶାସନଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଦାବିପତ୍ର ପ୍ରଦାନ କରାଯାଇଛି। ଯାତ୍ରା ମାଲିକ ସିଧାସଳଖ ରାଜ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା ନ କଲେ ଚଳିତବର୍ଷ ଦେଙ୍କାନାଳ ଜିଲ୍ଲାରେ ଯାତ୍ରା ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



## ଜେଲ୍ ଗଲେ ତାମିଲ ଅଭିନେତା ଶ୍ରୀକାନ୍ତ

ଚେନ୍ନଇ, ୨୪।୬(ଏଜେନ୍ସି): କୋକେନ ଭଳି ନିଶାଦ୍ରବ୍ୟ ପାଖରେ ରଖିବା ଓ ତାକୁ ବ୍ୟବହାର କରିବା ଅଭିଯୋଗରେ ଗିରଫ ହେବାର ଗୋଟିଏ ଦିନ ପରେ ଜଣାଶୁଣା ତାମିଲ ଅଭିନେତା ଶ୍ରୀକାନ୍ତଙ୍କୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ବିଚାର




ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ଗ୍ରେଟର ଚେନ୍ନଇ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ନୁଙ୍ଗାମ୍ବାକାମ୍ ଥାନାରେ ୯ ଘଣ୍ଟା ଧରି ପୁଲିସ୍ ପଚରାଉଚରା କରିଥିଲା। ତାଙ୍କ ରକ୍ତ ନମୁନାରେ ନାର୍କୋଟିକ୍ ପଦାର୍ଥ ଥିବାର ପ୍ରମାଣ ମିଳିଥିଲା। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଖାଇବା ପରେ ଏୟାର ଇଣ୍ଡିଆ ବିମାନରେ ୫ ଅସୁସ୍ଥ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରୁ ମୁମ୍ବଇ ଆସୁଥିବା ଏୟାର ଇଣ୍ଡିଆର ଏଆଇ-୧୩୦ ବିମାନରେ ହଠାତ ୫ ଜଣ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବର ଅସୁସ୍ଥ ହୋଇ ପଡ଼ିଥିଲେ। ଏମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସୋମବାର ଏୟାର ଇଣ୍ଡିଆ ଏ ନେଇ ସୂଚନା ଦେଇଛି। ମୁମ୍ବାଇରେ ବିମାନ ସୁରକ୍ଷିତ ଭାବେ ପହଞ୍ଚିବା ପୂର୍ବରୁ ମେଡିକାଲ ଟିମ୍ ପ୍ରସ୍ତୁତ ହୋଇ ରହିଥିଲା। ଦୁଇ ଯାତ୍ରୀ ଓ ଦୁଇଜଣ କ୍ରୁ ମେମ୍ବରଙ୍କୁ ମେଡିକାଲ ରୁମ୍‌କୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ଘଟଣା ଯାଞ୍ଚ କରାଯାଉଛି ଓ ଯାଞ୍ଚ ଏଜେନ୍ସିକୁ ସୂଚନା ଦିଆଯାଇଛି ବୋଲି ଏୟାର ଇଣ୍ଡିଆ କହିଛି। ଫୁଡ ପଏଜନିଂ ଯୋଗୁଁ ସେମାନେ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି।

## ଚୀନ୍ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଅଜିତ ଡୋଭାଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏସ୍ଏସ୍ଏ) ଅଜିତ ଡୋଭାଲ ସୋମବାର ବେଜିଂରେ ଚୀନର ଷ୍ଟେଟ୍ କାଉନସିଲର ତଥା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ସଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ)ର ନ୍ୟାସନାଲ ଆଡଭାଇଜରମାନଙ୍କ ବିଂଶତମ ବୈଠକ



ଅବସରରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ହେଲେ ଆତଙ୍କବାଦର ସବୁ ରୂପ ତଥା ପ୍ରୟାସକୁ ମିଳିତ ଭାବେ ପଣ୍ଡ କରିବାର ଆବଶ୍ୟକତା ରହିଛି ବୋଲି ଡୋଭାଲ ତାଙ୍କୁ କହିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ନେଇ ଦୁହେଁ ସମୀକ୍ଷା କରିଥିଲେ। ସୀମାରେ ଶାନ୍ତି ବଜାୟ ରଖିବା ଜରୁରୀ ବୋଲି ଡୋଭାଲ କହିଥିଲେ।

## 'କରୋନା ଏବେ ଗମ୍ଭୀର ରୋଗ ନୁହଁ'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଗତ ଦୁଇ ସପ୍ତାହ ମଧ୍ୟରେ କରୋନା ମାମଲାରେ ଯଥେଷ୍ଟ ଅବନତୀ ପରିଲକ୍ଷିତ ହୋଇଛି। ଗତ ୧୨ ଦିନ ମଧ୍ୟରେ ୩, ୦୦୦ରୁ ଅଧିକ ଆକ୍ଟିଭ କରୋନା କେସ୍‌ରେ ଅବନତୀ ପରିଲକ୍ଷିତ ହୋଇଛି। ଜୁନ୍ ୧୨ରେ ୭୧୩୧ ଆକ୍ଟିଭ କେସ୍ ଥିଲା। ଏହ ଏହି ସଂଖ୍ୟା ତଳକୁ ଖସି ୪୦୮୯ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ୭ଟି ନୂଆ କେସ ସାମ୍ନାକୁ ଆସିଛି ଏବଂ ୩ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। କେରଳରେ ସର୍ବାଧିକ ୪୦ଜଣ ଓ ମହାରାଷ୍ଟ୍ରରେ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। କରୋନା ଏବେ ଆଉ ଏକ ଗମ୍ଭୀର ରୋଗ ହୋଇ ରହିନାହିଁ ବୋଲି ମ୍ୟାକ୍ସ ସାକେତ ହସ୍ପିଟାଲର ନିର୍ଦ୍ଦେଶକ ରୋମେଲ ଟିକ୍କୁ କହିଛନ୍ତି। ଯେଉଁ ଲୋକଙ୍କୁ ଏବେ ସର୍ଦ୍ଦି, କାଶ, ଜ୍ୱର ହେଉଛି ସେମାନେ କରୋନା ଟେଷ୍ଟ କରିବାର ଆଉ ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

## ଆଲୋଚନା ପାଇଁ ରାହୁଲଙ୍କୁ ଡାକିଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ଅଭିଯୋଗ ପରେ ନିର୍ବାଚନ କମିଶନ ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖିଛନ୍ତି। ଏହି ଅଭିଯୋଗ ଉପରେ ଚର୍ଚ୍ଚା ପାଇଁ ସେ ରାହୁଲଙ୍କ ଡାକିଛନ୍ତି। ଗତ ୧୨ ତାରିଖରେ ଏହି ଚିଠି ଲେଖା ଯାଇଥିଲା। ଏଥିରେ କୁହାଯାଇଛି ଯେ ନିର୍ବାଚନୀ ନିୟମ ଅନୁସାରେ ସବୁ ରାଜ୍ୟରେ ନିର୍ବାଚନ ହୋଇଛି। ମହାରାଷ୍ଟ୍ରରେ ମଧ୍ୟ ସବୁ ନିୟମକୁ କଠୋର ଭାବେ ଲାଗୁ କରାଯାଇଥିଲା। ନିର୍ବାଚନକୁ ନେଇ କଂଗ୍ରେସ ନେତା କୋର୍ଟରେ ଯେଉଁ ମାମଲା ରୁଜୁ କରିଥିଲେ ତାହାର ଉଚିତ ଉତ୍ତର ଦିଆଯାଇଛି। ଯଦି ଆଉ କିଛି ସମସ୍ୟା ଅଛି ତେବେ ବ୍ୟକ୍ତିଗତ ଭାବେ ଆଲୋଚନା କରିପାରିବେ। ସବୁ ପ୍ରସଙ୍ଗରେ ଆଲୋଚନା ଲାଗି କମିଶନ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ତାରିଖ ଏବଂ ସମୟ ଦିଅନ୍ତୁ।

**ଇରାନ-ଇସ୍ରାଏଲ ଯୁଦ୍ଧ**

# ଦୁଇ ଦେଶ ଛାରଖାର

ୱାଶିଂଟନ, ୨୪।୬ (ଏଜେନ୍ସି): ଦୀର୍ଘ ୧୨ ଦିନହେଲା ଇସ୍ରାଏଲ-ଇରାନ ସଂଘର୍ଷର ଜାରି ରହିଛି। ଏହି ଯୁଦ୍ଧରେ ଆମେରିକା ପ୍ରବେଶ କରି ସ୍ଥିତିକୁ ଅଧିକ ସାଂଘାତିକ କରିଦେଇଥିଲା। ଇରାନର ତିନି ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ଏବଂ ଟମ୍ ହକ୍ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ବିଶ୍ୱଯୁଦ୍ଧ ମୁହାଁ କରାଇ ଥିଲା। ଏହା ପରେ ଇରାନ ଦୃଢ଼ ଜବାବ ଦେବାକୁ ଧମକ ଦେଇଥିଲା। କାତାରରେ ଥିବା ଆମେରିକା ଘାଟୀ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ନିଜେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି ବୋଲି ଘୋଷଣା କରିଥିଲେ। ନିଜ ପାଇଲଟଙ୍କୁ ଫେରାଇ ଆଣିବା ପାଇଁ ଇସ୍ରାଏଲକୁ କହିଥିଲେ। ଅସ୍ତ୍ରବିରତି ତତ୍କାଳ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ। କେହି ଆଉ ଆହତ ହେବେନି ବୋଲି ଘୋଷଣା କରିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହା ଦ୍ୱାରା ବିଶ୍ୱକୁ ଆଶ୍ୱସ୍ତି ମିଳିବ ବୋଲି ଆଶା ଥିଲା। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେଲା ବୋଲି ଧରା ଯାଇଥିଲା। କିନ୍ତୁ ଏହାର ଅଢ଼େଇ ଘଣ୍ଟା ପରେ ପୁଣି ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଟ୍ରମ୍ପଙ୍କୁ କେହି ଖାତିର କରିନାହାନ୍ତି। ଏହାକୁ ନେଇ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ଦେଶକୁ ଭର୍ତ୍ସନା କରି ଅଭଦ୍ର ଭାଷାରେ ଗାଳି ଦେଇଛନ୍ତି। ଦୀର୍ଘ ଦିନ ଧରି ଯୁଦ୍ଧ ଚାଲିବ। ଉଭୟ ରାଷ୍ଟ୍ର କଣ କରୁଛନ୍ତି ନିଜେ ଜାଣିନାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି।

ଗତ ୧୨ ଘଣ୍ଟା ମଧ୍ୟରେ ଏହି ଯୁଦ୍ଧକୁ ନେଇ ଯାହା ଘଟିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅସ୍ତ୍ରବିରତି ଘୋଷଣା ପରେ ତିନି ପକ୍ଷ ଆମେରିକା, ଇରାନ ଏବଂ ଇସ୍ରାଏଲ ବିଜୟୀ ହୋଇଥିବା ଘୋଷଣା କରିଥିଲେ। ଆମେରିକା ଦାବି କରିଥିଲା ଯେ ଏହା ଇରାନର ପରମାଣୁ କ୍ଷମତାକୁ ହ୍ରାସ କରିଦେଇଛି। ତେହେରାନକୁ ଯଥେଷ୍ଟ ଦୁର୍ବଳ କରିବାକୁ ନେଇ ଇସ୍ରାଏଲ ଗର୍ବ କରୁଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ବିରୋଧରେ ଠିଆ ହେବା ଏବଂ ପଛକୁ ନ ହଟିବାକୁ ନେଇ ଇରାନ ମଧ୍ୟ ଗର୍ବ କରୁଛି।

ଯୁଦ୍ଧରେ ଇସ୍ରାଏଲ ନିଜକୁ ଅଜେୟ ଭାବୁଥିଲା। ୨୦୨୧ ମସିହା ପରଠାରୁ ୫ଟି ଯୁଦ୍ଧ କରିଥିଲା। କିନ୍ତୁ ଇରାନ ଏହି ଦେଶର ଗର୍ବକୁ ଚୂର୍ଣ୍ଣ କରିଦେଇଛି। ତୁହାକୁ ତୁହା କ୍ଷେପଣାସ୍ତ୍ର, ଡ୍ରୋନ ଆଦି ମାଡ଼ କରି ଇସ୍ରାଏଲର



- ତିନି ପରମାଣୁ ଠିକଣା ଧ୍ୱଂସ କରିଛୁ: ଆମେରିକା
- ସାମରିକ ଆଡ୍ଡା ନଷ୍ଟ କରିଦେଇଛୁ: ଇସ୍ରାଏଲ
- ଇସ୍ରାଏଲ ସହର ଛାରଖାର କରିଛୁ: ଇରାନ

ଅଶେଷ କ୍ଷତି ଘଟାଇଛି। ଇରାନ ହାଇପରସୋନିକ କ୍ଷେପଣାସ୍ତ୍ର ଇସ୍ରାଏଲର ଆଇରନ ଡୋମକୁ ମାତ୍ ଦେଇଛି। କୂଟନୀତି ମାଧ୍ୟମରେ ବିବାଦର ସମାଧାନ ଦାବି କରୁଥିବା ଆମେରିକା ଗତ ରବିବାର ଇରାନରେ ବୋମା ମାଡ଼ କରି ସମସ୍ତଙ୍କୁ ଚମକାଇ ଦେଇଥିଲା। ଇରାନକୁ ଟ୍ରମ୍ପ ମଧ୍ୟପ୍ରାଚ୍ୟର ଗୁଣ୍ଡା ବୋଲି କହି ଶାନ୍ତି ପାଇଁ ଚାପ ପକାଇ ଥିଲେ। ଇରାନର ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା କହିଥିଲେ। କିନ୍ତୁ ଯୁଦ୍ଧ ସମାଧାନ ନୁହେଁ ବୋଲି ଆମେରିକା ଜାଣିଥିଲା। ଘରୋଇ ସମର୍ଥନ ମିଳୁଥିବା ପର୍ଯ୍ୟନ୍ତ ଇରାନ ଆଲୋଚନାର ମାର୍ଗକୁ ଫେରିବ ନାହିଁ ବୋଲି ଟ୍ରମ୍ପ ଜାଣିଥିଲେ। କାତାର ଏୟାରବେସରେ ଇରାନ ଆକ୍ରମଣ ପରେ ବି ଟ୍ରମ୍ପ ଆଶ୍ଚର୍ଯ୍ୟଜନକ ଭାବେ ଚୁପ୍ ରହିଥିଲେ। ଆଗକୁ କାହାର କୌଣସି କ୍ଷତି ହେବନି ବୋଲି କହିଥିଲେ। ଆଗୁଆ ନୋଟିସ ଦେଇଥିବାରୁ ସେ ଇରାନକୁ ଧନ୍ୟବାଦ ଦେଇଥିଲେ। ଏହା ପରେ ଟ୍ରମ୍ପ ଶାନ୍ତି ଦୂତ ସାଜିଥିଲେ। ସଂଘର୍ଷରେ ଆମେରିକାର କୌଣସି କ୍ଷତି ହୋଇ ନ ଥିଲା। ୱାଶିଂଟନ ନିଜ କ୍ଷମତା ମଧ୍ୟ ପ୍ରଦର୍ଶନ କରିଥିଲା। ଶେଷରେ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠାର ଶ୍ରେୟ ନିଜକୁ ଦେବାକୁ ପଛାଇ ନ ଥିଲେ। ଏହା ଆମେରିକା ପାଇଁ ବିଜୟ ସ୍ଥିତି ଭଳି। ସେହିପରି ଇରାନରେ ଆକ୍ରମଣ କରି ୧୪ ପରମାଣୁ ବୈଜ୍ଞାନିକଙ୍କୁ ହତ୍ୟା, ଏୟାର ଡିଫେନ୍ସ ସିଷ୍ଟମ, ପରମାଣୁ କେନ୍ଦ୍ର ଧ୍ୱଂସ ସହିତ ଅନେକ କ୍ଷୟକ୍ଷତି କରିଥିବା ଦାବି କରିଥିଲା। ଏହି ଯୁଦ୍ଧରେ ଆମେରିକାକୁ ସାମିଲ କରିବା ଇସ୍ରାଏଲର ବଡ଼ ସଫଳତା ଥିଲା। ଆମେରିକା ତେଲ ଆଭିଭକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଜଣାଇ ଦେଇଥିଲା। ଚଳିତ ବର୍ଷ ଦେଶରେ ନିର୍ବାଚନ ହେଉଥିବାରୁ ଏହା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଛବି ମଜବୁତ ହୋଇଥିଲା। ତେଣୁ ସେ ଅସ୍ତ୍ରବିରତିର ଶ୍ରେୟ ନେବାରେ ଲାଗିଛନ୍ତି।

ଅନ୍ୟପଟେ ଇରାନ ନିଜର ତିନି ଶହ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଇସ୍ରାଏଲ ଉପରେ ଆକ୍ରମଣ କରି ଯୁଦ୍ଧରେ ସାମିଲ ହୋଇଥିଲା। କିନ୍ତୁ ଯୁଦ୍ଧରେ ଆମେରିକା ସାମିଲ ହେବା ଇରାନ ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିଥିଲା। ନିଜର ପ୍ରତିଷ୍ଠା ବଞ୍ଚାଇବା ପାଇଁ ଇରାନ ଆମେରିକା ଏୟାରବେସ୍ ଉପରେ ଆକ୍ରମଣ କରିବାକୁ ବି ପଛାଇ ନ ଥିଲା। ବଙ୍କରରେ ଥାଇ ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମେନେଇ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। କାତାର ମଧ୍ୟ ଇରାନର ଘନିଷ୍ଠ ସହଯୋଗୀ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏଲ ଉଦିଦ ଏୟାରବେସ ଉପରେ ଆକ୍ରମଣ ପୂର୍ବରୁ ଆମେରିକାକୁ ଇରାନ ଆଗୁଆ ସୂଚନା ପ୍ରଦାନ କରିଥିଲା। ଏହି ଆକ୍ରମଣ କରି ଇରାନ ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ଯୁଦ୍ଧରେ କୌଣସି ଆମେରିକୀୟ ନାଗରିକ ପ୍ରାଣ ହରାଇଥିଲେ ସ୍ଥିତି ଭୟଙ୍କର ହୋଇଥାନ୍ତା ବୋଲି ଇରାନ ଜାଣିଥିଲା। ତେଣୁ ସେ ଆଲୋଚନାର ରାସ୍ତାକୁ ଉନ୍ମୁକ୍ତ ରଖିଥିଲା। ଏହାପରେ ଆମେରିକା କିମ୍ବା ଇରାନ କେହି ଆକ୍ରମଣ କରି ନ ଥିଲେ। ଏହା ଦ୍ୱାରା ଇରାନ ନିଜ ଛବିକୁ ଦୃଢ଼ କରିଥିଲା।

## ଇରାନର ୪୦୦ କେଜି ୟୁରାନିୟମ ଗାଏବ

ୱାଶିଂଟନ, ୨୪।୬ (ଏଜେନ୍ସି): ଯେଉଁ ଉଦ୍ଦେଶ୍ୟ ରଖି ଆମେରିକା ଇରାନ ପରମାଣୁ ଠିକଣାରେ ଆକ୍ରମଣ କରିଥିଲା ତାହା ଶତ ପ୍ରତଶତ ସଫଳ ହୋଇପାରି ନ ଥିଲା। କାରଣ ଆମେରିକାର କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଇରାନ ୪୦୦ କେଜି ୟୁରାନିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲା। ଏହାକୁ ନେଇ ଆମେରିକା ଛାନିଆ ହୋଇଯାଇଛି। ୧୦ଟି ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଏହି ୟୁରାନିୟମ ଯଥେଷ୍ଟ ବୋଲି ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି। ଏହି ୟୁରାନିୟମ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ପୁଣିଥରେ ଗତି ଦେବ ବୋଲି ଆମେରିକା ସନ୍ଦେହ କରୁଛି।

ଇରାନ ପରମାଣୁ ଅସ୍ତ୍ର ହାସଲ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲା। ୟୁରାନିୟମର ୬୦ ପ୍ରତିଶତ ସୁଦ୍ଧତା ହାସଲ କରି ନେଇଥିଲା। କିନ୍ତୁ ୯୦ ପ୍ରତିଶତ ସୁଦ୍ଧତା ହାସଲ କରିବା ପରେ ଯାଇ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିହେବ। ଏହା ସହିତ ପରମାଣୁ ଚୁକ୍ତି ନେଇ ଆମେରିକା ଇରାନ ଉପରେ ଚାପ ପକାଇବାରେ ଲାଗିଛି। ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି। ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଫର୍ଦୋ ପରମାଣୁ କେନ୍ଦ୍ର ବାହାରେ ୧୬ଟି ଟ୍ରକ୍ ଛିଡ଼ା ହୋଇଥିଲା। ଏହି ପରମାଣୁ କେନ୍ଦ୍ର ପାହାଡ କାଟି ନିର୍ମାଣ କରାଯାଇଛି। ତେଣୁ ଏହା କ୍ଷେପଣାସ୍ତ୍ର ଆକ୍ରମଣକୁ ବି ସହି ନେଉଥିଲା। ଏହାକୁ ଦେଖି ଆମେରିକାକୁ ବଙ୍କର ବଷ୍ଟର ପକାଇବା ପାଇଁ ଇସ୍ରାଏଲ ଅନୁରୋଧ କରିଥିଲା। ଏହା ପରେ ବି-୨ ବମ୍ବର୍ସ ମାଧ୍ୟମରେ ଆମେରିକା ଆକ୍ରମଣ କରିଥିଲା। ତେବେ ଏଠାରୁ ଇରାନ କେଉଁଠିକୁ ୟୁରାନିୟମ ସ୍ଥାନାନ୍ତର କଲା ବୋଲି ଜଣାପଡ଼ି ନାହିଁ।

ପୂର୍ବରୁ ପରମାଣୁ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିବା ପାଇଁ ରୁଷ୍ ଇରାନକୁ କହିଥିଲା। କିନ୍ତୁ ଇସ୍ଫାହନ ରାଜଧାନୀ ନିକଟସ୍ଥ କୌଣସି ଭୂତଳ କେନ୍ଦ୍ରକୁ ଏହି ୟୁରାନିୟମ ନିଆଯାଇଛି ବୋଲି ଆମେରିକା ଏବଂ ଇସ୍ରାଏଲ ଆଶଙ୍କା କରୁଛନ୍ତି। ଇଣ୍ଟରନ୍ୟାସନାଲ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ)ର ଅଧ୍ୟକ୍ଷ କହିଛନ୍ତି ଯେ ଇସ୍ରାଏଲର ପ୍ରଥମ ଆକ୍ରମଣ ସମୟରେ ଏହି କେନ୍ଦ୍ର ଉପରେ ଲକ୍ଷ୍ୟ ରଖାଯାଇଥିଲା। ଖୁବଶୀଘ୍ର ଏହାର ଯାଞ୍ଚ ଆରମ୍ଭ କରାଯିବ। କିନ୍ତୁ ସେ ଚେତାବନୀ ଦେଇ କହିଛନ୍ତି ଯେ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରଖିବା ପାଇଁ ଖୁବଶୀଘ୍ର ଚର୍ଚ୍ଚା ଆରମ୍ଭ ହେବା ଉଚିତ। କିନ୍ତୁ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏଥିରେ ବିଳମ୍ବ ହୋଇଚାଲିଛି। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଇସ୍ରାଏଲ ଏବଂ ଆମେରିକା ଭିନ୍ନ ଭିନ୍ନ ଦାବି କରୁଛନ୍ତି। ଆକ୍ରମଣ ଦ୍ୱାରା ପରମାଣୁ କାର୍ଯ୍ୟକ୍ରମ ତିନି ବର୍ଷ ପଛୁଆ ହୋଇଯାଇଛି ବୋଲି ଇସ୍ରାଏଲ ଦାବି କରୁଥିବାବେଳେ ଠୁଳ ୟୁରାନିୟମରୁ କିଛି ସପ୍ତାହ ମଧ୍ୟରେ ତେହେରାନ ପରମାଣୁ ଅସ୍ତ୍ର ନିର୍ମାଣ କରିପାରେ।

## ମଧ୍ୟପ୍ରାଚ୍ୟରୁ ସ୍ୱଦେଶ ଫେରିଲେଣି ୨, ୨୯୫ ଭାରତୀୟ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଇରାନ, ଇସ୍ରାଏଲ ଓ ଅନ୍ୟ ଦେଶଗୁଡିକରୁ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର ଅପରେସନ ସିନ୍ଧୁ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ଏହି ଅପରେସନ ମାଧ୍ୟମରେ ମୋଟ ଉପରେ ୨, ୨୯୫ ନାଗରିକଙ୍କୁ ଭାରତ ଅଣାଗଲାଣି। ମଙ୍ଗଳବାର ଭୋର ସମୟରେ ୨୯୨ ଜଣ ଭାରତୀୟଙ୍କୁ ଇରାନର ମସାଦ ସହରରୁ ଅଣାଯାଇଛି ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି। ଆବଶ୍ୟକ ସମୟରେ ବିଶ୍ୱର ଯେକୌଣସି ସ୍ଥାନରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ସବୁ ବ୍ୟବସ୍ଥା କରିବାକୁ ଆମେ ବଦ୍ଧପରିକର। ଜୋର୍ଡାନ ଓ ଇଜିପ୍ଟ ଭଳି ଦେଶରୁ ମଧ୍ୟ ଭାରତୀୟଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି



ଭାରତୀୟ ବାୟୁ ସେନା ତରଫରୁ କୁହାଯାଇଛି। ମଙ୍ଗଳବାର ବାୟୁସେନାର ଅମାନ ଦେଇ ଇସ୍ରାଏଲରୁ ୩୨୬ ଜଣ ନଗରିକଙ୍କୁ ଭାରତ ଆଣିଛି। ଭାରତୀୟ ବାୟୁସେନାର ସି-୧୭ ବିମାନ ୧୬୫ଜଣ ଭାରତୀୟଙ୍କୁ ସକାଳେ ଇସ୍ରାଏଲରୁ ଆଣିଛି। ସେହିପରି ଆଉ ଏକ ପର୍ଯ୍ୟାୟରେ ୧୬୧ ଜଣ ଭାରତୀୟଙ୍କୁ ଇସ୍ରାଏଲ୍‌ରୁ ନୂଆଦିଲ୍ଲୀ ଅଣାଯାଇଛି। ଏମାନେ ସମସ୍ତେ ଇସ୍ରାଏଲରୁ ଓମାନ ବାଟ୍ ଦେଇ ଫେରିଛନ୍ତି। କେବଳ ଭାରତୀୟ ନୁହଁ ଶ୍ରୀଲଙ୍କା ନାଗରିକଙ୍କୁ ମଧ୍ୟ ଭାରତ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛି। ଉଲ୍ଲେଖଥାଉ କି, ୬ଟି ମଧ୍ୟପ୍ରାଚ୍ୟ ଦେଶରେ ୯୦ ଲକ୍ଷ ଭାରତୀୟ ରହୁଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ ସର୍ବାଧିକ ୩୫.୫ ଲକ୍ଷ, ସାଉଦି ଆରବରେ ୨୬ ଲକ୍ଷ, କୁଏତରେ ୧୧ ଲକ୍ଷ, କତାରରେ ୭.୪୫ ଲକ୍ଷ, ଓମାନରେ ୭.୭୯ ଲକ୍ଷ ଓ ବାହାରିନ୍‌ରେ ୨.୨୩ ଲକ୍ଷ ଭାରତୀୟ ବସବାସ କରୁଛନ୍ତି।

## ଇସ୍ରାଏଲ- ଇରାନ୍ ଯୁଦ୍ଧ ଯୋଗୁଁ ଦେଶରେ ୬୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାତିଲ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପଶ୍ଚିମ ଏସିଆରେ ଇସ୍ରାଏଲ- ଇରାନ ଯୁଦ୍ଧ କାରଣରୁ ଭାରତରେ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ମଧ୍ୟପ୍ରାଚ୍ୟରେ ସ୍ଥିତି ଉତ୍ତେଜନାମୂଳକ ହେବା କାରଣରୁ ଏୟାରସ୍ପେସ୍ ବନ୍ଦ କରାଯାଇଥିଲା। ଫଳରେ ଏପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଛି। କେବଳ ଦିଲ୍ଲୀ ବିମାନ ବନ୍ଦରରେ ୪୮ ଟି ଉଡାଣ ବାତିଲ ହୋଇଛି। ସେହିପରି ଜୟପୁର ଏୟାରପୋର୍ଟରେ ୬ଟି ଫ୍ଲାଇଟ୍ ବାତିଲ ହୋଇଛି। ଲକ୍ଷ୍ନୌ ଏୟାର ପୋର୍ଟରୁ ଅବୁଧାବି ଓ ସାରଝା ଯିବାକୁ ଥିବା ୨ଟି ବିମାନର ଉଡାଣ ବାତିଲ ହୋଇଥିଲା। ସେହିପରି ଅହମଦାବାଦ ଆସିବାକୁ ଥିବା ୫ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଏଥିରେ ଲଣ୍ଡନ, ଆବୁଧାବି, ଦୁବାଇ, କୁଏତ୍ ଓ ଦୋହାରୁ ଆସିବାକୁ ଥିବା ବିମାନ ସାମିଲ ରହିଛି। ସେହିପରି ଅମୃତସରରୁ ଦୁବାଇ ଯିବାକୁ ଥିବା ଫ୍ଲାଇଟ୍ ଏସ୍‌ଜି-୫୫କୁ ମଧ୍ୟ ବାତିଲ କରିବାକୁ ହୋଇଥିଲା। ଇତିମଧ୍ୟରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ଫଳରେ ଧିରେ ଧିରେ ବିମାନ ଉଡାଣ ପୁଣିଥରେ ଆରମ୍ଭ ହୋଇଛି।

## ରାଜସ୍ଥାନରେ ଲଜ୍ଜା: ଉଦୟପୁରରେ ଫ୍ରାନ୍ସ ମହିଳା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ

ଉଦୟପୁର, ୨୪।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଫ୍ରେଞ୍ଚ୍ ମହିଳା ପର୍ଯ୍ୟଟକ ଏଠାରେ ଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୁକ୍ତଙ୍କ ସହ ଏକ ପାର୍ଟିରେ ସାକ୍ଷାତ ହୋଇଥିଲା ବୋଲି ଫ୍ରେଞ୍ଚ୍ ମହିଳା ଜଣକ କହିଛନ୍ତି। ଗୁରୁବାର ଏ ନେଇ ପୁଲିସ ସୂଚନା ଦେବା ସହ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଅଭିଯାନ ଆରମ୍ଭ କରିଛି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଜୁନ୍ ୨୨ରେ ଦିଲ୍ଲୀରୁ ମହିଳା ଜଣକ ଉଦୟପୁରରେ ପହଞ୍ଚିଥିଲେ ଓ ଅମ୍ବାମାତା ଅଞ୍ଚଳରେ ଏକ ହୋଟେଲରେ ରହିଥିଲେ। ସୋମବାର ଟାଇଗର ହିଲସ୍ଥିତ ଗ୍ରୀକ୍ ଫାର୍ମ କେଫ୍ ଆଣ୍ଡ ରେଷ୍ଟୋ କେଫ୍‌ରେ ମହିଳା ଜଣକ ଏକ ପାର୍ଟିରେ ଯୋଗ ଦେଇଥିଲେ। ସେଠାରେ ଅଭିଯୁକ୍ତ ଶ୍ରୀକାନ୍ତଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦର୍ଶନୀୟ ସ୍ଥାନ ବୁଲାଇ ନେବାକୁ ଶ୍ରୀକାନ୍ତ ତାଙ୍କୁ



କହିଥିଲା। ବୁଲିବା ଅବସରରେ ସେ ତାଙ୍କୁ ଏକ ଆପାର୍ଟମେଣ୍ଟକୁ ନେଇଥିଲା। ଆପାର୍ଟମେଣ୍ଟରେ ପସିବା ପରେ ଶ୍ରୀକାନ୍ତ ତାଙ୍କ ସହ ଅସଦାଚରଣ କରିଥିଲା। ବିରୋଧ କରିବା ସତ୍ତ୍ୱେ ଶ୍ରୀକାନ୍ତ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାପରେ ଅସୁସ୍ଥ ହୋଇ ପଡ଼ିଥିବାରୁ ମହିଳା ଜଣକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ସେ ବିପଦମୁକ୍ତ ଅଛନ୍ତି ବୋଲି କୁହାଯାଇଛି। ଫ୍ରେଞ୍ଚ ଦୂତାବାସକୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପୂର୍ବରୁ ମଧ୍ୟ ଏକାଧିକବାର ବିଦେଶୀ ମହିଳା ପର୍ଯ୍ୟଟକଙ୍କ ବିରୋଧରେ ଏହି ଅପରାଧ ଘଟିଛି।

## ନିଟ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଝିଅକୁ ବାଡ଼େଇ ମାରିଲା ବାପା

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ମହାରାଷ୍ଟ୍ର ସଙ୍ଗଲି ଜିଲ୍ଲାରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ) ମକ୍ ଟେଷ୍ଟରେ କମ୍ ନମ୍ବର ରଖିବାରୁ ଜଣେ ଝିଅକୁ ତା'ର ବାପା ବାଡେଇ ମାରିଛି। ଧୋଣ୍ଡିରାମ୍ ଭଗବାନ ବୋନସଲେ ନାମକ ଏହି ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ ଗିରଫ



କରିଛି। ଧୋଣ୍ଡିରାମ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରିନ୍‌ସିପାଲ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଦ୍ୱାଦଶ ଶ୍ରେଣୀରେ ପଢ଼ୁଥିବା ଏହି ଝିଅର ନାମ ସାଧନା। ସେ ନିଟ୍ ପାଇଁ ପ୍ରସ୍ତୁତି କରୁଥିଲା। ସାଧନାଙ୍କ ମା ପ୍ରୀତି ବୋନସଲେ ଧୋଣ୍ଡିରାମଙ୍କ ବିରୋଧରେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଧୋଣ୍ଡିରାମ ସାଧନାଙ୍କୁ ବାଡିରେ ପିଟିବା ଫଳରେ ସେ ଆହତ ହୋଇଥିଲା। ପରଦିନ ସକାଳେ ପ୍ରୀତି ଝିଅକୁ ମେଡିକାଲ ନେଇଥିଲେ। ସ୍ଥିତି ଆହୁରି ଖରାପ ହେବାରୁ ସାଧନାଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଅବସରରେ ସାଧନା ମୃତ୍ୟୁବରଣ କରିଥିଲା। ୧୦ମ ଶ୍ରେଣୀରେ ଝିଅ ୯୫ ପ୍ରତିଶତ ନମ୍ବର ରଖିଥିଲା। ସେ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିଲା। କିନ୍ତୁ ସେ ନିଟ୍ ପରୀକ୍ଷାରେ କମ୍ ନମ୍ବର ରଖିଥିଲା ବୋଲି ପ୍ରୀତି କହିଛନ୍ତି। ମାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲସି ଧୋଣ୍ଡିରାମଙ୍କ ବିରୋଧରେ ମାମଲା ରୁଜୁ କରିଛି। ତାଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରାଯାଇଛି।

**ପ୍ରେମିକକୁ ଫସାଇବା ପାଇଁ...**

## ୧୨ ରାଜ୍ୟକୁ ବୋମା ଧମକ ଦେଇ ମହିଳା ଇଞ୍ଜିନିୟର ଗିରଫ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଏକପାଖିଆ ପ୍ରେମ କରୁଥିଲେ। କିନ୍ତୁ ଯୁବକ ତାଙ୍କୁ ପସନ୍ଦ କରୁ ନଥିଲେ। ଅନ୍ୟ ଜଣେ ଯୁବତୀଙ୍କୁ ସେ ବିବାହ କରି ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରେମିକର ଜୀବନକୁ ନଷ୍ଟ କରିଦେବାକୁ ଚାହୁଁଥିଲେ। ତାଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଥିଲେ। ସେଥିପାଇଁ ୧୨ ରାଜ୍ୟକୁ ଇମେଲ ପଠାଇ ୨୧ ଥର ବୋମା ଧମକ ଦେଇଥିଲେ। ଏବେ ଏହି ଯୁବତୀଙ୍କୁ ଚେନ୍ନଇରୁ ଗିରଫ କରାଯାଇଛି। ଅହମଦାବାଦ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ରୋବୋଟିକ୍ସ ଇଞ୍ଜିନିୟର ଥିବା ଏହି ଯୁବତୀଙ୍କ ନାମ ରେନି ଜୋସିଲ୍ଡା ବୋଲି ଜଣାପଡ଼ିଛି।

ରେନି ଡିଲୟେଟରେ ସିନିୟର କନସଲ୍‌ଟାଣ୍ଟ ଭାବେ କାମ କରୁଛନ୍ତି। ସେ ନିଜ ଅଫିସର ଜଣେ ଯୁବକଙ୍କୁ ଏକପାଖିଆ ଭାବେ ଭଲ ପାଉଥିଲେ। ତାଙ୍କୁ ଫସାଇବା ପାଇଁ ନିଜ ପରିଚୟ ଏବଂ ଠିକଣା ଲୁଚାଇ ଥିଲେ। ଜାଲ୍ ଇମେଲ ଆଇଡି, ଭର୍ଚୁଆଲ ପ୍ରାଇଭେଟ ନେଟୱାର୍କ (ଭିପିଏନ) ଏବଂ ଡାର୍କ ୱେବ ବ୍ୟବହାର କରି ଧମକ ଦେଇଥିଲେ। ସେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ, ଜୟପୁରର ଏମଏମଏସ ଷ୍ଟାଡିୟମ ଉଡାଇବାକୁ ଧମକ ଦେଇଥିଲେ।



ଏହା ବ୍ୟତୀତ ଅହମଦାବାଦ ବିମାନ ଦୁର୍ଘଟଣା ପରେ ଇମେଲ ପଠାଇ ନିଜକୁ ଦାୟୀ କରିଥିଲେ। ଆଜି ମଧ୍ୟ ଗୁଜରାଟ ହାଇକୋର୍ଟକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲା। ଏଥିରେ ବି ରେନିଙ୍କ ନାମ ରହିଛି। ଏହା ପୂର୍ବ ନିର୍ଦ୍ଧାରିତ ଇ-ମେଲ ହୋଇପାରେ ବୋଲି ପୁଲିସ କହିଛି। ଅହମଦାବାଦ ଯୁଗ୍ମ ପୋଲିସ କମିଶନର (କ୍ରାଇମବ୍ରାଞ୍ଚ) ଶରଦ ସିଂଘଲ କହିଛନ୍ତି ଯେ ରେନି ତାଙ୍କ ସହଯୋଗୀ ଦିବିଜ ପ୍ରଭାକର ଏବଂ ପାକିସ୍ତାନ ୱେବ୍ ଭଳି ନାମ ବ୍ୟବହାର କରି ଧମକ ପଠାଇଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦- ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୨୦୦୯- ପପ୍ ଗାୟକ ମାଇକେଲ୍ ଜ୍ୟାକସନ୍‌ଙ୍କ ଦେହାନ୍ତ।
- ୨୦୧୧- ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ନାବିକ ଦିବସ ପାଳନ କରାଗଲା।

# ଏହି କାରଣରୁ ଅଟକିଛି 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ



ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ର ସୁଟିଂ ଅଚାନକ ଅଟକି ଯିବାରୁ ତାଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଫିଲ୍ମର କେତେଜଣ କଳାକାରଙ୍କୁ ସେମାନଙ୍କ ପାରିଶ୍ରମିକ ନ ମିଳିବାରୁ ଫିଲ୍ମ ସୁଟିଂ ବନ୍ଦ ହୋଇଯାଇଥିବା ନେଇ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ସୁଟିଂ ଅଟକି ରହିବାର ପ୍ରକୃତ କାରଣ ସାମ୍ନାକୁ ଆସିଛି। ଏହାର ସମ୍ପର୍କ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ରହିଛି। ଫିଲ୍ମର ସୁଟିଂ କାଶ୍ମୀରରେ ହେବାର ଥିଲା। ସୁଟିଂରେ ହେଲିକପ୍ଟର, ୨୫୦ଟି ଘୋଡ଼ା, ୧୨୦୦ ଜୁନିୟର କଳାକାର ସାମିଲ ହେବାର ଥିଲା। ଏବେ ସୁରକ୍ଷା କାରଣରୁ ପହଲଗାମ ସୁଟିଂକୁ ସ୍ଥଗିତ ରଖାଯାଇଛି। ବର୍ଷାଦିନ ସରିଲେ ଏହାର ସୁଟିଂ ଅନ୍ୟ ସ୍ଥାନରେ କରାଯିବ ବୋଲି ଖବର ଆସିଛି। ଏନେଇ 'ୱେଲକମ୍ ଟୁ ଦ ଜଙ୍ଗଲ' ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, 'ଫିଲ୍ମର ୭୦% ସୁଟିଂ ସରିଛି। ୩୦% କାଶ୍ମୀରରେ ସୁଟ୍ ହେବାର ଥିଲା। କିନ୍ତୁ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସୁଟିଂକୁ ଟାଳି ଦିଆଯାଇଛି। ବର୍ଷା ଦିନ ପରେ ନୂଆ ଲୋକେସନ୍‌ରେ ସୁଟ୍ କରାଯିବ।' ଅହମ୍ମଦ ଖାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ ସୁନୀଲ ସେଟ୍ଟୀ, ପରେଶ ରାୱଲ, ଅନୀଲ କପୁର, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରବିନା ଟଣ୍ଡନ ପ୍ରମୁଖ ନଜର ଆସିବେ।

## ମହିଳାଙ୍କ ଅଜବ ସଉକ

# ୪୨ କୋଟିର ଘର ପାଲଟିଲା ଅଳିଆଗଦା



ସାଧାରଣତଃ ଲୋକେ ଘରକୁ ପରିଷ୍କାର ରଖିବାକୁ ଚାହାନ୍ତି। ଏଥିପାଇଁ ଘରକୁ ନିୟମିତ ରୂପେ ଝାଡ଼ୁପୋଛା କରି ସ୍ୱଚ୍ଛ ରଖିଥାନ୍ତି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ ଘରେ ଅଳିଆ ଜମା କରିବାକୁ ପସନ୍ଦ କରନ୍ତି। ସେମିତି ଜଣେ ମହିଳା ହେଲେ ଚେଙ୍ଗ। ୬୦ ବର୍ଷିୟା ଏହି ବୃଦ୍ଧାଙ୍କର ଏଭଳି ଖରାପ ଅଭ୍ୟାସ ଯୋଗୁ ପଡ଼ୋଶୀମାନେ ମଧ୍ୟ ନାକେଦମ୍ ହୋଇଗଲେଣି। ଚେଙ୍ଗଙ୍କ ଫ୍ଲାଟ୍‌ର ମୂଲ୍ୟ ୪୨ କୋଟି ଟଙ୍କାରୁ ଅଧିକ ହେଲେ ହେଁ ସେ ଏହାକୁ ଅଳିଆଗଦା କରି ରଖିଛନ୍ତି। ଦୀର୍ଘ ବର୍ଷ ହେଲାଣି ସେ ଘରେ ଅଳିଆ ଗଦେଇ ରଖିଛନ୍ତି। ତାଙ୍କ ଫ୍ଲାଟ୍ ୨୭ ମହଲାରେ ଥିବାବେଳେ ଏହି ମହଲାଟି ଚେଙ୍ଗଙ୍କ ଯୋଗୁଁ ଦୁର୍ଗନ୍ଧମୟ ହୋଇଯାଇଛି। ତାଙ୍କର ଏହି ଅଭ୍ୟାସ ଯୋଗୁ ପଡ଼ୋଶୀ ଫ୍ଲାଟ୍ ଛାଡ଼ି ଯିବାକୁ ମଧ୍ୟ ସ୍ଥିର କରିଥିଲେ। ସେ ବୋତଲ, ପ୍ଲାଷ୍ଟିକ୍ ବ୍ୟାଗରୁ ଆରମ୍ଭ କରି ବଳକା ଖାଦ୍ୟ ପର୍ଯ୍ୟନ୍ତ ସବୁକୁ ଘରେ ସାଇତି ରଖନ୍ତି। ଚେଙ୍ଗ ଇଟାଲୀରୁ ଆଣିଥିବା ୨୭ ଲକ୍ଷ ଟଙ୍କାର ସୋଫା ଏବେ ଅଳିଆଗଦା ପାଲଟିଛି। ଚେଙ୍ଗଙ୍କ ପଡ଼ୋଶୀମାନଙ୍କ କହିବାନୁଯାୟୀ, ତାଙ୍କ ଘର ବାହାରେ ମାଛି, ମଶା, ବିଛା, ଅସରପା ସାଙ୍ଗକୁ ମଲା ମୂଷା ପଡ଼ିଥିବାର ଅନେକ ସମୟରେ ଦେଖିବାକୁ ମିଳିଥାଏ। ଚେଙ୍ଗଙ୍କୁ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଏପରି ସମସ୍ୟା କର ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ସେ କିନ୍ତୁ କାହାରି କଥା ଶୁଣି ନ ଥିଲେ। ବାରମ୍ବାର ଅଭିଯୋଗ ପରେ ଅଧିକାରୀମାନେ ଚେଙ୍ଗଙ୍କ ଝିଅ ସହିତ କଥା ହୋଇଥିଲେ। ପ୍ରଥମେ ସେ ନିଜ ମାଆଙ୍କୁ ବୁଝାଇବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏହି ମାମଲାରେ ପଡ଼ିବେନି ବୋଲି କହିଥିଲେ। ଏହାପରେ ଅଧିକାରୀ ଚେଙ୍ଗଙ୍କ ସ୍ୱାମୀଙ୍କୁ ଯୋଗାଯୋଗ କରିଥିଲେ। ସେ ତାଙ୍କୁ ମାନସିକ ରୋଗୀ ବୋଲି କହିଥିଲେ। ସେ ଖୁବ୍‌ଶୀଘ୍ର ଚେଙ୍ଗଙ୍କ ଚିକିତ୍ସା କରାଇବେ ବୋଲି କହିଛନ୍ତି। ସେହିପରି ଚେଙ୍ଗଙ୍କ ଶୌଚାଳୟ, ବାଥ୍‌ଟବ୍, ବେଡ୍‌ରୁମ୍ ଏପରିକି ହଲ୍ ମଧ୍ୟ ଅଳିଆରେ ପୂର୍ଣ୍ଣ ହୋଇଛି। କିନ୍ତୁ ସେ ଏହି ଅଳିଆ ଗଦା କରି ନଥିବା ଚେଙ୍ଗ କହିଛନ୍ତି। ପଡ଼ୋଶୀମାନେ ତାଙ୍କୁ ପାଗଳ ସାବ୍ୟସ୍ତ କରିବା ପାଇଁ ତାଙ୍କ ଘରେ ଏସବୁ ଅଳିଆ ଆବର୍ଜନା ଜମା କରିଥିବା ଚେଙ୍ଗ କହନ୍ତି।

## ରେସ୍ତୋରାଁର ଅଜବ ନିୟମ

# ଗ୍ରାହକ କମ୍ ହେଲେ ଜରିମାନା

ଅନେକ ହୋଟେଲ ଓ ରେସ୍ତୋରାଁ ସେମାନଙ୍କ ଅଜବ ନିୟମ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଯାହା ଶୁଣିବାକୁ ବେଶ୍ ଅସ୍ୱାଭାବିକ ଲାଗିଥାଏ। ଏହି କ୍ରମରେ ଏକ ଫ୍ରେଞ୍ଚ ରେସ୍ତୋରାଁର ଅଜବ ନିୟମ ଭାଇରାଲ ହୋଇଛି। ନିୟମ ଅନୁଯାୟୀ, ରେସ୍ତୋରାଁ ମଧ୍ୟକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଅତିଥିଙ୍କଠାରୁ କମ୍ କିମ୍ବା ଅଧିକ ଆସିଲେ ଏଥିପାଇଁ ଜରିମାନା ଦେବାକୁ ପଡ଼ିବ ବୋଲି ଲେଖାଯାଇଛି। ଅମ୍ବୋଇଜରେ ଥିବା ଲିଲାଟ ନାମକ ରେସ୍ତୋରାଁର ସେଫ୍ ଏବଂ ମ୍ୟାନେଜର ଓଲିଭିୟ ଭିସେଣ୍ଟ ଦୀର୍ଘଦିନ ଧରି ଏକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କ ରେସ୍ତୋରାଁରେ ମୋଟ ୨୦ ଟି ସିଟ୍ ରହିଛି। ଲୋକେ ପାର୍ଟି ଆୟୋଜନ କରିବାର ଥିଲେ ୨୦ ଟି ସିଟ୍ ବୁକ୍ କରିଥାନ୍ତି। କିନ୍ତୁ ଅନେକ ସମୟରେ ଲୋକମାନେ କମ୍ ଆସନ୍ତି। ଫଳରେ ରେସ୍ତୋରାଁକୁ କ୍ଷତି ସହିବାକୁ ପଡ଼ୁଥିଲା। ସେହିପରି ବୁକିଂ ସିଟ୍‌ରୁ ଅଧିକ ଲୋକ ହେଲେ ମଧ୍ୟ ରେସ୍ତୋରାଁକୁ ଏଥିପାଇଁ ସମସ୍ୟା ହେଉଥିଲା। ତେବେ ମ୍ୟାନେଜରଙ୍କୁ ପ୍ରତି ସପ୍ତାହରେ ଏଭଳି ସମସ୍ୟାର ସାମ୍ନା କରିବାକୁ ପଡ଼ୁଥିଲା। ଏଥିପାଇଁ ତାଙ୍କୁ ବ୍ୟବସାୟରେ ଅଧିକ କ୍ଷତି ସହିବାକୁ ପଡ଼ୁଥିଲା। ତେଣୁ ସେ ଫେସବୁକ୍‌ରେ ଏକ ପୋଷ୍ଟ ସେୟାର କରିଥିଲେ। ନିୟମ ଅନୁଯାୟୀ, ରେସ୍ତୋରାଁ ରିସେପସନରେ ପଞ୍ଜୀକୃତ ହୋଇଥିବା ସଂଖ୍ୟାଠାରୁ କମ୍ କିମ୍ବା ଅଧିକ ଲୋକେ ଆସିଲେ ଏଥିପାଇଁ ଜଣକ ବାବଦରେ ଭାରତୀୟ ମୁଦ୍ରାରେ ୧୪୦୦ ଟଙ୍କା ନିଆଯିବ। ତେବେ ରେସ୍ତୋରାଁର ଏହି ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କିଛି ଜଣ ମ୍ୟାନେଜରଙ୍କ ଏଭଳି ନିଷ୍ପତ୍ତିକୁ ସମର୍ଥନ କଲାବେଳେ ଆଉ କିଛି ଜଣ ସମାଲୋଚନା କରିଛନ୍ତି।



# ସମ୍ଭାବନା

## ଫ୍ରିଲାନ୍ସିଂ ପୂର୍ବରୁ



**ଫ୍ରିଲାନ୍ସିଂରେ କ୍ୟାରିୟର କରିବାର ଅନେକ ବିକଳ୍ପ ଅଛି। ଏଥିରେ ସ୍ୱାଧୀନ ଭାବେ କାମ କରାଯାଏ। ଫ୍ରିଲାନ୍ସିଂ ମାଧ୍ୟମରେ ଚାକିରି ସହିତ ଅତିରିକ୍ତ ଆୟ କରିବା ସମ୍ଭବପର। ତେବେ ଫ୍ରିଲାନ୍ସିଂ କରିବା ପୂର୍ବରୁ କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବା ଦରକାର, ସେ ସମ୍ପର୍କରେ ଜାଣିବା।**

- ଯେଉଁ କ୍ଷେତ୍ରରେ ରୁଚି ଅଛି ତାହାକୁ ପ୍ରଥମେ ଜାଣନ୍ତୁ।
- ରୁଚି ଥିବା କାମରେ ଫ୍ରିଲାନ୍ସିଂ କରିବା ଭଲ।
- ଅନଲାଇନ୍ ମାଧ୍ୟମରେ କିଛି କାମ ଶିଖି, ଫ୍ରିଲାନ୍ସିଂ କରିପାରିବେ।
- ଫ୍ରିଲାନ୍ସିଂ ଯେଉଁ କ୍ଷେତ୍ରରେ କରିବାକୁ ଚାହୁଁଛନ୍ତି, ତା'ସହିତ ଜଡ଼ିତ ୱେବ୍‌ସାଇଟ୍‌ରେ ଆକାଉଣ୍ଟ ତିଆରି କରନ୍ତୁ। ଏହା ଦ୍ୱାରା କାମ ଖୋଜିବା ସହଜ ହୁଏ।
- ଫ୍ରିଲାନ୍ସିଂ କରିବା ପୂର୍ବରୁ ମାର୍କେଟ୍ ରିସର୍ଚ୍ଚ କରିବା ଜରୁରି।
- ଫ୍ରିଲାନ୍ସିଂରେ କାମ କରିବାକୁ ହେଲେ ତାହାକୁ ସମୟ ମଧ୍ୟରେ ପୂରା କରିବାକୁ ହୋଇଥାଏ।

# ୱାର୍କେସନ୍
## ବୁଲାବୁଲି ସହିତ କାମ



**ଅଫିସ୍ କାମ ଓ ବୁଲାବୁଲି ଏକକାଳୀନ କରିବାକୁ 'ୱାର୍କେସନ୍' କୁହାଯାଉଛି। ଏହାଦ୍ୱାରା ଅଫିସ୍‌ରେ ଛୁଟି ନ ମିଳିଲେ ବି ଜଣେ ଆଖପାଖ ସ୍ଥାନକୁ ବୁଲିବାକୁ ଯାଇ ସେଠାରେ ବସି କାମ କରିପାରିବେ। କରୋନାରେ ଘରୁ କାମ କରିବା ପରମ୍ପରା ଆରମ୍ଭ ହେବା ପରେ ହିଁ କାମ କରିବାର ଏହି ନୂଆ ଉପାୟ ଲୋକପ୍ରିୟତା ସାଉଁଟୁଛି।**

- 'ୱାର୍କ' ଏବଂ 'ଭାକେସନ୍' ଶବ୍ଦରୁ 'ୱାର୍କେସନ୍' ହୋଇଛି। ଛୁଟି ସହିତ କାମ କରିବା ଧାରାକୁ ଏହା ବୁଝାଏ। ଏହା ଦ୍ୱାରା କାମ ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ। କେବଳ ସେତିକି ନୁହେଁ, ଏହା ମାଧ୍ୟମରେ ଜଣେ ବ୍ୟକ୍ତି କାମକୁ ଉପଭୋଗ କରି ଖୁସିର ସହିତ କାମ କରିଥାନ୍ତି। ୱାର୍କେସନ୍ ଅସ୍ଥାୟୀ ହୋଇଥାଏ। କାରଣ କିଛି ସମୟ ପରେ କର୍ମଚାରୀ ପୁଣି କାର୍ଯ୍ୟାଳୟରୁ ନିଜ କାମ କରନ୍ତି। ତେବେ ଯେଉଁ କମ୍ପାନି ସ୍ଥାୟୀ ଭାବେ କର୍ମଚାରୀଙ୍କୁ ଘରୁ କାମ କରିବାର ସୁବିଧା ଦିଏ, ସେମାନଙ୍କ ପାଇଁ ୱାର୍କେସନ୍ ହେଉଛି ଏକ ସୁନ୍ଦର ବିକଳ୍ପ। ତେଣୁ କର୍ମଚାରୀ ଏବଂ କମ୍ପାନି ମଧ୍ୟରେ ୱାର୍କେସନ୍‌କୁ ନେଇ ଏକ ଉତ୍ତମ ବୁଝାମଣା ହେବା ଦରକାର।
- ତେବେ ୱାର୍କେସନର ପ୍ରଧାନ ଉପକରଣ ହେଉଛି ଲାପଟପ୍। ଲାପଟପ୍ ଥିଲେ କେଉଁଠୁ ବି କାମ କରିବା ସହଜ। ୱାର୍କେସନ୍ ମାଧ୍ୟମରେ କର୍ମଚାରୀ ସ୍ଥାୟୀ ଭାବେ ଯାତ୍ରା କରି ନ ଥାନ୍ତି। ୱାର୍କେସନ୍ ସମୟରେ କର୍ମଚାରୀ କିଛି ସପ୍ତାହ ପାଇଁ ଅନ୍ୟ ସ୍ଥାନକୁ ଯାଇ ସେଠାରେ ରହନ୍ତି। ଏହାର ଲୋକପ୍ରିୟତା ବି ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ କର୍ମଚାରୀ ନିଜ ଚାକିରିକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିପାରିବେ।
- ୱାର୍କେସନ୍ ବିଭିନ୍ନ ଦୃଷ୍ଟିରୁ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରେ। ଏହା ସେମାନଙ୍କ କାମ ଚାପକୁ କମ୍ କରିଥାଏ। ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି ପାଏ। ବେଳେ ବେଳେ ଏହା କର୍ମଚାରୀଙ୍କୁ ସମସ୍ୟାରେ ମଧ୍ୟ ପକାଇପାରେ। କିଛି କାମ ଠିକ୍ ସ୍ଥାନରେ ଠିକ୍ ସମୟରେ କରିବାକୁ ହୋଇଥାଏ, ଯାହାକି ୱାର୍କେସନ୍ ଦ୍ୱାରା ସମ୍ଭବ ହୋଇ ନ ଥାଏ। ଅନ୍ୟପକ୍ଷରେ ମଲଟିଟାସ୍କିଂ ବା ଏକକାଳୀନ ଅନେକ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହାକୁ ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

# ଇନଷ୍ଟାଗ୍ରାମ୍‌ର 'ରିପୋଷ୍ଟ ଫିଚର୍'

ଫଟୋ ଏବଂ ଭିଡିଓ ସେୟାରିଂ ପ୍ଲାଟ୍‌ଫର୍ମ ହେଉଛି ଇନଷ୍ଟାଗ୍ରାମ। ବିଭିନ୍ନ ସମୟରେ ବ୍ୟବହାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ଏଥିରେ ନୂଆ ନୂଆ ଫିଚର୍ ସାମ୍ନାକୁ ଆସେ। ତେବେ ଏବେ କମ୍ପାନି ଆଉ ଏକ ନୂଆ ଫିଚର୍ ଉପରେ କାମ କରୁଛି। ଯାହାର ନାଁ 'ରିପୋଷ୍ଟ ଫିଚର୍'। ଏହାଦ୍ୱାରା ବ୍ୟବହାରକାରୀ ଅନ୍ୟର ପୋଷ୍ଟ ଏବଂ ରିଲ୍ସକୁ ସିଧାସଳଖ ନିଜ ପ୍ରାଇମେରି ଫିଡ୍‌ରେ ସେୟାର୍ କରିପାରିବେ। ଇନଷ୍ଟାଗ୍ରାମ୍‌ରେ ଏବେ ସୁଦ୍ଧା ଅନ୍ୟ କାହାର ପୋଷ୍ଟକୁ ସେୟାର୍ କରିବା ଲାଗି ବ୍ୟବହାରକାରୀଙ୍କୁ ଭିନ୍ନ ଭିନ୍ନ ଉପାୟର ସାହାରା ନେବାକୁ ପଡ଼ୁଥିଲା। ଏଇ ଯେମିତି ସ୍କ୍ରିନ୍ ସଟ୍ ଦ୍ୱାରା ସେୟାର୍ କରିବା, ଥାର୍ଡ ପାର୍ଟି ଆପ୍ ବ୍ୟବହାର କରିବା ନଚେତ୍ ପୋଷ୍ଟକୁ ନିଜ ଷ୍ଟୋରିରେ ସେୟାର୍ କରିବା। ଅବଶ୍ୟ ଏହି ରିପୋଷ୍ଟ ଫିଚର୍ ଦ୍ୱାରା ଏବେ ଏସବୁ କିଛି ବ୍ୟବହାରକାରୀଙ୍କୁ କରିବାକୁ ପଡ଼ିବ ନାହିଁ।

ନୂଆ ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ନିଜ ପୋଷ୍ଟ ସହ ଅନ୍ୟର ରିଲ୍ସ ଆଦିକୁ ପୁଣି ଥରେ ସେୟାର୍ କରିପାରିବେ। ସେହିପରି କୌଣସି ପୋଷ୍ଟକୁ ରିପୋଷ୍ଟ କଲେ, ପ୍ରୋଫାଇଲରେ ଏକ ଅଲଗା 'ରିପୋଷ୍ଟ' ଦେଖାଇବ। ଅନ୍ୟପକ୍ଷରେ ଏହି ଫିଚର୍ ଉପରେ ପରୀକ୍ଷା ଚାଲିଛି। ଖୁବ୍‌ଶୀଘ୍ର ଏହା ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ।

# ଆତ୍ମସମୀକ୍ଷାରୁ ଆତ୍ମବିଶ୍ୱାସ ବୃଦ୍ଧି

ସମସ୍ତଙ୍କୁ ଶୋଇବା ପୂର୍ବରୁ ରାତିରେ କିଛି ସମୟ ଆତ୍ମସମୀକ୍ଷା କରିବା ନିହାତି ଦରକାର। ଏହାଦ୍ୱାରା ନିଜକୁ ବୁଝିବା ସହଜ ହୁଏ। ଆତ୍ମସମୀକ୍ଷାର ଅର୍ଥ ହେଉଛି, ନିଜ ଅଭ୍ୟାସ, ନିଷ୍ପତ୍ତି, ବିଚାରଧାରାକୁ ବୁଝିବା। ଏପରିକି ଏହା ଦ୍ୱାରା ନିଜେ କରିଥିବା କୌଣସି ଭୁଲ୍‌କୁ ସୁଧାରିବା ସହଜ ହୁଏ। ତେବେ ଆତ୍ମସମୀକ୍ଷା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହା ଦ୍ୱାରା କ୍ରୋଧକୁ ନିୟନ୍ତ୍ରଣରେ ରଖିବା ସହଜ ହୁଏ। କେବଳ ସେତିକି ନୁହେଁ, ଚାପ ଏବଂ ଚିନ୍ତାକୁ ସହଜରେ ନିୟନ୍ତ୍ରଣ କରି ହୁଏ। ଆତ୍ମସମୀକ୍ଷା ଦ୍ୱାରା ନିର୍ଣ୍ଣୟ ନେବା କ୍ଷମତା ମଜଭୁତ ହୁଏ। ଏହା ଦ୍ୱାରା କିଛି ନୂଆ ଶିଖିବାର କୌଶଳ ନିଜ ଭିତରେ ବୃଦ୍ଧି ପାଏ। ଅନ୍ୟପଟେ ଆତ୍ମସମୀକ୍ଷା କରିବାର ସବୁଠୁ ଉତ୍ତମ ଉପାୟ ହେଉଛି ନିଜକୁ ନିଜେ ପ୍ରଶ୍ନ କରିବା। ଏଇ ଯେମିତି ଦିନକ ଭିତରେ କେଉଁ କଥା ସମସ୍ୟାରେ ପକାଇଛି, କ'ଣ ନୂଆ ଶିଖିବାକୁ ମିଳିଲା ଭଳି ଆଉ କିଛି ପ୍ରଶ୍ନ ନିଜକୁ ପଚରା ଯାଇପାରିବ।





ସକାଳ
THE SAKALA
www.sakalaepaper.com

### ଭାରତର ୫ଟି ଶତକ ବ୍ୟର୍ଥ, ଅଧା ଡଜନେ କ୍ୟାଚ୍ ହାତଛଡ଼ା ମହଙ୍ଗା ପଡ଼ିଲା

# ପ୍ରଥମ ଟେଷ୍ଟରେ ଇଂଲଣ୍ଡର ବାଜିମାତ୍

ଲିଡ୍ସ, ୨୪।୬ (ଏଜେନ୍ସି)

ଗୋଟିଏ ଟେଷ୍ଟରେ ୫ଟି ଶତକ, ଉଭୟ ଇନିଂସରେ ୱିକେଟରକ୍ଷକ ଋଷଭ ପନ୍ତଙ୍କ ଶତକ କିମ୍ବା ଯଶପ୍ରୀତ୍ ବୁମ୍‌ରାଙ୍କ ୫ ୱିକେଟ ସଫଳତା କିଛି କାମ ଦେଲାନି। ଘରୋଇ ଦଳର ବ୍ୟାଟର ଦେଇଥିବା ଅଧାଡଜନେରୁ ଅଧିକ କ୍ୟାଚ୍‌କୁ ଧରି ନ ପାରିବା ଫଳରେ ଏଠାରେ ମଙ୍ଗଳବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଭାରତକୁ ଏହି ମ୍ୟାଚ୍ ହାତଛଡ଼ା କରିବାକୁ ପଡ଼ିଛି। ଶେଷରେ ଭାରତକୁ ୫ ୱିକେଟରେ ପରାସ୍ତ କରି ଘରୋଇ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ଏହି ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ୮ ଦିନ ପରେ ବର୍ମିହାମ୍‌ର ଏଜବାଷ୍ଟନରେ ଜୁଲାଇ ୨ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଯୋଡ଼ିରେ ଏଠାରେ ଇଂଲଣ୍ଡ ଏକ ଶ୍ରେଷ୍ଠ ଟେଷ୍ଟ ବିଜୟ ହାସଲ କରିଛି। ବାଜ୍‌ବଲ ଆଗରେ ହାର୍ ମାନିଛି ଭାରତ।

ଏହି ଟେଷ୍ଟରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୪୬୫ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ପାଳିରେ ୬ ରନ୍‌ରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ଇନିଂସରେ ୩୬୪ ରନ୍ କରିଅଲଆଉଟ ହୋଇଥିଲା। ଏହା ଫଳରେ ଇଂଲଣ୍ଡକୁ ଏହି ମ୍ୟାଚ୍ ଜିତିବା ଲାଗି ପାଖାପାଖି ୯୬ ଓଭରରେ ୩୭୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଚତୁର୍ଥ ଦିନରେ ଇଂଲଣ୍ଡ ବିନା ୱିକେଟରେ ୨୧ ରନ୍ ଭରଣା କରିଥିଲା। ୫ମ ଦିନରେ ଦୁଇ ଓପନର ବେନ୍ ଡକେଟ (୧୪୯) ଓ ଜ୍ୟାକ୍ କ୍ରଲୀ (୬୫) ପ୍ରଥମ ୱିକେଟରୁ ୧୮୮ ରନ୍ ଉଠାଇ ଦଳକୁ ବିଜୟ ରାସ୍ତାରେ ନେଇଯାଇଥିଲେ। ମଝିରେ ଦୁଇ ଥର ବର୍ଷା ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଓଭରରେ ଡକେଟ ଓ ବ୍ରୁକ୍ (୦)ଙ୍କୁ ଆଉଟ କରି ଭାରତ ଲାଗି ମ୍ୟାଚ୍ ବଞ୍ଚାଇବାର ଆଶା ସଞ୍ଚାର କରିଥିଲେ। ଜୋ ରୁଟ୍ ତୃତୀୟ ୱିକେଟରେ ଡକେଟଙ୍କ ସହ ୪୭ ଓ ପଞ୍ଚମ ୱିକେଟରେ ବେନ୍ ଷ୍ଟୋକ୍ସଙ୍କ ସହ ୪୯ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିନେଇଥିଲେ। ଏହି ସମୟରେ ଷ୍ଟୋକ୍ସ (୩୦)ଙ୍କୁ ଆଉଟ କରି ରବୀନ୍ଦ୍ର ଜାଡେଜା ଏହି ଯୋଡି ଭାଙ୍ଗିଦେଇଥିଲେ। ଏହି ସମୟରେ ମ୍ୟାଚ୍ ଜିତିବାକୁ ଆଉ ୬୯ ରନ୍ ଆବଶ୍ୟକ ହେଉଥିଲା। ରୁଟ୍ ଓ ଯୁବ ୱିକେଟରକ୍ଷକ ଜେମି ସ୍ମିଥ୍ ୬ଷ୍ଠ ୱିକେଟରେ ୭୧ ରନ୍ ଉଠାଇ ଇଂଲଣ୍ଡକୁ ବିଜୟୀ କରାଇଥିଲେ। ରୁଟ ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ୫୪ ଓ ଶେଷ ବଲ୍‌ରେ ଜାଡେଜାଙ୍କୁ ଛକା ମାରି ଜିତାଇଥିବା ସ୍ମିଥ୍ ୪୪ ରନ୍ କରିଥିଲେ। ରୁଟ ୮୪ ବଲ୍‌ର ସାମ୍ନା କରି ୬ଟି ଚୌକା ମାରିଥିଲାବେଳେ ସ୍ମିଥ୍ ମାତ୍ର ୫୫ ବଲ୍ ଖେଳି ୪ ଚୌକା ଓ ୨ଛକା ସହାୟତାରେ ଏହି ସ୍କୋର କରିଥିଲେ।

ଆଜି ରବୀନ୍ଦ୍ର ଜାଡେଜାଙ୍କ ଯାଦୁକରୀ ବୋଲିଂ କିମ୍ବା ବର୍ଷା ଭାରତକୁ ପରାଜୟରୁ ରକ୍ଷା କରି ପାରି ନ ଥିଲା। ଭାରତ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏଁ ୱିକେଟ ନେଇଥିଲେ। ପ୍ରତିପକ୍ଷ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଆଉଟ କରିଥିଲେ ଜାଡେଜା। ଏହା ସତ୍ତ୍ୱେ ଭାରତ ଏହି ମ୍ୟାଚ୍ ଜିତିବାରେ ସମର୍ଥ ହୋଇ ନ ଥିଲା। ୩୫୦ ରନ୍‌ରୁ ଊର୍ଦ୍ଧ୍ୱ ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ବିପକ୍ଷରେ ଇଂଲଣ୍ଡ ପୂର୍ବରୁ ଏଠାରେ ୨ଥର ବିଜୟୀ ହୋଇଛି। ଏଜ୍‌ବାଷ୍ଟନରେ ଭାରତ ପ୍ରଦତ୍ତ ୩୭୮ ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ସହଜରେ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଭାରତ ଆରମ୍ଭରୁ ଭଲ ସ୍ଥିତିରେ ରହିଥିଲା। ପ୍ରଥମ ୪ ଦିନ ଉଭୟ ଦଳ ପ୍ରାଧାନ୍ୟ ବିସ୍ତାର କରିବାକୁ ସଂଘର୍ଷ କରିଥିଲେ।



ବେନ୍ ଡକେଟ୍: ମ୍ୟାନ୍ ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ** : ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।

**ଇଂଲଣ୍ଡ ପ୍ରଥମ ଇନିଂସ**: ୪୬୫ (ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା- ୩/୧୨୮, ସିରାଜ- ୨/୧୨୨)।

**ଭାରତ ଦ୍ୱିତୀୟ ଇନିଂସ**: ୩୬୪ (ରାହୁଲ-୧୩୭, ପନ୍ତ-୧୧୮, ଟଙ୍ଗ୍-୩/୭୨, କାର୍ସ-୩/୮୦, ବସିର-୨/୯୦)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ** : ୩୭୩/୫, ୮୨ ଓଭର (ଡକେଟ-୧୪୯, କ୍ରଲୀ-୬୫, ରୁଟ୍ -୫୩*, ଶାର୍ଦ୍ଦୁଳ-୨/୫୧, କ୍ରିଷ୍ଣା- ୨/୯୨)।

## ତୃତୀୟଥର କଳାପଟି ବାନ୍ଧିଲେ ଖେଳାଳି

ଏଠାରେ ଚାଲିଥିବା ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ମଙ୍ଗଳବାର କଳାପଟି ବାନ୍ଧି ଖେଳିଥିଲେ। ଏହା କାରଣ ଥିଲା ଗତକାଲି ରାତିରେ ଭାରତୀୟ କ୍ରିକେଟର ଦିଲୀପ ଦୋଶୀଙ୍କ ବିୟୋଗ। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ଏହି ମ୍ୟାଚ୍‌ର ୫ମ ଦିନରେ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହା ପୂର୍ବରୁ ତୃତୀୟ ଦିନ ଇଂଲଣ୍ଡର କ୍ରିକେଟର ଡାନ ଲରେନ୍ସଙ୍କ ପରଲୋକ ଯୋଗୁଁ ମଧ୍ୟ ଉଭୟ ଖେଳାଳିମାନେ କଳାପଟି ବାନ୍ଧିଥିଲେ। ପ୍ରଥମ ଦିନ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ଆତ୍ମାକୁ ସମ୍ମାନ ଜଣାଇ ଉଭୟ ଖେଳାଳିମାନେ ହାତରେ କଳାପଟି ବାନ୍ଧି ଖେଳିଥିଲେ।

## ଋଷଭ ପନ୍ତ୍ ଦଣ୍ଡିତ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଦଣ୍ଡିତ ହୋଇଛନ୍ତି। ଦଣ୍ଡସ୍ୱରୂପ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି ଓ ଏଭଳି କାମ ଆଉଥରେ ନ କରିବାକୁ ଚେତାବନୀ ଦିଆଯାଇଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଇଂଲଣ୍ଡ ପ୍ରଥମ ଇନିଂସର ୬୧ତମ ଓଭର ବେଳେ ବଲର ଆକାର ଖରାପ ହୋଇଥିବା ନେଇ ପନ୍ତ ଫିଲ୍ଡ ଅମ୍ପାୟାର ପଲ ରିଫେଲଙ୍କୁ ଦେଖାଇଥିଲେ। ଏହି ବଲ୍‌କୁ ବଦଳାଇବା ଲାଗି ମଧ୍ୟ ଦାବି କରିଥିଲେ। କିନ୍ତୁ ରିଫେଲ ଏହି ଦାବିର ପରୀକ୍ଷା କରିବା ପରେ ବଲର ଆକାରରେ କୌଣସି ଅସୁବିଧା ନାହିଁ ବୋଲି କହିବା ସହ ବଲ ବଦଳାଇବାକୁ ମନା କରିଦେଇଥିଲେ। ଏହା ଫଳରେ ପନ୍ତ ନିରାଶ ହେବା ସହ ବଲ୍‌କୁ ପଡ଼ିଆରେ ଫିଙ୍ଗିଦେଇଥିଲେ। ତାଙ୍କର ଏଭଳି ଆଚରଣ ଆଇସିସି ଆଚରଣ ସଂହିତାର ଧାରା ୨.୮ ଅନୁଯାୟୀ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯାଇଛି। ଗତ ୨୪ ମାସ ମଧ୍ୟରେ ପନ୍ତଙ୍କର ଏହା ପ୍ରଥମ ଅପରାଧ ହୋଇଥିବାରୁ ଡିମେରିଟ୍ ପଏଣ୍ଟ ସହ ଚେତାବନି ଦିଆଯାଇ ଛାଡିଦିଆଯାଇଛି। ପନ୍ତ ଏହି ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ଭାରତର ୭ମ ବ୍ୟାଟର ଓ ପ୍ରଥମ ୱିକେଟ ରକ୍ଷକ।




## ୪ଟି କ୍ୟାଚ୍ ଡ୍ରପ୍ କଲେ ଜୟସ୍ୱାଲ

ଲିଡ୍ସ, ୨୪।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର କ୍ଷେତ୍ରରକ୍ଷଣ ସବୁଠାରୁ ଦୁର୍ବଳ ହୋଇଥିଲା। ଏଥିରେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବାକୁ ମିଳିଥିବା ସୁଯୋଗ ମଧ୍ୟରୁ ଭାରତୀୟ ଫିଲ୍ଡରମାନେ ଅଧା ଡଜନେରୁ ଅଧିକ କ୍ୟାଚ୍ ଡ୍ରପ୍ କରିଥିଲେ। ଏହା ମଧ୍ୟରୁ କେବଳ ଓପନର ଯଶସ୍ୱୀ ଜୟସ୍ୱାଲ ୪ଟି କ୍ୟାଚ୍ ଡ୍ରପ କରି ଜଣେ ଭାରତୀୟ ଭାବେ ଗୋଟିଏ ଟେଷ୍ଟରେ ସର୍ବାଧିକ କ୍ୟାଚ୍ ଛାଡିବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସରେ ସେ ୩ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଏ ସବୁ କ୍ୟାଚ୍ ବୁମ୍‌ରାଙ୍କ ବୋଲିଂରୁ ମିଳିଥିଲା। ପ୍ରଥମ ଇନିଂସରେ ବୁମ୍‌ରାଙ୍କ ବୋଲିଂରେ ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ମଧ୍ୟ ଗୋଟିଏ ଲେଖାଏଁ କ୍ୟାଚ୍ ଡ୍ରପ୍ କରିଥିଲେ। ଏହାର ଫଳ ଭାରତକୁ ଭୋଗିବାକୁ ପଡ଼ିଛି। ଏହି ମ୍ୟାଚ୍‌ର ମଙ୍ଗଳବାର ଖେଳ ଶେଷ ଦିନରେ ପ୍ରତିପକ୍ଷ ଓପନର ବେନ୍ ଡକେଟ ୯୭ ରନ୍ କରିଥିଲାବେଳେ ଡିପ୍ ବ୍ୟାକ୍‌ୱାର୍ଡରେ ଦେଇଥିବା କ୍ୟାଚ୍‌କୁ ଜୟସ୍ୱାଲ ଧରି ପାରି ନ ଥିଲେ। ଫଳରେ ବୋଲର ମହମ୍ମଦ୍ ସିରାଜ ଓ ଭାରତୀୟ ଟିମ୍ ନିରାଶ ହୋଇଥିଲେ। ଏହି କ୍ୟାଚ୍ ଡ୍ରପ ଯୋଗୁଁ ପ୍ରଥମ ଟେଷ୍ଟ ଭାରତ ନିକଟରୁ ହାତଛଡ଼ା ହୋଇଯାଇଥିଲା।



## ରିଙ୍କୁ-ପ୍ରିୟାଙ୍କ ବିବାହ ଫେବୃଆରୀକୁ ଘୁଞ୍ଚିଲା



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଭାରତୀୟ ଯୁବ କ୍ରିକେଟର୍ ରିଙ୍କୁ ସିଂ ଓ ସାଂସଦ ପ୍ରିୟା ସରୋଜଙ୍କ ମଧ୍ୟରେ ଚର୍ଚ୍ଚିତ ବିବାହ ନଭେମ୍ବର ୧୯ରେ ବାରଣାସୀରେ ହେବାର କାର୍ଯ୍ୟସୂଚୀ ରହିଥିଲା। ତେବେ ସଦ୍ୟ ରିପୋର୍ଟ ମୁତାବକ, ଏହି ବିବାହକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତାବର୍ଷ ଫେବୃଆରୀରେ ବିବାହ ଲାଗି ନୂଆ ସମୟ ଧାର୍ଯ୍ୟ ହୋଇଛି। କିନ୍ତୁ ତାରିଖ ଧାର୍ଯ୍ୟ ହୋଇ ନ ଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ନଭେମ୍ବରରେ ରିଙ୍କୁଙ୍କ ଘରୋଇ କ୍ରିକେଟ୍‌ର ବ୍ୟସ୍ତ କାର୍ଯ୍ୟସୂଚୀକୁ ନଜରରେ ରଖି ବିବାହକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଲକ୍ଷ୍ନୌରେ ଏକ ଜାକଜମକ ଉତ୍ସବରେ ରିଙ୍କୁ ଓ ପ୍ରିୟାଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ପ୍ରିୟା ସମାଜବାଦୀ ପାର୍ଟିର ସାଂସଦ ଥିବାରୁ ଏହା ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ଅଭିନେତ୍ରୀ ଜୟା ବଚ୍ଚନ, ଭାରତୀୟ କ୍ରିକେଟର୍ ଭୁବନେଶ୍ୱର କୁମାରଙ୍କ ସମେତ ଏକାଧିକ ସେଲିବ୍ରିଟ ଏହି ନିର୍ବନ୍ଧରେ ଉପସ୍ଥିତ ରହିଥିଲେ।

## କାଉଣ୍ଟି ପଦାର୍ପଣରେ ତିଲକ ବର୍ମାଙ୍କ ଶତକ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ଭାରତୀୟ ସୀମିତ ଓଭର କ୍ରିକେଟ ବିଶେଷଜ୍ଞ ତିଲକ ବର୍ମା ବିଶ୍ୱର ଖ୍ୟାତନାମା କାଉଣ୍ଟି କ୍ରିକେଟର ପଦାର୍ପଣରେ ଶତକ ହାସଲ କରିଛନ୍ତି। ହାଇଦରାବାଦର ଏହି ଖେଳାଳି କାଉଣ୍ଟି ଚାମ୍ପିଅନସିପ୍‌ରେ ହାମ୍ପସାୟର ପକ୍ଷରୁ ପ୍ରତିନିଧିତ୍ୱ କରି ଇସେକ୍ସ ବିପକ୍ଷରେ ଶତକ ହାସଲ କରିଛନ୍ତି। ଚେମ୍ସଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସେ ୨୩୯ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ଶତକୀୟ ପାଳିରେ ୧୧ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହା ସହ ସେ ଲିଆମ ଡାୱସନଙ୍କ ସହ ମିଶି ୫ମ ୱିକେଟ ଭାଗୀଦାରିରେ ୧୩୩ ରନ୍ ଉଠାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତିଲକଙ୍କ ଷଷ୍ଠ ଶତକ। ଏହା ପୂର୍ବରୁ ସେ ହାଇଦରାବାଦ୍ ପକ୍ଷରୁ ରଣଜୀ ଟ୍ରଫିରେ ୩ଟି, ଭାରତ-ଏ’ ପକ୍ଷରୁ ଖେଳି ନ୍ୟୁଜିଲାଣ୍ଡ ଓ ଦକ୍ଷିଣାଞ୍ଚଳ ପକ୍ଷରୁ ଦୁଲୀପ ଟ୍ରଫି ଖେଳି ଗୋଟିଏ ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତ ପକ୍ଷରୁ ୪ଟି ଦିନିକିଆ ଓ ୨୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ତିଲକ ଏବେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଖେଳୁଛନ୍ତି।



## କ୍ଲବ୍ ବିଶ୍ୱକପ୍: ପ୍ରି-କ୍ୱାର୍ଟରରେ ଇଣ୍ଟର ମିଆମି

ସିନ୍‌ସିନାଟି, ୨୪।୬ (ଏଜେନ୍ସି): ଲିଓନେଲ ମେସୀ ଓ କାର୍ଲୋସ ସୁଆରେଜ୍ ଗୋଲ ସ୍କୋର କରିବାରେ ବିଫଳ ହେବା ଫଳରେ ଏଠାରେ ମଙ୍ଗଳବାର ସକାଳେ ଅନୁଷ୍ଠିତ ଗ୍ରୁପ୍-ଏ’ ମ୍ୟାଚ୍‌ରେ ଇଣ୍ଟର ମିଆମି ୨-୨ ଗୋଲରେ ପାଲମେଇରାସ ସହ ମ୍ୟାଚ୍ ଡ୍ର ରଖିଛି। ଏହା ଫଳରେ ଉଭୟ ଦଳ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗ୍ରୁପ୍-ଏ’ର ପ୍ରଥମ ସ୍ଥାନରେ ରହିଥିବା ପାଲମେଇରାସ ପ୍ରି-କ୍ୱାର୍ଟରରେ ନିଜ ଦେଶ ବ୍ରାଜିଲ୍‌ର ବୋଟାଫୋଗୋ ସହ ଖେଳିବେ। ସେହିପରି ଅନ୍ୟଏକ ମୁକାବିଲାରେ ପ୍ୟାରିସ ସେଣ୍ଟ ଜର୍ମେନ ସହ ମେସୀଙ୍କ ଇଣ୍ଟର ମିଆମି କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା କରିବ। ଆମେରିକାର ଏକମାତ୍ର କ୍ଲବ୍ ଭାବେ ଇଣ୍ଟର ମିଆମି ଫିଫା କ୍ଲବ୍ ବିଶ୍ୱକପ୍ ନକ୍‌ଆଉଟରେ ପ୍ରବେଶ କରିଛି।

## ସାତ୍ତ୍ୱିକ, ପ୍ରଣତୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୬ (ସମିସ): ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ପ୍ରଣତୀ ନାୟକ ଓ ୯ ବର୍ଷରୁ କମ୍ ୩୮ତମ ଜାତୀୟ ଚେସ୍‌ରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର କ୍ରୀଡ଼ା ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାଂସ୍ୟ ପଦକ ବିଜୟିନୀ ପ୍ରଣତୀଙ୍କୁ ୭୫ ହଜାର ଟଙ୍କା ଓ ସାତ୍ତ୍ୱିକଙ୍କୁ ୩୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ୧୦ ପଏଣ୍ଟ ରଖି ସାତ୍ତ୍ୱିକ ଐତିହାସିକ ଟ୍ରଫି ଜିତିଥିଲେ। ପ୍ରଥମଥର ଲାଗି ଓଡ଼ିଶାର ଜଣେ ଚେସ୍ ଖେଳାଳି ଏହି ବୟସବର୍ଗରେ ଜାତୀୟ ଚାମ୍ପିଅନ ହୋଇଥିଲେ। ସେହିଭଳି ପ୍ରଣତୀ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକରେ ଭଲ୍ଟ ଇଭେଣ୍ଟରେ ୩ୟ ସ୍ଥାନରେ ରହି ପଦକ ଜିତିଥିଲେ। ମଙ୍ଗଳବାର ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ବିଜୟାନନ୍ଦ ନାୟକ ଓ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

### ୭୮ତମ ଜାତୀୟ ଜଳକ୍ରୀଡ଼ା

## ସ୍ରିଷ୍ଟି ଜିତିଲେ ତୃତୀୟ ପଦକ

ଭୁବନେଶ୍ୱର, ୨୪।୬ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ଚାଲିଥିବା ୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ତୃତୀୟ ଦିବସରେ ଓଡ଼ିଶାକୁ ୨ ପଦକ ମିଳିଛି। ମହିଳା ୪ ଗୁଣା ୧୦୦ ମିଟର୍ ମେଡଲେ ରିଲେରେ ଓଡ଼ିଶା ଦଳ ରୌପ୍ୟ ପଦକ ଜିତିଛି। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସ୍ରିଷ୍ଟି ଉପାଧ୍ୟାୟ ଓ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନରେ ରହି ଏହି ସଫଳତା ପାଇଥିଲା। ସେହିଭଳି ମହିଳା ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସ୍ରିଷ୍ଟି ୨ ମିନିଟ୍ ୨୩.୧୧ ସେକେଣ୍ଡରେ ଫିନିଶ କରି ୩ୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ଜିତିଛନ୍ତି। ଚାମ୍ପିଅନସିପ୍‌ରେ ସ୍ରିଷ୍ଟିଙ୍କ ଏହା ୩ୟ ପଦକ। ପୂର୍ବରୁ ସେ ପ୍ରଥମ ଦିବସରେ ୧୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅପରପକ୍ଷର ତୃତୀୟ ଦିବସରେ ୩ଟି ନୂଆ ଜାତୀୟ ରେକର୍ଡ ଦେଖିବାକୁ ମିଳିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ୧୫୦୦ ମିଟର ଫ୍ରିଷ୍ଟାଇଲରେ ଦିଲ୍ଲୀର ଭବ୍ୟା ସଚଦେବ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ଦୂରତାକୁ ସେ ୧୭ ମିନିଟ୍ ୩୫.୦୭ ସେକେଣ୍ଡରେ ଫିନିଶ୍ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୫୦ ମିଟର ଫ୍ରିଷ୍ଟାଇଲରେ ଏସ୍. ରୁଜୁଲା ୨୬.୩୬ ସେକେଣ୍ଡରେ ଫିନିଶ୍ କରି ମିଟ୍ ରେକର୍ଡ ସହ ପ୍ରଥମ ସ୍ଥାନରେ ରହିଥିଲେ। ଦିବସର ତୃତୀୟ ମିଟ୍ ରେକର୍ଡ ତାମିଲନାଡୁ ନାମରେ ଲିପିବଦ୍ଧ ହୋଇଛି। ପୁରୁଷ ୪ ଗୁଣା ୧୦୦ ମିଟର ମେଡଲେ ରିଲେ ରେସରେ ତାମିଲନାଡୁ ଦଳ ୩ ମିନିଟ୍ ୪୫.୦୯ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା। ଅପରପକ୍ଷରେ ପୁରୁଷ ୫୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ କର୍ଣ୍ଣାଟକର ଶ୍ରୀହରି ନଟରାଜ (୨୫.୭୦ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ କୁମାର ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ମାଷ୍ଟର୍ସ କପ୍ ହକି: ସେମିରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୪।୬ (ସମିସ): ଚେନ୍ନାଇରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପହଞ୍ଚିଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୧୦-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ସରିତା ଲାକ୍ରା ୫ ଓ ରୋଶନ ସରିତା ମିଞ୍ଜ ୩ଟି ଗୋଲ୍ ଦେଇଥିଲେ। ସେହିଭଳି ଅନ୍ୟ ୩ଟି କ୍ୱାର୍ଟରରେ ପଞ୍ଜାବ, ହରିୟାଣା ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ସେମିଫାଇନାଲରେ ଓଡ଼ିଶାର ମୁକାବିଲା ତାମିଲନାଡୁ ସହ ହେବ। ଅପରପକ୍ଷରେ ପୁରୁଷ ବିଭାଗରେ ବୁଧବାର ଦୁଇଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।



## ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଓଡ଼ିଆଙ୍କ ଚମକ

ଭୁବନେଶ୍ୱର, ୨୪।୬ (ସମିସ)

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଶେଷ ହୋଇଥିବା ଜାତୀୟ ଜୁନିଅର ଫେଡେରେସନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍(୨୦ ବର୍ଷରୁ କମ୍)ର ୨୩ତମ ସଂସ୍କରଣରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରତିଯୋଗିତାର ଶେଷ ଦିବସରେ ମଙ୍ଗଳବାର ଓଡ଼ିଶାକୁ ୨ଟି ପଦକ ମିଳିଛି। ଓମକାର ପ୍ରସାଦ ନନ୍ଦ ପୁରୁଷ ସଟ୍‌ପୁଟ୍‌ରେ ରୌପ୍ୟ ଓ ମହିଳା ହାମର ଥ୍ରୋରେ ଅଙ୍କିତା ମହାପାତ୍ର କାଂସ୍ୟ ପଦକ ଜିତିଛନ୍ତି। ଓମକାର ୧୮.୪୬ ମିଟର ଦୂରକୁ ଫିଙ୍ଗି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଉତ୍ତରପ୍ରଦେଶର ଅନୁରାଗ ସିଂ ୧୮.୯୯ ମିଟର ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିଭଳି ମହିଳା ହାମର ଥ୍ରୋ’ରେ ଅଙ୍କିତା ୪୭.୪୦ ମିଟର ଦୂରତା ହାସଲ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ପୂର୍ବରୁ ସୋମବାର ଓଡ଼ିଶାର ଧାବକ ଅସତିକ ପ୍ରଧାନ ୪୦୦ ମିଟର ରେସରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ଅସତିକ ୪୬.୫୮ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ଓମକାର, ଅସତିକ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।







### ଏସିଆନ୍ ସ୍କ୍ୱାଶ ଚାମ୍ପିଅନସିପ୍

## ଭାରତର ଦୁଇ ପଦକ ନିଶ୍ଚିତ

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): ମାଲେସିଆରେ ଚାଲିଥିବା ଦ୍ୱିତୀୟ ଏସିଆନ ଡବଲ୍ ସ୍କ୍ୱାଶ ଚାମ୍ପିଅନସିପ୍‌ରେ ଭାରତ ଦୁଇ ପଦକ ନିଶ୍ଚିତ କରିଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିବା ସହ ପଦକ ପାଇବା ନିଶ୍ଚିତ ହୋଇଛି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ଅଭୟ ସିଂ ଓ ଭେଲାଭାନ ସେନ୍ଥିଲକୁମାରଙ୍କୁ ନେଇ ଭାରତୀୟ ଯୋଡ଼ି ୧୦-୧୧, ୧୧-୩, ୧୧-୫ରେ କୋରିଆ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ହଂକଂର ଚି ହିମ୍ ୱଙ୍ଗ୍ ଓ ମିଙ୍ଗ୍ ହଙ୍ଗ୍ ତାଙ୍ଗ୍ ଯୋଡ଼ିଙ୍କୁ ଭେଟିବେ। ସେହିଭଳି ମହିଳା ଡବଲ୍ସରେ ଜୋସ୍ନା ଚିନ୍ନାପ୍ପା ଓ ଅନହାତ ସିଂ ମାତ୍ର ୧୨ ମିନିଟ୍‌ରେ ୧୧-୬, ୧୧-୩ରେ ଫିଲିପାଇନ୍ସ ଯୋଡ଼ିଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିଫାଇନାଲରେ ପ୍ରବେଶ କରିଥିବାରୁ ପରାସ୍ତ ହେଲେ ମଧ୍ୟ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS